

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-284 ◆SUNDAY ◆12 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୪ ◆ରବିବାର ◆୧୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ଗାଳିଦେଲେ ୫୦୦ ଟଙ୍କା ଜରିମାନା କିମ୍ବା ଏକ ଘଣ୍ଟା ସଫେଇ ଦଣ୍ଡ

**ମଧ୍ୟପ୍ରଦେଶରେ ଗାଳିମୁକ୍ତ ଗାଁ**

■ ବୁରହାନପୁର, ୧୧।୪ (ଏଜେନ୍ସି): ସାଧାରଣତଃ କୁହାଯାଏ, ଶବ୍ଦ ହିଁ ବ୍ୟକ୍ତିର ସଂସ୍କାର ଓ ପରିଚୟ ପ୍ରଦାନ କରେ। ଏହି କଥାକୁ ବାସ୍ତବ ରୂପ ଦେବା ପାଇଁ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥିତ ବୋରସର ଗ୍ରାମ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି। ଗ୍ରାମରେ ଶାଳୀନତା ବଜାୟ ରଖିବା ଓ କଟୁ ଭାଷା ବ୍ୟବହାର ରୋକିବା ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ଅଭିନବ ନିୟମ ପ୍ରଣୟନ କରାଯାଇଛି। ପଞ୍ଚାୟତ ପକ୍ଷରୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ଯେ, ଯଦି କେହି ସର୍ବସାଧାରଣ ସ୍ଥାନରେ କୌଣସି ଅପଶବ୍ଦ କିମ୍ବା ଗାଳିଗୁଲଜ କରନ୍ତି, ତେବେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଏହିକ୍ରମରେ ଅପଶବ୍ଦ ପ୍ରୟୋଗ କଲେ ୫୦୦ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି କେହି ଜରିମାନା ଦେବାକୁ ଅକ୍ଷମ ହୁଅନ୍ତି, ତେବେ ତାଙ୍କୁ ଗ୍ରାମର କୌଣସି ଏକ ସ୍ଥାନରେ ଏକ ଘଣ୍ଟା ଧରି ସଫେଇ କାର୍ଯ୍ୟ କରିବାକୁ ପଡ଼ିବ। ଡେପୁଟି ସରପଞ୍ଚ ବିନୋଦ ସିନ୍ଦେଙ୍କ ଅନୁସାରେ, ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି, ଛୋଟପିଲା ଓ ବୟସ୍କଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଅସଭ୍ୟ ଭାଷାର ପ୍ରୟୋଗକୁ ରୋକିବା। ଅନେକ ସମୟରେ ଅପଶବ୍ଦ ପ୍ରୟୋଗ ଯୋଗୁଁ ବ୍ୟକ୍ତିଗତ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥାଏ। ଏହି ନିୟମ ଲାଗୁ ହେବାପରେ ଗ୍ରାମରେ ଏକ ଶାନ୍ତ ଓ ସମ୍ମାନଜନକ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ଏବେ ନିଜ ଶବ୍ଦ ଚୟନ ପ୍ରତି ସତର୍କ ରହୁଛନ୍ତି। ଗ୍ରାମର ଯୁବକ ଅଶ୍ୱିନ ପାଟିଲ ଏହି 'ଗାଳିମୁକ୍ତ ଗ୍ରାମ' ଅଭିଯାନର ମୂଳ ପରିକଳ୍ପନା କରିଥିଲେ। ସେ ସରପଞ୍ଚ ଓ ଅନ୍ୟମାନଙ୍କ ସହ ଆଲୋଚନା କରି ▶ପୃଷ୍ଠା-୧୦

## ୧୦ ଦିନ ପରେ ଚନ୍ଦ୍ର ପରିକ୍ରମା କରି ଫେରିଲେ ୪ ମହାକାଶଚାରୀ

■ ୱାସିଂଟନ/ସାନ୍‌ଡିଏଗୋ, ୧୧।୪ (ଏଜେନ୍ସି): ନାସାର ବହୁ ପ୍ରତୀକ୍ଷିତ ଏବଂ ଐତିହାସିକ ଆର୍ଟେମିସ୍-୨ ମିସନ ସଫଳ ହୋଇଛି। ପ୍ରାୟ ୫୦ ବର୍ଷରୁ ଅଧିକ ସମୟ ପରେ ଚନ୍ଦ୍ର ଅଭିମୁଖେ ଯାଇଥିବା ପ୍ରଥମ ମାନବ ମହାକାଶଯାନ 'ଓରିଅନ୍' ୪ଜଣ ମହାକାଶଚାରୀଙ୍କୁ ଧରି ପ୍ରଶାନ୍ତ ମହାସାଗରରେ ସୁରକ୍ଷିତ ଭାବେ ଅବତରଣ କରିଛି। ଏହି ମିସନ ଚନ୍ଦ୍ର ପୃଷ୍ଠରେ ମଣିଷର ଦୀର୍ଘକାଳୀନ ଉପସ୍ଥିତି ଏବଂ ଭବିଷ୍ୟତର ଚନ୍ଦ୍ର ଆଧାର ଶିବିର ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସାନ୍ ଡିଏଗୋ ଉପକୂଳରେ ପାରାଚ୍ୟୁଟ୍ ସାହାଯ୍ୟରେ ଓରିଅନ୍ କ୍ୟାପସୁଲ୍ ସ୍ଥାନୀୟ ସମୟ ରାତି ୮.୦୭ରେ ସମୁଦ୍ର ମଧ୍ୟରେ ଅବତରଣ (ସ୍ପ୍ଲାସ୍ ଡାଉନ୍) କରିଥିଲା। ଏହି ମିସନରେ କମାଣ୍ଡର ରୀଡ୍ ୱାଇସମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍



ଏବଂ କାନାଡାର ଜେରେମି ହାନସେନ୍ ସାମିଲ ଥିଲେ। ନାସା ଅଧିକାରୀଙ୍କ ସୂଚନା ଅନୁଯାୟୀ, ସମସ୍ତ ମହାକାଶଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଛି। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ ସମୟରେ ଓରିଅନ୍ ▶ପୃଷ୍ଠା-୧୦

**ମଧ୍ୟପ୍ରାଚ୍ୟ ଯୁଦ୍ଧ ବିରତି**

# ଇସଲାମାବାଦରେ ଶାନ୍ତି ଆଲୋଚନା

## କଥାବାର୍ତ୍ତା ବିଫଳ ହେଲେ ୩୦ ମିନିଟରେ ଆକ୍ରମଣ: ଟ୍ରମ୍ପ

■ ଇସଲାମାବାଦ/ୱାସିଂଟନ, ୧୧।୪ (ଏଜେନ୍ସି): ଯୁଦ୍ଧବିରତି ଘୋଷଣା ହେବାର ତିନି ଦିନ ପରେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଇରାନ ଓ ଆମେରିକା ମଧ୍ୟରେ ଆଜି ଆଲୋଚନା ଆରମ୍ଭ ହୋଇଛି। ପାକିସ୍ତାନ ମଧ୍ୟସ୍ଥତାରେ ରାଜଧାନୀ ଇସଲାମାବାଦରେ କଡ଼ା ସୁରକ୍ଷା ମଧ୍ୟରେ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଏହା ଉପରେ ସାରା ବିଶ୍ୱର ନଜର ରହିଛି। କେତେକ ସମସ୍ୟାକୁ ନେଇ କଥାବାର୍ତ୍ତା ୫ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବାର ସୂଚନା ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଇସଲାମାବାଦରେ ଆଲୋଚନା ଚାଲିଥିବା ବେଳେ ବିବୃତି ଜରିଆରେ ସେ ଧମକ ଦେଇଛନ୍ତି ଯେ ଆଲୋଚନା ବିଫଳ ହେଲେ ଇରାନ ଉପରେ ୩୦ ମିନିଟ୍ ମଧ୍ୟରେ ପୁଣି



ଆକ୍ରମଣ କରାଯିବ। ଇରାନକୁ ସେ ଏକ ବିଫଳ ରାଷ୍ଟ୍ର ବୋଲି କହିଛନ୍ତି।

ଇସଲାମାବାଦରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆମେରିକା ଓ ଇରାନର ପ୍ରତିନିଧି ଦଳ ପ୍ରଥମେ ପୃଥକ ପୃଥକ ଭାବେ ପାକିସ୍ତାନର ପ୍ରତିନିଧି ଦଳଙ୍କ ସହ ଆଲୋଚନା କରିଥିଲେ। ଯୁଦ୍ଧବିରତି ଆଲୋଚନା ପାଇଁ ସେମାନେ ନିଜ ନିଜର ସର୍ତ୍ତ ପାକିସ୍ତାନ ଜରିଆରେ ଅନ୍ୟ ପକ୍ଷକୁ ଦେଇଥିଲେ। ଏଥିରେ ଅଗ୍ରଗତି ହେବାପରେ ଇରାନ ଓ ଆମେରିକା ପ୍ରତିନିଧି ଦଳଙ୍କ ମଧ୍ୟରେ ସିଧାସଳଖ ▶ପୃଷ୍ଠା-୧୦

### ଇରାନର ପସନ୍ଦ ଜେଡି ଭାନ୍ସ

■ **ଇସଲାମାବାଦ୍:** ମଧ୍ୟପ୍ରାଚ୍ୟରେ ଦୀର୍ଘ ୬ ସପ୍ତାହର ରକ୍ତାକ୍ତ ସଂଘର୍ଷ ପରେ ବିଶ୍ୱ ଶାନ୍ତି ଓ ଅର୍ଥନୀତିକୁ ରକ୍ଷା କରିବା ପାଇଁ ଆମେରିକା ଓ ଇରାନ ମଧ୍ୟରେ ଏକ ଐତିହାସିକ ସନ୍ଧି ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନର ଇସଲାମାବାଦ୍‌ରେ ଏହି ଉଚ୍ଚସ୍ତରୀୟ ବୈଠକରେ ଆମେରିକାର ପ୍ରତିନିଧିତ୍ୱ କରୁଛନ୍ତି ଉପ-ରାଷ୍ଟ୍ରପତି ଜେଡି ଭାନ୍ସ। ମାତ୍ର ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଟ୍ରମ୍ପ ପ୍ରଶାସନର ଏହି ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ନିଜେ ଇରାନ ହିଁ ଆଲୋଚନା ପାଇଁ ପ୍ରଥମ ପସନ୍ଦ ଭାବେ ଗ୍ରହଣ କରାଯାଇଛି। ରିପୋର୍ଟ ଅନୁସାରେ, ଇରାନ ନେତୃତ୍ୱ ଭାନ୍ସଙ୍କୁ ଜଣେ 'ଯୁଦ୍ଧ ବିରୋଧୀ' ନେତା ଭାବେ ଦେଖୁଛନ୍ତି। ଭାନ୍ସ ଜଣେ ନମ୍ର ଓ ଯୁକ୍ତିସଙ୍ଗତ ଚେହେରା ଭାବେ ଉଭା ହୋଇଛନ୍ତି। ଟ୍ରମ୍ପଙ୍କ ନିକଟତମ ବ୍ୟକ୍ତିମାନଙ୍କ ମଧ୍ୟରେ ଭାନ୍ସ ଜଣେ ଏପରି ନେତା, ଯିଏ ଯୁଦ୍ଧ ଅପେକ୍ଷା କୂଟନୈତିକ ସମାଧାନକୁ ଅଧିକ ଗୁରୁତ୍ୱ ଦିଅନ୍ତି। ନ୍ୟୁୟର୍କ ଟାଇମ୍ସ ଅନୁସାରେ, ଭାନ୍ସ ନିଜ ଶାସନ କାଳରେ ସୈନ୍ୟବାହିନୀର ଅହେତୁକ ପ୍ରୟୋଗକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି, ଯାହା ଇରାନ ▶ପୃଷ୍ଠା-୧୦

## ଦିଲ୍ଲୀରେ ୨୦୨୮ ରୁ ପଞ୍ଜିକୃତ ହେବନି ପେଟ୍ରୋଲ ଚାଳିତ ଦୁଇ ଚକିଆ ଯାନ

■ ନୂଆଦିଲ୍ଲୀ, ୧୧।୪ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ସରକାର ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ 'ଇଲେକଟ୍ରିକ୍ ଭେହିକଲ (ଇଭି) ଡ୍ରାଫ୍ଟ ପଲିସି ୨୦୨୬-୨୦୩୦' ଅନୁସାରେ, ଆଗାମୀ ଦିନରେ ପେଟ୍ରୋଲ ଚାଳିତ ଯାନଗୁଡ଼ିକ ଉପରେ କଠୋର କଟକଣା ଲଗାଯିବା ସହ ବୈଦ୍ୟୁତିକ ଯାନ ଚଳାଚଳକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବୃହତ୍ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ନୂତନ ନୀତିରେ ପେଟ୍ରୋଲ ଓ ଡିଜେଲ ଯାନଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହିକ୍ରମରେ ୨୦୨୮ ଏପ୍ରିଲ ପହିଲାରୁ ଦିଲ୍ଲୀରେ କୌଣସି ନୂତନ ପେଟ୍ରୋଲ ଚାଳିତ ଦୁଇଚକିଆ ଯାନ ପଞ୍ଜୀକରଣ କରାଯିବ ନାହିଁ। ସେହିପରି ୨୦୨୭ ଜାନୁଆରୀ ୧ରୁ କେବଳ ବୈଦୁତିକ ତିନିଚକିଆ ଯାନ ପଞ୍ଜୀକରଣ ପାଇଁ ଅନୁମତି ମିଳିବ। ବ୍ୟବସାୟିକ କାର୍ଯ୍ୟରେ ନିୟୋଜିତ ଦୁଇଚକିଆ ଯାନ ଓ ହାଲୁକା ମାଲବାହୀ ଯାନଗୁଡ଼ିକ ୨୦୨୬ ଜାନୁଆରୀ ୧ରୁ କେବଳ ଇଲେକଟ୍ରିକ୍ ହେବା ବାଧ୍ୟତାମୂଳକ। ସେହିପରି ୨୦୩୦ ସୁଦ୍ଧା ସମସ୍ତ ସ୍କୁଲ ବସ୍‌ର ଅତିକମ୍‌ରେ ୩୦ ପ୍ରତିଶତ ବୈଦ୍ୟୁତିକ କରିବାକୁ ଲକ୍ଷ୍ୟ ରଖାଯାଇଛି। ସମସ୍ତ ନୂତନ ସରକାରୀ ଗାଡ଼ି କ୍ରୟ କେବଳ ଇଲେକଟ୍ରିକ୍ ମଡେଲରେ ହେବ। ଏପରିକି ଭଡ଼ାରେ



**ବାୟୁ ପ୍ରଦୂଷଣ ଚିନ୍ତା**

ନିଆଯାଉଥିବା ଯାନଗୁଡ଼ିକ ମଧ୍ୟ ବୈଦୁତିକ ହେବା ଆବଶ୍ୟକ। ଉପଭୋକ୍ତାମାନଙ୍କୁ ଇଭି ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ଆର୍ଥିକ ସହାୟତାର ବ୍ୟବସ୍ଥା କରିଛନ୍ତି। ଦୁଇ, ତିନ ଓ ଚାରି ଚକିଆ ଯାନ ଉପରେ ବ୍ୟାଟେରୀ କ୍ଷମତା ଅନୁସାରେ ସବ୍‌ସିଡି ପ୍ରଦାନ କରାଯିବ। ପୁରୁଣା ପ୍ରଦୂଷଣକରୀ ଗାଡ଼ିକୁ ସ୍କ୍ରାପ୍ ▶ପୃଷ୍ଠା-୧୦

## କିମ୍ବଦନ୍ତୀ କଣ୍ଠଶିଳ୍ପୀ ଆଶାଙ୍କୁ ହୃଦ୍‌ଘାତ



■ ଏପ୍ରିଲ, ୧୧।୪ (ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ହୃଦ୍‌ଘାତର ଶିକାର ହେବା ପରେ ୯୨ ବର୍ଷୀୟ ଆଶାଙ୍କୁ ମୁମ୍ବାଇର ବ୍ରିଚ୍‌କାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କୁ ଜରୁରୀକାଳୀନ ଚିକିତ୍ସା ୟୁନିଟରେ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବେଳେ ପ୍ରଶଂସକ ମହଲରେ ଉଦବେଗ ପ୍ରକାଶ ପାଇଛି। ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବିବୃତ୍ତି ଜାରି କରାଯାଇ ନଥିଲେ ମଧ୍ୟ ସୋସିଆଲ ମିଡିଆରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନାର ସୁଅ ଛୁଟିଛି। ଦୀର୍ଘ ସାତ ଦଶନ୍ଧି ଧରି ଭାରତୀୟ ସଙ୍ଗୀତକୁ ନିଜ କଣ୍ଠରେ ସମୃଦ୍ଧ କରିଥିବା 'ଆଶା'ଙ୍କ ସ୍ୱାସ୍ଥ୍ୟ ଅପଡେଟ୍ ଉପରେ ସମଗ୍ର ଦେଶର ନଜର ରହିଛି। ଦୀର୍ଘ ୮ ଦଶନ୍ଧି ଧରି ସଙ୍ଗୀତ ଦୁନିଆରେ ସକ୍ରିୟ ଥିବା ଆଶା ହିନ୍ଦୀ ସମେତ ୨୦ଟି ଦେଶୀ ବିଦେଶୀ ଭାଷାରେ ୨୦ହଜାରରୁ ଅଧିକ ଗୀତ ଗାଇଛନ୍ତି। ୨୦୦୦ ମସିହାରେ ଦାଦା ସହେବ୍ ଫାଲ୍‌କେ ପୁରସ୍କାର ପାଇଥିବା ବେଳେ ୨୦୦୮ରେ ତାଙ୍କୁ 'ପଦ୍ମ ବିଭୂଷଣ'ରେ ସମ୍ମାନିତ କରାଯାଇଛି।

# ଛିଡୁନି ମହାନଦୀ ଅଡୁଆ

## ୯ ମାସ ବଢ଼ିଲା ଟ୍ରିବ୍ୟୁନାଲ କାର୍ଯ୍ୟକାଳ

■ ଭୁବନେଶ୍ୱର, ୧୧।୪ (ସମିସ): ମହାନଦୀ ଜଳ ବିବାଦ ମାମଲା ଲମ୍ବି ଲମ୍ବି ଚାଲିଥିବା ବେଳେ ଏଯାଏଁ ଏହାର ସମାଧାନର ରାସ୍ତା ବାହାରି ପାରିଲା ନାହିଁ। ଟ୍ରିବ୍ୟୁନାଲରେ ୫୧ଟି ଶୁଣାଣି ସରିଥିବା ବେଳେ ଏଯାଏଁ ଓଡ଼ିଶାର ହକ୍ ନେଇ କୌଣସି ମଧ୍ୟବର୍ତ୍ତୀକାଳୀନ ରାୟ ପ୍ରକାଶ ପାଇଲା ନାହିଁ। ଅପରପକ୍ଷେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଆସନ୍ତା ୧୩ ତାରିଖରେ ସମାପ୍ତ ହେଉଥିବା ବେଳେ କେନ୍ଦ୍ର ସରକାର ଆଉ ୯ମାସ ପାଇଁ ବୃଦ୍ଧି କରିଛନ୍ତି। ଏନେଇ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୪ ତାରିଖରୁ ଏହି ନିର୍ଦ୍ଦେଶନାମା ଲାଗୁ ହେବାକୁ ଥିବାବେଳେ ୨୦୨୭ ମସିହା ଜାନୁଆରୀ ୧୩ ତାରିଖ ଯାଏଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଅବଧି ରହିବ। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ ତାରିଖରେ ଧାର୍ଯ୍ୟ ହୋଇଥିବା ନେଇ ଓଡ଼ିଶାର ଆଡଭୋକେଟ ଜେନେରାଲ(ଏଜି)



**ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ**

**ଦୁଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ଶୀଘ୍ର**

**ଓଡ଼ିଶାର ହକ୍ ପାଇଁ ଲଢ଼େଇ ଜାରି ରଖିବ ବିଜେଡି**

**ବିଜେପି ସାଂସଦଙ୍କ ବାସଭବନ ଘେରିବ କଂଗ୍ରେସ**

ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ବିବାଦର ସମାଧାନ ପାଇଁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବୈଠକ କରିବେ। ବୈଠକରେ ଉଭୟ ରାଜ୍ୟର ବୈଷୟିକ ଟିମ୍, ଲିଗାଲ ଟିମ୍ ବସି ପ୍ରାସଙ୍ଗିକତା ହରାଇଥିବା ପ୍ରସଙ୍ଗ ଗୁଡ଼ିକୁ ବାଦ୍ ଦେବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛାଶକ୍ତି ନାହିଁ। ବିଜେଡି ଏହାକୁ ପ୍ରସଙ୍ଗ କରିଛି ଓ ଆଗକୁ ମଧ୍ୟ ଓଡ଼ିଶାର ହକ୍ ପାଇଁ ଲଢ଼େଇ ଜାରି ରଖିବ। ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେଲା। ଏବେ ୨୦୨୬ ହେଲାଣି: କିନ୍ତୁ ଫଳ ଶୂନ। ପୁଣି ଅବଧି ବଢ଼ିଲାଣି। ଯଦି ଆପୋଷ ବୁଝାମଣା ହେବ ତେବେ ଟ୍ରିବ୍ୟୁନାଲଙ୍କ ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଟ୍ରିବ୍ୟୁନାଲଙ୍କ ଅବଧି ବଢ଼ୁଛି ଅର୍ଥ ଟ୍ରିବ୍ୟୁନାଲଙ୍କ ଆବଶ୍ୟକତା ରହିଛି ଏବଂ ଆପୋଷ ବୁଝାମଣା ▶ପୃଷ୍ଠା-୧୦

## କଟକ ଷ୍ଟେସନ୍‌ରୁ ବିହାରର ୧୨ ନାବାଳକ ଉଦ୍ଧାର

■ କଟକ, ୧୧।୪ (ସମିସ): କଟକ ରେଳଷ୍ଟେସନ୍‌ରୁ ୧୨ଜଣ ନାବାଳକଙ୍କୁ ରେଳବାଇ ପୁଲିସ (ଆରପିଏଫ୍) ଉଦ୍ଧାର କରିଛି। ପରେ ସମସ୍ତଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି। ଏମାନେ ଅମୃତ ଭାରତ ଏକ୍ସପ୍ରେସ୍‌ରେ ବସି କଟକ ଆସିଥିଲେ। ଆଜି ପୂର୍ବାହ୍ଣରେ କଟକ ଷ୍ଟେସନରେ ପହଞ୍ଚିବା ପରେ ନାବାଳକମାନେ ଟ୍ରେନ୍‌ରୁ ଓହ୍ଲାଇ ୪ନଂ ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ଏତିକିବେଳେ ପାଟ୍ରୋଲିଂ କରୁଥିବା ଆରପିଏଫ୍ କର୍ମଚାରୀଙ୍କ ନଜର ସେମାନଙ୍କ ଉପରେ ପଡିଥିଲା। ଏକାଠି ଛିଡା




ହୋଇଥିବା ପିଲାମାନଙ୍କ ସହ କେହି ଅଭିଭାବକ ନଥିବା ଦେଖି ଆରପିଏଫ୍‌ର ସନ୍ଦେହ ହୋଇଥିଲା। ପାଖକୁ ଯାଇ ପଚରାଉଚରା କରିବାରୁ ଜଣେ ଅଜଣା ବ୍ୟକ୍ତିଙ୍କ କହିବାନୁସାରେ ସମସ୍ତେ କଟକ ଆସିଥିବା ଜଣାପଡ଼ିଥିଲା। ୧୨ରୁ ୧୫ବର୍ଷ ବୟସ ମଧ୍ୟରେ ଥିବା ଏହି ୧୨ ନାବାଳକଙ୍କ ଘର ବିହାର ରାଜ୍ୟର ଆରାରିଆ ଜିଲ୍ଲାରେ। ▶ପୃଷ୍ଠା-୧୦


SIKSHA 'O' ANUSANDHAN
SAAT-2026
Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ନିଯୁକ୍ତି ନାମରେ ନିର୍ଯାତନା**

## ତାମିଲନାଡୁରେ ବନ୍ଧା ପଡ଼ିଛନ୍ତି ୮ ଓଡ଼ିଆ ଝିଅ

**ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ସିଲେଇ ତାଲିମ ନେବାକୁ କଟକ ଆସିଲେ ସୋହେଲାର ୯ ଯୁବତୀ**

**୪୫ ଦିନର ତାଲିମ ପରେ ଘର ବଦଳରେ ତାମିଲନାଡୁ ପଠାଇ ଦିଆଗଲା**

**ହାତ ଟେକିଦେଲା ବ୍ଲକ୍ ପ୍ରଶାସନ; ଅନ୍ୟ ରାଜ୍ୟରେ ଥିବାରୁ ଆମେ କିଛି କରିପାରିବୁନି**

■ ବରଗଡ଼, ୧୧।୪ (ସମିସ): ସରକାରୀ ଯୋଜନାରେ ଦକ୍ଷତା ବିକାଶ ଓ ସୁନିଶ୍ଚିତ ନିଯୁକ୍ତିର ପ୍ରତିଶ୍ରୁତି ଏବେ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍‌ର କିଛି ଯୁବତୀଙ୍କ ପାଇଁ କାଳ ସାଜିଛି। ତାଲିମ ନାଁରେ ଝିଅମାନଙ୍କୁ ବାହାର ରାଜ୍ୟକୁ ନେଇ ସେଠାରେ ମାନସିକ ନିର୍ଯାତନା ଓ ବେଠି ଖଟାଯାଉଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଘରକୁ ଫେରିବା ପାଇଁ ଝିଅମାନେ ଫୋନ୍ ଯୋଗେ ନେହୁରା ହେଉଥିବାବେଳେ ବ୍ଲକ୍ ପ୍ରଶାସନ ସହଯୋଗ କରୁ ନ ଥିବା ଅଭିଭାବକମାନେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ସୋହେଲା ବ୍ଲକ୍ ଅଧୀନ କନାପାଲି ପଞ୍ଚାୟତର ବାରୁପାଲି ଓ କନାପାଲି ଗ୍ରାମର ୯ ଯୁବତୀ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଅଧୀନରେ ମାଗଣା ଟେଲରିଂ ତାଲିମ ପାଇଁ କଟକ ଯାଇଥିଲେ। ଗ୍ରାମର ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ସେମାନଙ୍କୁ କଟକ ସ୍ଥିତ ଏକ ସଂସ୍ଥାକୁ ପଠାଯାଇଥିଲା। କମ୍ପାନୀ ଏଜେଣ୍ଟମାନେ ଅଭିଭାବକଙ୍କୁ ବୁଝାଇଥିଲେ ଯେ, ୪୫ ଦିନର ତାଲିମ ପରେ ଝିଅମାନେ ଚାହିଁଲେ ଘରକୁ ଫେରିପାରିବେ କିମ୍ବା ବଡ଼ କମ୍ପାନୀରେ କାମ ମଧ୍ୟ କରିପାରିବେ। କିନ୍ତୁ ତାଲିମ ଅବଧି ଶେଷ ହେବାପରେ ମଧ୍ୟ ଝିଅମାନଙ୍କୁ ଘରକୁ ଛଡ଼ାଗଲା ନାହିଁ। ବରଂ ସେମାନଙ୍କ ଅଜାଣତରେ ଓ ବିନା ଅନୁମତିରେ ଝିଅମାନଙ୍କୁ କଟକରୁ ତାମିଲନାଡୁର ତିରୁପୁରକୁ ପଠାଇ ଦିଆଯାଇଛି। କର୍ଣ୍ଣ ଅସ୍ତ୍ରୋପଚାର କରିବାକୁ କହି କୌଶଳକ୍ରମେ ଜଣେ ଝିଅ ଘରକୁ ଫେରିଆସିବାରେ ସଫଳ ହୋଇଥିବାବେଳେ ଆଜକୁ ପ୍ରାୟ ଅଢ଼େଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅନ୍ୟ ଆଠଜଣ ଝିଅଙ୍କୁ ବନ୍ଧକ ଭଳି ରଖାଯାଇଛି। ପୀଡ଼ିତା ଯୁବତୀମାନେ ଫୋନ୍ ଯୋଗେ ନିଜ ପରିବାରକୁ ଜଣାଇଛନ୍ତି ଯେ, ସେଠାରେ ସେମାନଙ୍କୁ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। କଥା କଥାକେ ଗାଳିଗୁଲଜ କରିବା ସହ ଜବରଦସ୍ତି ବେଠି ଖଟାଯାଉଛି। ନିଜ ଘରକୁ ଫେରିବାକୁ ଚାହିଁଲେ ମଧ୍ୟ ଅନୁମତି ମିଳୁନାହିଁ। ଏହି ଖବର ପାଇବା ପରେ ଅଭିଭାବକମାନେ ଦୁଶ୍ଚିନ୍ତାରେ ▶ପୃଷ୍ଠା-୧୦

# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ବିହାରରେ ବସ୍-ଭ୍ୟାନ୍ ଧକ୍କା: ୧୦ ମୃତ, ୨୫ ଆହତ

ବିହାର, ୧୧।୪(ଏଜେନ୍ସି): ବିହାରର କାଟିହାର ଜିଲ୍ଲା କୋର୍ହା ଥାନା ଅଧୀନ ୩୧ ନମ୍ବର ଜାତୀୟ ରାଜପଥର ଗେରାବାଡ଼ି ନିକଟରେ ଶନିବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଏବଂ ପିକଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୫ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କାଟିହାର ଥାନା ଏସ୍‌ପି ଶିଖର ଚୌଧୁରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ଆଗକୁ ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ, ୨୫ ଜଣଙ୍କୁ ପ୍ରଥମେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରାହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା କଲା ହଷ୍ଟେଲ ଗାର୍ଡ

ଜେହାନାବାଦ୍, ୧୧।୪(ଏଜେନ୍ସି): ବିହାରର ଜେହାନାବାଦ୍‌ରେ ଏକ ଆବାସିକ ସ୍କୁଲ ହଷ୍ଟେଲ୍‌ରେ ଘଟିଥିବା ୫ ବର୍ଷର ଶିଶୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ କରିଛି ପୁଲିସ। ସ୍କୁଲ କ୍ୟାଣ୍ଟିନର ଜଣେ ଗାର୍ଡ ଏହି ଜଘନ୍ୟ ଅପରାଧ କରିଥିବା ସ୍ୱୀକାର କରିଛି। ଅଭିଯୁକ୍ତ ଗାର୍ଡ ମୁକେଶ ଓରଫ ସୁଦାମା (୪୬) ରବିବାର ରାତିରେ ଶିଶୁଟିକୁ ଲୋଭ ଦେଖାଇ ନିଜ ରୁମ୍‌କୁ ନେଇଯାଇଥିଲା। ସେଠାରେ ସେ ଶିଶୁକୁ ଯୌନ ନିର୍ଯାତନା ଦେବା ପରେ ଧରାପଡ଼ିଯିବା ଭୟରେ ଏକ ଧାରୁଆ ବ୍ଲେଡ୍‌ରେ ତା'ର ଗଳା କାଟି ହତ୍ୟା କରିଥିଲା। ହତ୍ୟା କରିବା ପରେ ସେ ଶିଶୁର ମୃତଦେହକୁ ହଷ୍ଟେଲ ସିଡ଼ି ଉପରେ ଫିଙ୍ଗି ଦେଇଥିଲା। ପରଦିନ ସକାଳେ ଶିଶୁର ପରିବାରକୁ ଏ ସମ୍ପର୍କରେ ସୂଚନା ମିଳିଥିଲା। ପାଟନାର ଏକ ଡାକ୍ତରଖାନାରେ ଶିଶୁଟିକୁ ମୃତ ଘୋଷଣା କରାଯାଇଥିଲା। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତର ସ୍ତ୍ରୀ ତାକୁ ବହୁ ପୂର୍ବରୁ ଛାଡ଼ି ଚାଲିଯାଇଥିଲେ। ହଷ୍ଟେଲର ପିଲାମାନେ ତାଙ୍କୁ ଚିଡ଼ାଉଥିବାରୁ ସେ ଅସନ୍ତୁଷ୍ଟ ଥିଲା। ଏଥିସହ ହଷ୍ଟେଲ ମାଲିକଙ୍କ ସହ ମଧ୍ୟ ତା'ର ବିବାଦ ଥିଲା ଏବଂ ସେ ହଷ୍ଟେଲକୁ ବଦ୍‌ନାମ କରିବାକୁ ଚାହୁଁଥିଲା। ପୁଲିସ ଅଭିଯୁକ୍ତ ଗାର୍ଡ ମୁକେଶକୁ ଗିରଫ କରିଛି ଏବଂ ହତ୍ୟାରେ ବ୍ୟବହୃତ ବ୍ଲେଡ୍ ଜବତ କରିଛି। ଏହାପୂର୍ବରୁ ହଷ୍ଟେଲ ସଞ୍ଚାଳକ ତରୁଣ କୁମାରଙ୍କୁ ହେପାଜତକୁ ନିଆଯାଇଥିଲା। ଅଭିଯୁକ୍ତ ବିରୋଧରେ ହତ୍ୟା, ଦୁଷ୍କର୍ମ ଏବଂ ପୋକ୍ସୋ ଆକ୍ଟ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି। ମଦ୍ୟପାନ କରି ସେ ଏହି କାଣ୍ଡ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛି।

## ଥାଇଲ୍ୟାଣ୍ଡରୁ ଭାରତ ଅଣାଗଲା ଦୁର୍ଦ୍ଦାନ୍ତ ସାହିଲ୍

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି): ଏକାଧିକ ହତ୍ୟା, ହତ୍ୟା ଉଦ୍ୟମ ଏବଂ ଡକାୟତି ମାମଲାରେ ସମ୍ପୃକ୍ତ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ସାହିଲ ଚୌହାନକୁ ଥାଇଲ୍ୟାଣ୍ଡରୁ ଭାରତ ଅଣାଯାଇ ଗିରଫ କରାଯାଇଛି। ସିବିଆଇର ସୂଚନା ଅନୁଯାୟୀ, ଶନିବାର ଦିନ ତାକୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ସାହିଲ ଅନେକ ସଙ୍ଗୀନ ଆପରାଧିକ ମାମଲାରେ ଜଡିତ ଥିଲା ଓ ଇଣ୍ଟରପୋଲର ରେଡକର୍ଣ୍ଣର ନୋଟିସର ସାମ୍ନା କରୁଥିଲା। ସିବିଆଇ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହମନ୍ତ୍ରଣାଳୟର ସମନ୍ୱୟରେ ଏହି ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ସଫଳ ହୋଇଛି। ସାହିଲ ଚୌହାନ ବ୍ୟାଙ୍କକ୍‌ରେ ଲୁଚି ରହିଥିବା ସୂଚନା ମିଳିବା ପରେ ଇଣ୍ଟରପୋଲ ମାଧ୍ୟମରେ ତାକୁ ଚିହ୍ନଟ କରାଯାଇଥିଲା। ଶୁକ୍ରବାର ତାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚାଯାଇଥିଲା, ଯେଉଁଠାରୁ ହରିୟାଣା ପୁଲିସ ତାକୁ ନିଜ ହେପାଜତକୁ ନେଇଛି। ସାହିଲ ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ ଅଞ୍ଚଳରେ ନିଜର ଆତଙ୍କରାଜ ଚଳାଇଥିଲା। ସେ ଭୁପି ରାଣା ଗ୍ୟାଙ୍ଗର ଜଣେ ସକ୍ରିୟ ସଦସ୍ୟ। ବେଆଇନ୍ ଅସ୍ତ୍ରଶସ୍ତ୍ର ବ୍ୟବହାର ଭଳି ଅନେକ ମାମଲା ମଧ୍ୟ ତା ନାମରେ ରହିଛି। ୨୦୧୭ ଜାନୁଆରୀ ୪ରେ ଜଗାଧାରୀ କୋର୍ଟ ପରିସରରେ ପ୍ରତିଦ୍ୱନ୍ଦ୍ୱୀ ଗ୍ୟାଙ୍ଗଷ୍ଟର ମୋନୁ ରାଣା ଉପରକୁ ଗୁଳି ଚଳାଇବା ଘଟଣାରେ ତାକୁ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଯାଇଥିଲା। ଜେଲରୁ ଜାମିନ ମିଳିବା ପରେ ସେ ଚତୁରତାର ସହ ବିଦେଶ ଫେରାର ହୋଇଯାଇଥିଲା।

## ମହାରାଷ୍ଟ୍ର, ଉତ୍ତରାଖଣ୍ଡରେ ଭୂକମ୍ପ

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି): ଶନିବାର ସକାଳେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ୫.୦୨ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଛି। ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟଥର ପାଇଁ ରାଜ୍ୟରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିବାରୁ ଲୋକମାନେ ଆତଙ୍କିତ ହୋଇ ଘରୁ ବାହାରକୁ ଚାଲି ଆସିଥିଲେ। ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନ୍‌ସିଏସ୍) ଅନୁସାରେ, ସକାଳ ୫.୧୩ ମିନିଟ୍‌ରେ ଭୂକମ୍ପ ହୋଇଥିଲା। ଭୂକମ୍ପର ମୁଖ୍ୟ ଝଟ୍‌କା ପରେ ପୌରୀ ଗଡ଼ୱାଲ ଅଞ୍ଚଳରେ ଆଉ ଦୁଇଟି ମୃଦୁ ଝଟ୍‌କା (ତୀବ୍ରତା ୩.୩ ଓ ୩.୬) ଅନୁଭୂତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରାଣହାନୀ କିମ୍ବା ବଡ଼ ଧରଣର ସମ୍ପତ୍ତି ନଷ୍ଟ ହେବାର ସୂଚନା ମିଳିନାହିଁ। ଅନ୍ୟପଟେ ମହାରାଷ୍ଟ୍ରରେ ୪.୫ ତୀବ୍ରତାର ଭୂକମ୍ପ ମଧ୍ୟ ଅନୁଭୂତ ହୋଇଛି। ଏହାର ପ୍ରଭାବ ନନ୍ଦେଡ, ଭରଭାନୀ, ଛତ୍ରପତି ସମ୍ଭାଜୀନଗର ଏବଂ ୱାଶିମ ଜିଲ୍ଲାରେ ଦେଖିବାକୁ ମିଳିଥିଲା।

## ବିବାହର ୨ସପ୍ତାହ ପୂର୍ବରୁ କଂଗ୍ରେସ ନେତାଙ୍କୁ ହତ୍ୟା



ଧାରୱାଡ, ୧୧।୪(ଏଜେନ୍ସି): କର୍ଣ୍ଣାଟକର ଧାରୱାଡ ସହରର ମାଳାପୁର ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ୩୨ ବର୍ଷୀୟ ଯୁବ କଂଗ୍ରେସ ନେତା ଫୈରୋଜ ପଠାନଙ୍କୁ ତାଙ୍କରି ବାସଭବନ ସାମ୍ନାରେ ନିର୍ମମ ଭାବେ ହତ୍ୟା କରାଯାଇଛି। ସବୁଠାରୁ ଦୁଃଖଦ ବିଷୟ ହେଉଛି, ମାତ୍ର ୧୫ ଦିନ ପରେ ତାଙ୍କର ବିବାହ ହେବାର ଥିଲା। ରାତି ପ୍ରାୟ ସାଢ଼େ ୯ରୁ ୧୦ଟା ମଧ୍ୟରେ ଫୈରୋଜ ତାଙ୍କ ଘର ବାହାରେ ବସିଥିବା ବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ତାଙ୍କୁ ଗୋଡ଼ାଇଥିଲେ। ସେ ଜୀବନ ବଞ୍ଚାଇବା ପାଇଁ ଘର ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ ହେଁ, ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ସେଠାରେ ତାଙ୍କୁ ଆକ୍ରମଣ କରିବାରୁ ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀମାନେ ଘରେ ଉପସ୍ଥିତ ଥିବା ଜଣେ ମହିଳା ଓ ଅନ୍ୟ ସଦସ୍ୟମାନଙ୍କୁ ଆକ୍ରମଣ କରିବା ଦୁଇଟି ମୋବାଇଲ ଫୋନ ନେଇ ଫେରାର ହୋଇଯାଇଛନ୍ତି। ସିଟି ପୁଲିସ କମିସନର ଏନ୍ ଶଶିକୁମାରଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ସମଗ୍ର ଘଟଣା ନିକଟସ୍ଥ ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯାହା ପୁଲିସକୁ ଅପରାଧୀଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ହତ୍ୟା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ରାଜନୈତିକ ଶତ୍ରୁତା କିମ୍ବା ବ୍ୟକ୍ତିଗତ ବିବାଦ- ଉଭୟ ଦିଗକୁ ନେଇ ଯାଞ୍ଚ କରୁଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇଛି।

## ଓକିଲଙ୍କୁ ଗୁଳି କରିବାପରେ ବାଇକ୍ ଷ୍ଟାର୍ଟ ହେଲାନି



ମିର୍ଜାପୁର, ୧୧।୪(ଏଜେନ୍ସି): ଉତ୍ତରପ୍ରଦେଶର ମିର୍ଜାପୁରରେ ଶନିବାର ସକାଳେ ଜଣେ ବରିଷ୍ଠ ଓକିଲଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଘଟଣାର ଚାଞ୍ଚଲ୍ୟକର ସିସିଟିଭି ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ହତ୍ୟାକାରୀମାନେ ହତ୍ୟା କରିବା ପରେ ସେଠାରୁ ଖସିଯିବା ପାଇଁ ସଂଘର୍ଷ କରୁଥିବା ଦେଖାଯାଇଛି। ୪୦ ବର୍ଷୀୟ ଓକିଲ ରାଜୀବ ସିଂହ ସକାଳେ ବୁଲିବାକୁ ବାହାରିଥିବା ବେଳେ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ଆସିଥିଲେ। ଜଣେ ଦୁର୍ବୃତ୍ତ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗୁଳି କରିଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟା କରିବାପରେ ଯେତେବେଳେ ଆକ୍ରମଣକାରୀମାନେ ବାଇକ୍‌ରେ ବସି ପଳାଇବାକୁ ଚେଷ୍ଟା କରିଥିଲେ, ସେତେବେଳେ ତାଙ୍କ ଗାଡ଼ି ଷ୍ଟାର୍ଟ ହୋଇ ନଥିଲା। ଭିଡିଓରେ ଦେଖାଯାଇଛି ଯେ ସେମାନେ ବାରମ୍ବାର କିକ୍ ମାରି ଷ୍ଟାର୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଗାଡ଼ି ଷ୍ଟାର୍ଟ ହେବାରେ ବିଳମ୍ବ ହେବାରୁ କିଛି ଲୋକ ଦୁଇଜଣଙ୍କ ପାଖକୁ ଆସିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆକ୍ରମଣକାରୀ ବନ୍ଧୁକ ଦେଖାଇ ସେମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। କିଛି ମିନିଟ୍‌ର ଚେଷ୍ଟା ପରେ ବାଇକ୍ ଷ୍ଟାର୍ଟ ହୋଇଥିଲା ଏବଂ ସଙ୍ଗେସଙ୍ଗେ ସେମାନେ ଫରାର ହୋଇଯାଇଥିଲେ। ପୁଲିସ ଏହି ମାମଲାରେ କେସ୍ ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ୫ଟି ଟିମ୍ ଗଠନ କରିଛି। ପ୍ରାଥମିକ ତଦନ୍ତରୁ ଏହା ଗ୍ରାମ୍ୟ ବିବାଦରୁ ଘଟିଥିବା ଜଣାପଡ଼ିଛି। ରାଜୀବ ସିଂହ ପୂର୍ବରୁ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଆବେଦନ କରିଥିଲେ। ପୂର୍ବରୁ ମଧ୍ୟ ତାଙ୍କ ଉପରେ ଦୁଇଥର ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ବିରୋଧୀ ଦଳ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ଏବଂ ଅପରାଧୀମାନେ ଖୋଲାଖୋଲି ଭାବେ ବୁଲୁଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ନିଜ ଜାଲରେ ଛନ୍ଦି ହେଲା ଇରାନ



■ ଖୋଲିପାରୁ ନାହିଁ ହର୍ମୁଜ ସମୁଦ୍ର ପଥ
■ ନିଜେ ଖଞ୍ଜିଥିବା ମାଇନ୍ସର ସନ୍ଧାନ ପାଉନି

ତେହରାନ, ୧୧।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାସଂଘର୍ଷ ମଧ୍ୟରେ ବିଶ୍ୱ ବାଣିଜ୍ୟର ପ୍ରବେଶ ପଥ କୁହାଯାଉଥିବା ହର୍ମୁଜ ପ୍ରଣାଳୀ ଏବେ ମରଣଯନ୍ତା ପାଲଟିଛି। ରିପୋର୍ଟ ଅନୁସାରେ ଇରାନ ନିଜର ସୁରକ୍ଷା ପାଇଁ ସମୁଦ୍ର ମଧ୍ୟରେ ଯେଉଁ ସାମୁଦ୍ରିକ ମାଇନ୍ସ ଗୁଡ଼ିକ ଖଞ୍ଜିଥିଲା, ବର୍ତ୍ତମାନ ସେଗୁଡ଼ିକର ସଠିକ୍ ଅବସ୍ଥିତି ଚିହ୍ନଟ କରିବାରେ ବିଫଳ ହୋଇଛି। ଏହି କାରଣରୁ ଯୁଦ୍ଧବିରତି ଓ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ପ୍ରୟାସ ଜାରି ରହିଥିଲେ ମଧ୍ୟ ପ୍ରଣାଳୀଟି ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇପାରୁନାହିଁ। ଯୁଦ୍ଧ ଆରମ୍ଭ ସମୟରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସ (ଆଇଆରଜିସି) କ୍ଷୁଦ୍ର ନୌକା ସହାଯ୍ୟରେ ଅତି ଅଣସଂଗଠିତ ଭାବେ ଶତାଧିକ ମାଇନ୍ସ ସମୁଦ୍ରରେ ବିଛାଇଥିଲା। ଆମେରିକା ଗୁଇନ୍ଦା ସଂସ୍ଥା ମୁତାବକ, ଇରାନ ଏହି ମାଇନ୍ସଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର ବା ରେକର୍ଡ ରଖିନାହିଁ। ପୁଣି ସାମୁଦ୍ରିକ ସ୍ରୋତ ଯୋଗୁଁ ଅନେକ ମାଇନ୍ସ ନିଜସ୍ଥାନରୁ ବିଚ୍ୟୁତ ହୋଇ ଅନ୍ୟତ୍ର ଭାସି ଯାଇଛନ୍ତି, ଯାହା ଉଦ୍ଧାର କର୍ଯ୍ୟକୁ ଅତି ଜଟିଳ କରିଦେଇଛି। ଏହି ବୈଷୟିକ ବିଫଳତା ଇରାନ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ପାଇଁ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଓ ସୁରକ୍ଷିତ ଭାବେ ଖୋଲିବାକୁ ସର୍ତ୍ତ ରଖିଛନ୍ତି। ମାତ୍ର ମାଇନ୍ସ ସଫା କରିବାର କ୍ଷମତା ଇରାନ ପାଖରେ ସୀମିତ ଥିବାର ଏଥିରେ ବିଳମ୍ବ ହେଉଛି। ହର୍ମୁଜ ପ୍ରଣାଳୀ ବନ୍ଦ ଥିବାରୁ ଅଶୋଧିତ ତୈଳର ଦରର ଆକାଶ ଛୁଆଁ ରହିଛି। ଇରାନ ବର୍ତ୍ତମାନ କିଛି ସଂକୀର୍ଣ୍ଣ ପଥ ଦେଇ ଟୋଲ ବା ଶୁଳ୍କ ବଦଳରେ ଜାହାଜ ଚଳାଚଳ ପାଇଁ ଅନୁମତି ଦେଉଛି, ଯାହା ଅତ୍ୟନ୍ତ ବିପଜ୍ଜନକ। ଇରାନ ବିଦେଶ ମନ୍ତ୍ରୀ ଆବ୍ବାସ ଆରାଗଚି ପାକିସ୍ତାନରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଆଲୋଚନା କରିବାକୁ ଯାଉଥିବା ବେଳେ ଏହି ମାଇନ୍ସ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହେବ। ନିଜ ଜାଲରେ ନିଜେ ଛନ୍ଦି ହୋଇପଡ଼ିଥିବା ଇରାନ ପାଇଁ ବୈଷୟିକ ସୀମା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

## ଲେବାନନ୍‌ରେ ଇସ୍ରାଏଲର ଆକ୍ରମଣ ଜାରି; ୨୦ ମୃତ



ବେରୁଟ/ଇସଲାମାବାଦ୍, ୧୧।୪(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ ପୁଣି ଥରେ ଆକ୍ରମଣ କରିଛି। ଇସ୍ରାଏଲର ସଦ୍ୟତମ ବାୟୁସେନା ଆକ୍ରମଣରେ ୧୨ ଜଣ ସୁରକ୍ଷାକର୍ମୀଙ୍କ ସମେତ ଅତିକମ୍‌ରେ ୨୦ ଜଣ ପ୍ରାଣ ହରାଇଛନ୍ତି। ଏହି ବୃହତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଘଟିଛି, ଯେତେବେଳେ ପାକିସ୍ତାନର ଇସଲାମାବାଦ୍‌ଠାରେ ଆମେରିକା ଓ ଇରାନ ମଧ୍ୟରେ ଐତିହାସିକ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି। ଏହି ଆକ୍ରମଣ ଯୋଗୁଁ ବର୍ତ୍ତମାନର ଆଲୋଚନା ପ୍ରକ୍ରିୟା ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ଦେଖା ଦେଇଛି। ଇସ୍ରାଏଲର ଏହି ଆକ୍ରମଣରେ ଦକ୍ଷିଣ ଲେବାନନ୍‌ର 'ନବାତିୟା' ସହର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ଇସ୍ରାଏଲର ଗୁଳି ବର୍ଷଣରେ ଅନେକ ଘର ଓ ଅଟ୍ଟାଳିକା ଧୂଳିସାତ୍ ହୋଇଛି। ଯଦିଓ ଲୋବାନନ୍ ସେନା ସିଧାସଳଖ ଯୁଦ୍ଧରେ ସାମିଲ ନାହିଁ, ତଥାପି ସେମାନଙ୍କ ଉପରେ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଆକ୍ରମଣ। ଇସ୍ରାଏଲ ଦାବି କରିଛି ଯେ, ସେମାନେ ହିଜବୁଲ୍ଲାର ଗୁପ୍ତ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଛନ୍ତି ଏବଂ ଶତ୍ରୁପକ୍ଷର ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ଆକ୍ରମଣ ପରେ ଇରାନ ଆଭିମୁଖ୍ୟ କଠୋର ହୋଇଛି। ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାକିର ଗାଲିବାଫ୍, ଯିଏ କି ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି, ଦୁଇଟି ନୂଆ ସର୍ତ୍ତ ରଖିଛନ୍ତି। ଅଲୋଚନା ପୂର୍ବରୁ ଲେବାନନ୍‌ରେ ଇସ୍ରାଏଲର ଆକ୍ରମଣ ସମ୍ପୂର୍ଣ୍ଣ ବନ୍ଦ ହେବା ଆବଶ୍ୟକ। ପୁଣି ବିଦେଶରେ ଅଟକି ରହିଥିବା ଇରାନର ସମସ୍ତ ଆର୍ଥିକ ସମ୍ପତ୍ତିକୁ ତୁରନ୍ତ ମୁକ୍ତ କରାଯିବା ଉଚିତ। ଏହି ଦୁଇଟି ସର୍ତ୍ତ ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଆଲୋଚନା ସମ୍ଭବ ନୁହେଁ। ସେପଟେ ଲେବାନନ୍ ରାଷ୍ଟ୍ରପତି ଜୋସେଫ ଆଉନ୍ ଏହି ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ, ସରକାରୀ ଅନୁଷ୍ଠାନ ଓ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଇସ୍ରାଏଲ ସେମାନଙ୍କୁ ଦୁର୍ବଳ କରିପାରିବ ନାହିଁ। ନିଜ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ପାଇଁ ଲେବାନନ୍ ସର୍ବଦା ପ୍ରସ୍ତୁତ। ଇସଲାମାବାଦ୍ ହେବାକୁ ଥିବା ଏହି ଐତିହାସିକ ବୈଠକ ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ଲେବାନନ୍‌ରେ ବଢୁଥିବା ହିଂସା ଏଥିରେ ବଡ଼ ପ୍ରତିବନ୍ଧକ ସାଜିଛି। ଯଦି ଆମେରିକା ଓ ଇସ୍ରାଏଲ ଏହି ଦାବି ପ୍ରତି ସକାରାତ୍ମକ ଆଭିମୁଖ୍ୟ ପୋଷଣ ନ କରନ୍ତି, ତେବେ ଶାନ୍ତି ଆଲୋଚନା ବିଫଳ ହେବା ସମ୍ଭାବନା ଅଧିକ।

**ସଙ୍କଟରେ ଇରାନ-ଆମେରିକା ଶାନ୍ତି ଆଲୋଚନା**

# ସଙ୍କଟଜନକ ସ୍ଥିତିରେ ମୋଜତାବା ଖାମନେଇ



ତେହରାନ/ଦୁବାଇ, ୧୧।୪(ଏଜେନ୍ସି): ଇରାନ ରାଜନୈତିକ ଆକାଶରେ ଏବେବି କଳା ବାଦଲ ଛାଇ ରହିଛି। ଆମେରିକା ଓ ଇସ୍ରାଏଲ ବାୟୁସେନା ଆକ୍ରମଣରେ ପିତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁପରେ ଦେଶର ଶାସନ ଭାର ଗ୍ରହଣ କରିଥିବା ୫୬ ବର୍ଷୀୟ ମୋଜତାବା ଖାମନେଇ ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ନିକଟରେ ପ୍ରକାଶିତ ରଏଟର୍ସର ଏକ ଗୁପ୍ତ ରିପୋର୍ଟ ଅନୁସାରେ, ସେହି ଭୟଙ୍କର ଆକ୍ରମଣରେ ମୋଜତାବା କେବଳ ଆହତ ହୋଇନାହାନ୍ତି ବରଂ ତାଙ୍କର ଶାରୀରିକ ଅବସ୍ଥା ଗୁରୁତର ରହିଛି। ତଥାପି ଏହି ଜଟିଳ ପରିସ୍ଥିତିରେ ଇରାନର ଭାଗ୍ୟବିଧାତା ସାଜିଥିବା ଏହି ନେତାଙ୍କ ମାନସିକ ସକ୍ରିୟତା ବିଶ୍ୱ ରାଜନୀତିକୁ ଚକିତ କରିଛି। ସୂତ୍ର ଅନୁସାରେ, ତେହରାନସ୍ଥିତ ସର୍ବୋଚ୍ଚ ନେତାଙ୍କ ବାସଭବନ ଉପରେ ହୋଇଥିବା ଆକ୍ରମଣରେ ମୋଜତାବାଙ୍କ ମୁଖମଣ୍ଡଳ ବିକୃତ ହୋଇଯାଇଛି। କେବଳ ସେତିକି ନୁହେଁ, ତାଙ୍କର ଦୁଇଟି ଯାକ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସେ ଏକ ଗୋଡ଼ ହରାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଫେବୃଆରୀ ୨୮ ରାତିରେ ସେ ନିଜର ପିତାଙ୍କ ସମେତ ପତ୍ନୀ ଓ ଆତ୍ମୀୟ ସ୍ୱଜନଙ୍କୁ ହରାଇଥିଲେ। ଇରାନର ଜାତୀୟ ଗଣମାଧ୍ୟମରେ ତାଙ୍କୁ ଜାନବାଜ୍ ଅର୍ଥାତ ଯୁଦ୍ଧରେ ଗୁରୁତର ଆହତ ବୀର ବୋଲି ସମ୍ବୋଧନ କରାଯିବା ସହ ତାଙ୍କର ଦୁର୍ବିସହ ଶାରୀରିକ ସ୍ଥିତିକୁ ପରୋକ୍ଷରେ ସ୍ୱୀକାର କରାଯାଇଛି। ଗତ ମାର୍ଚ୍ଚ ୮ରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ ହେଁ, ଏପର୍ଯ୍ୟନ୍ତ କୌଣସି ସର୍ବସାଧରଣ ସଭା କିମ୍ବା ଭିଡ଼ିଓ ବାର୍ତ୍ତାରେ ତାଙ୍କୁ ଦେଖିବାକୁ ମିଳିନାହିଁ, ଯାହା ତାଙ୍କ ଗୁରୁତର ସ୍ୱାସ୍ଥ୍ୟାବସ୍ଥାକୁ ସୂଚାଉଛି। ଶାରୀରିକ ଅକ୍ଷମତା ସତ୍ତ୍ୱେ ମୋଜତାବାଙ୍କ ମାନିସକ ସ୍ଥିତି ଅତ୍ୟନ୍ତ ପ୍ରଖର ଓ ଶାଣିତ ରହିଛି। ଅଜ୍ଞାତବାସରେ ରହି ମଧ୍ୟ ସେ ଅଡିଓ କନଫରେନ୍ସ ଜରିଆରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ନିରନ୍ତର ସମ୍ପର୍କରେ ଅଛନ୍ତି। ସେ ବିଶେଷ କରି ଯୁଦ୍ଧ ରଣନୀତି, କୂଟନୈତିକ ବାର୍ତ୍ତାଳପ ଓ ଅଭ୍ୟନ୍ତରୀଣ ଶାସନ ନେଇ ସେ ନିର୍ଦ୍ଦେଶ ଓ ପରାମର୍ଶ ଜାରି କରୁଛନ୍ତି। ଇରାନ ସୋସିଆଲ ମିଡିଆରେ ମୋଜତାବା ଏବେ କେଉଁଠି ନାମକ ମିମ୍ ବହୁଳ ଭାବେ ପ୍ରସାରିତ ହେଉଛି। ତେବେ ସେ ସୁରକ୍ଷା ଦୃଷ୍ଟିକୋଣରୁ ସାମ୍ନାକୁ ଆସୁନାହାନ୍ତି ବୋଲି ତାଙ୍କ ସମର୍ଥକ ମାନେ କହୁଛନ୍ତି।

## ଶିକ୍ଷକ ନିଯୁକ୍ତି ଦୁର୍ନୀତି: ପାର୍ଥ ଚାଟାର୍ଜୀଙ୍କ ବାସଭବନରେ ୫ ଘଣ୍ଟା ଧରି ଇଡିର ଚଢ଼ଉ



କୋଲକାତା, ୧୧।୪(ଏଜେନ୍ସି): ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ସ୍କୁଲ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶନିବାର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ବାସଭବନରେ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ବିଧାନସଭା ନିର୍ବାଚନ ପୂର୍ବରୁ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟ ରାଜନୀତିରେ ପୁଣି ହଇଚଇ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଶନିବାର କେନ୍ଦ୍ରୀୟ ସୁରକ୍ଷା ବାହିନୀ ପାର୍ଥ ଚାଟାର୍ଜୀଙ୍କ କୋଲକାତାସ୍ଥିତ ନାକତଲା ବାସଭବନକୁ ଯାଇ ପ୍ରାୟ ୫ ଘଣ୍ଟା ଧରି ଖୋଳତାଡ଼ କରିଛନ୍ତି। ଚଢ଼ାଉ ସମୟରେ ନିଲମ୍ବିତ ତୃଣମୂଳ କଂଗ୍ରେସ ନେତା ଚାଟାର୍ଜୀ ନିଜ ବାସଭବନରେ ଉପସ୍ଥିତ ଥିଲେ। ପାର୍ଥଙ୍କ ସମେତ ଏହି ମାମଲାରେ ଅଭିଯୁକ୍ତ ତଥା ତାଙ୍କର ସହଯୋଗୀ ମଧ୍ୟସ୍ଥି ପ୍ରସନ୍ନ ରାୟଙ୍କ କାର୍ଯ୍ୟାଳୟରେ ମଧ୍ୟ ଇଡି ପକ୍ଷରୁ ସମାନ୍ତରାଳ ଚଢ଼ଉ କରାହୋଇଥିଲା। ଇଡିରୁ ମିଳିଥିବା ସୂଚନା ମୁତାବକ, ପଶ୍ଚିମବଙ୍ଗ କେନ୍ଦ୍ରୀୟ ସ୍କୁଲ ସର୍ଭିସ କମିଶନ ଜରିଆରେ ନବମରୁ ଦ୍ୱାଦଶ ଶ୍ରେଣୀ ସହକାରୀ ଶିକ୍ଷକ ନିଯୁକ୍ତିରେ ହୋଇଥିବା ଆର୍ଥିକ ଅନିୟମିତତା ନେଇ ଏହି ତଦନ୍ତ କରାଯାଉଛି। ପୂର୍ବରୁ ଏହି ମାମଲାରେ ପଚରାଉଚରା ପାଇଁ ଇଡି ପାର୍ଥଙ୍କୁ ତିନିଥର ସମନ କରିଥିଲା; ମାତ୍ର ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାଜର ହୋଇ ନଥିଲେ। ଫଳରେ କେନ୍ଦ୍ରୀୟ ଏଜେନ୍ସି ଆଜି ସିଧାସଳଖ ତାଙ୍କ ବାସଭବନରେ ପହଞ୍ଚିଛି। ୨୦୨୨ ଜୁଲାଇରେ ପାର୍ଥ ଚାଟାର୍ଜୀ ଏବଂ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ଏହି ସ୍କାମ ମାମଲାରେ ଗିରଫ କରାଯାଇଥିଲା। ସେହି ସମୟରେ ଅର୍ପିତାଙ୍କ ସମ୍ପୃକ୍ତ ସ୍ଥାନରୁ ପ୍ରାୟ ୫୦ କୋଟିରୁ ଅଧିକ ନଗଦ ଟଙ୍କା ଏବଂ ୪.୫ କୋଟି ଟଙ୍କାର ସୁନା ଅଳଙ୍କାର ଜବତ ହୋଇଥିଲା। ଦୀର୍ଘ ସମୟ ଜେଲରେ ରହିବା ପରେ ସେ ନିକଟରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସର୍ତ୍ତମୂଳକ ଜାମିନରେ ମୁକ୍ତ ହୋଇଥିଲେ। ରାଜ୍ୟରେ ଏପ୍ରିଲ ୨୩ ଏବଂ ୨୯ ରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବାକୁ ଥିବାବେଳେ ଏହି ଚଢ଼ାଉ ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ବର୍ତ୍ତମାନ ସୁଦ୍ଧା ଇଡି ପକ୍ଷରୁ ଚଢ଼ାଉରେ କିଛି ଜବତ ହୋଇଥିବା ବା କୌଣସି କାର୍ଯ୍ୟାନୁଷ୍ଠାନ ନେଇ ସୂଚନା ଦିଆଯାଇ ନାହିଁ।

## ସଂସଦ ଭବନରେ ମୋଦୀ-ରାହୁଲ ବିରଳ ସାକ୍ଷାତ



ନୂଆଦିଲ୍ଲୀ, ୧୧।୪(ଏଜେନ୍ସି): ଦେଶରେ ବର୍ତ୍ତମାନ ଜାରି ଥିବା ନିର୍ବାଚନର ଉଷ୍ମ ରାଜନୈତିକ ବାତାବରଣ ମଧ୍ୟରେ ଆଜି ଏକ ବିରଳ ତଥା ସୌଜନ୍ୟମୂଳକ ଦୃଶ୍ୟ ଦେଖିବାକୁ ମିଳିଛି। ସଂସଦ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ଅନୌପଚାରିକ ଆଲୋଚନାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ୨୦୦ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଶନିବାର ସଂସଦ ପରିସରରେ ବିଭିନ୍ନ ଦଳର ନେତାମାନେ ଏକତ୍ରିତ ହୋଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଭାଇରାଲ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦୀ ଲୋକସଭା ବାଚସ୍ପତି ଓମ ବିର୍ଲା, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ଅର୍ଜୁନ ରାମ ମେଘୱାଲଙ୍କୁ ଅଭିବାଦନ ଜଣାଇବା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିକଟରେ ଅଟକି ଯାଇଥିଲେ ଏବଂ ତାଙ୍କ ମା' ତଥା ପୂର୍ବତନ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ରାହୁଲ ସୂଚନା ଦେଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କର ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଶୁଭକାମନା ଜଣାଇଥିଲେ।

# ହତ୍ୟା ପାଇଁ ଏଚ୍‌ଆଇଭି ରକ୍ତ ଇଞ୍ଜେକ୍‌ସନ; ଯୁବତୀଙ୍କ ଆତ୍ମହତ୍ୟା



ହାଇଦରାବାଦ୍, ୧୧।୪(ଏଜେନ୍ସି): ପ୍ରତିଶୋଧ ପରାୟଣ ହୋଇ ଜଣେ ଯୁବକ ଜଣେ ୨୪ ବର୍ଷୀୟା ଯୁବତୀଙ୍କ ଶରୀରରେ ଜବରଦସ୍ତି ଏଚ୍‌ଆଇଭି ପଜିଟିଭ ରକ୍ତ ଇଞ୍ଜେକସନ ଦେଇଥିଲେ। ଏହି ଘଟଣା ମାସକ ପରେ, ସାମାଜିକ ସମ୍ମାନ ହରାଇବା ଭୟ ଓ ମାନସିକ ଚାପ ସହି ନପାରି ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଅଭିଯୁକ୍ତ ମନୋହର ଓ ପୀଡିତା ପରସ୍ପର ସମ୍ପର୍କୀୟ ଥିଲେ। ପରିବାର ପକ୍ଷରୁ ସେମାନଙ୍କ ବିବାହ ସ୍ଥିର ହୋଇଥିଲା। ମାତ୍ର ମନୋହରଙ୍କ ପିତାମାତା ପୂର୍ବରୁ ଏଚ୍‌ଆଇଭି ଆକ୍ରାନ୍ତ ଥିବାରୁ ଯୁବତୀଙ୍କ ପରିବାର ଲୋକେ ଗତ ବର୍ଷ ସେପ୍ଟେମ୍ବରରେ ମନୋହରଙ୍କ ରକ୍ତି ପରୀକ୍ଷା କରାଇଥିଲେ। ପରୀକ୍ଷାରୁ ମନୋହର ମଧ୍ୟ ଏଚ୍‌ଆଇଭି ପଜିଟିଭ୍ ଥିବା ଜଣାପଡ଼ିଥିଲା। ଏହାପରେ ଯୁବତୀ ଜଣକ ବିବାହ ବାତିଲ କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମନୋହର ମାର୍ଚ୍ଚ ୧୧ରେ ଯୁବତୀଙ୍କ ଘରେ ପଶି ଜବରଦସ୍ତି ନିଜର ସଂକ୍ରମିତ ରକ୍ତ ତାଙ୍କ ଶରୀରରେ ଇଞ୍ଜେକସନ ଜରିଆରେ ପ୍ରବେଶ କରାଇଥିଲେ। ଏହି ଘଟଣା ପରେ ମନୋହରଙ୍କୁ ଗିରଫ କରାଯାଇଥିଲା। ମାତ୍ର ଯୁବତୀ ଜଣକ ସେହିଦିନଠାରୁ ଗଭୀର ମାନସିକ ଚାପ ଓ ଭୟ ମଧ୍ୟରେ ଥିଲେ। ସମାଜରେ ଏହି ରୋଗକୁ ନେଇ ଥିବା ଭୁଲ ଧାରଣା ଏବଂ ସାମାଜିକ ବାସନ୍ଦ ହେବାର ଭୟ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେଇଥିଲା। ଶୁକ୍ରବାର ସେ ନିଜ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି। ସାମାଜିକ କଳଙ୍କ ଓ ଆଗାମୀ ଭବିଷ୍ୟତକୁ ନେଇ ଥିବା ଅନିଶ୍ଚିତତା ଯୋଗୁଁ ଯୁବତୀ ଜଣକ ଏହି ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି।

# ବଙ୍ଗଳା ନିର୍ବାଚନ ପ୍ରଚାର ହୋର୍ଡିଂ ଚିରିଲେ

## ବେଳାଭୂମିରେ ଆପ୍ ଲଗାଇଲା ଶ୍ରାଦ୍ଧ, ଅସ୍ଥି ବିସର୍ଜନର ଫ୍ଲେକ୍ସ



ପୁରୀ,୧୧।୪(ସମିସ): ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ବିଜେପି ପକ୍ଷରୁ ପୁରୀ ସହରର ବସ୍‌ଷ୍ଟାଣ୍ଡ, ଷ୍ଟେସନ୍, ବେଳାଭୂମି ଏପରିକି ଦେବାଳୟ ନିକଟରେ ପ୍ରଚାର ହୋର୍ଡିଂ ଲଗାଯାଇଥିଲା। ଏଥିରେ ବଙ୍ଗଳା ଭାଷାରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ଲାଗି ନିବେଦନ କରାଯାଇଥିଲା। ପଶ୍ଚିମବଙ୍ଗରେ ନିର୍ବାଚନ ହେଉଥିବା ବେଳେ ଓଡ଼ିଶାରେ, ପୁଣି

### ଓଡ଼ିଆ ଅସ୍ମିତା ପ୍ରତି ଅପମାନ: ଶୁଭାଶିଷ

ବଙ୍ଗଳା ଭାଷାରେ, ହୋର୍ଡିଂ ଲଗାଯିବାକୁ ସହଜରେ ଗ୍ରହଣ କରିପାରିନଥିଲେ ପୁରୀର ସଚେତନ ନାଗରିକ। ଓଡ଼ିଆ ଅସ୍ମିତା କୁଆଡ଼େ ଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଉଦ୍‌ବେଗର ବିଷୟ ଥିଲା, ପୁରୀ ବେଳାଭୂମିର ଯେଉଁଠି ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ କରାଯାଏ, ସେଠାରେ ଲଗାଯାଇଥିବା ଫ୍ଲେକ୍ସକୁ ଚିରି ପଶ୍ଚିମବଙ୍ଗ ନିର୍ବାଚନ ହୋର୍ଡିଂ ଲଗାଯାଇଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବଙ୍ଗଳା ନିର୍ବାଚନ ହୋର୍ଡିଂକୁ ଚିରି ଦେଇଥିଲେ। ଶନିବାର ଆମ୍ ଆଦ୍‌ମୀ ପାର୍ଟି ବେଳାଭୂମିରେ ଲାଗିଥିବା ହୋର୍ଡିଂକୁ ଫିଙ୍ଗି ସେଠାରେ ପୁଣି ଶ୍ରାଦ୍ଧ, ଅସ୍ଥି ବିସର୍ଜନ ଫ୍ଲେକ୍ସ ଲଗାଇଛି।

ଆପ୍‌ର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ସ୍ୱର୍ଗଦ୍ୱାର ନିକଟରେ ଲାଗିଥିବା ହୋର୍ଡିଂକୁ ହଟାଇ ସେଠାରେ ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ ଫ୍ଲେକ୍ସ ଲଗାଇଛନ୍ତି। ଆପ୍ ଜିଲ୍ଲା ସଭାପତି ଓ ସାଧାରଣ ସମ୍ପାଦକ କହିଛନ୍ତି, ବିଜେପି ଓଡ଼ିଆ ଅସ୍ମିତା ନାରା ଦେଇ କ୍ଷମତାକୁ ଆସିଲା। ହେଲେ ପ୍ରତିଟି କ୍ଷେତ୍ରରେ ଓଡ଼ିଆ ଅସ୍ମିତା ସହ ଖେଳୁଛନ୍ତି। ପୁରୀକୁ ବଙ୍ଗୀୟ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ଏହାର ମାନେ ନୁହେଁ ଯେ ଶ୍ରୀକ୍ଷେତ୍ରର କାନ୍ଥ, ବାଡ଼ରେ ବଙ୍ଗଳା ଭାଷା ଲେଖି ଆମ ଓଡ଼ିଆ ଭାଷାକୁ ତଳକୁ କରିଦେବା। କ୍ଷମତାରେ ବିଜେପିର ନେତାମନ୍ତ୍ରୀ ଏମିତି ଅନ୍ଧ ହୋଇଯାଇଛନ୍ତି ଯେ ସେମାନେ ଆମ ଧାର୍ମିକ ପରମ୍ପରା ସହ ଜଡ଼ିତ ଫ୍ଲେକ୍ସକୁ ଚିରି ସେଠାରେ ବଙ୍ଗଳା ଭାଷାର ହୋର୍ଡିଂ ଲଗାଇଥିଲେ। ଏହାକୁ ଆପ୍ ଦୃଢ଼ ବିରୋଧ କରିବା ସହ ପୂର୍ବପରି ଶ୍ରାଦ୍ଧ ଓ ଅସ୍ଥି ବିସର୍ଜନ ଫ୍ଲେକ୍ସ ଲଗାଇଛି ବୋଲି କହିଛନ୍ତି ଆପ୍ ସଭାପତି ଓ ସମ୍ପାଦକ।

ଅନ୍ୟପକ୍ଷରେ ପୁରୀ ସମୁଦ୍ର କୂଳ, ବସ୍‌ଷ୍ଟାଣ୍ଡ, ସୁଭାଷ ବୋଷ ଛକ, ଅଠରନଳା, ରେଳ ଷ୍ଟେସନ୍, ଗୁଣ୍ଡିଚା ମନ୍ଦିର ସହ ସହର ସାରା ବିଜେପି ବଙ୍ଗଳା ନିର୍ବାଚନକୁ ନେଇ ହୋର୍ଡିଂ ଲଗାଯାଇଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ନିର୍ବାଚନ ପଶ୍ଚିମବଙ୍ଗରେ ହେଉଛି। କିନ୍ତୁ ଦୁଃଖର ବିଷୟ, ଓଡ଼ିଶାର ବିଜେପି ସରକାର ଶ୍ରୀକ୍ଷେତ୍ର ପୁରୀର ପବିତ୍ର କାନ୍ଥବାଡ଼କୁ ମଧ୍ୟ ରାଜନୈତିକ ପ୍ରଚାର ପାଇଁ ବ୍ୟବହାର କରିଛି। ବଙ୍ଗଳା ଭାଷାରେ ପୋଷ୍ଟର୍ ଲଗାଇ ଏହି ପବିତ୍ର ସ୍ଥାନର ଗରିମାକୁ ହାନି କରାଯାଉଛି। ଏହା କେବଳ ଅନୁଚିତ ନୁହେଁ, ଓଡ଼ିଆ ଅସ୍ମିତା ପ୍ରତି ସ୍ପଷ୍ଟ ଅପମାନ। ଶ୍ରୀକ୍ଷେତ୍ର ପୁରୀ ଆମର ଆସ୍ଥା ଓ ଗର୍ବର ପ୍ରତୀକ। ଏହାକୁ ରାଜନୀତିର ମଞ୍ଚ କରିବା କେବେ ବି ମାନ୍ୟ ହେବ ନାହିଁ। ମୋ ଜୀବନରେ ମୁଁ ଏଭଳି କାର୍ଯ୍ୟ କେବେ ଦେଖିନାହିଁ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ।

## ସିଜିମାଳି ଆଦିବାସୀଙ୍କ ଉପରେ ଆକ୍ରମଣ

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୧।୪(ସମିସ): ରାୟଗଡ଼ା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ପ୍ରଶାସନର ବର୍ବରୋଚିତ କାଣ୍ଡକୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ବିଜେଡି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଲୋଡିଛି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡ଼ା ଜିଲ୍ଲା ସଭାପତି ଜଗନ୍ନାଥ ସାର୍‌କା, କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ତୀବ୍ର ନିନ୍ଦା କରି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସିଜିମାଳିରେ ଆଦିବାସୀମାନଙ୍କ ଉପରେ ଆକ୍ରମଣ ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି।



■ ପ୍ରଶାସନିକ ଜୁଲୁମ୍ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି
■ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଛି
■ ନିରୀହ ଆଦିବାସୀଙ୍କ ଉପରେ ପ୍ରଶାସନର ବର୍ବରୋଚିତ ଆକ୍ରମଣ ସମ୍ପୂର୍ଣ୍ଣ ଅମାନବୀୟ

ଜଗନ୍ନାଥ ସାରକା କହିଥିଲେ ଯେ ସିଜିମାଳିରେ ଆଦିବାସୀମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ଏକ ପ୍ରତିନିଧିମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ପ୍ରକଳ୍ପ ପ୍ରଭାବିତ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ନେଇ ସେମାନେ ପ୍ରତିବାଦ କରୁଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରାଯାଇଥିଲା। ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ। ତେଣୁ ଆଦିବାସୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିୟମ ହିସାବରେ ଗ୍ରାମସଭା ଆୟୋଜନ କରି ଆବଶ୍ୟକ ଅନୁମୋଦନ ପ୍ରଦାନ କରାଯାଉ ବୋଲି ଶ୍ରୀ ସାର୍‌କା ମତବ୍ୟକ୍ତ କରିଥିଲେ।

ଝିନ୍ନ ହିକକା କହିଥିଲେ ଯେ ସିଜିମାଳିରେ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ଯେଉଁଭଳି ଭାବେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବର୍ବର କାଣ୍ଡ ଘଟାଯାଇଛି, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦାମାନେ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ହେଉଥିବା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆସୁଥିଲେ। କିନ୍ତୁ ବିଳମ୍ବିତ ରାତିରେ ସମସ୍ତେ ଶୋଇଥବା ସମୟରେ, ବିଜୁଳି ଲାଇନ କାଟି ଦେଇ ପ୍ରସାଶନ ଯେଭଳି ଭାବେ ନିରୀହ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କଲା। ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଜଣେ ଆଦିବାସୀ ଅଛନ୍ତି। ଦେଶର ରାଷ୍ଟ୍ରପତି ଦାୟିତ୍ୱରେ ଆମ ରାଜ୍ୟର ଜଣେ ଆଦିବାସୀ ଭଉଣୀ ଅଛନ୍ତି। ସିଜିମାଳିରେ ଆଦିବାସୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମ୍ ଉପରେ ନ୍ୟାୟ ପ୍ରଦାନ ପାଇଁ ଆମେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡୁଛୁ ବୋଲି ସେ କହିଛନ୍ତି।

## ମହାପ୍ରଭୁଙ୍କୁ ଜ୍ୟାକି ଚାନ୍‌ଙ୍କ ଅପମାନ

ପୁରୀ,୧୧।୪(ସମିସ): ପୁଣି ମହାପ୍ରଭୁଙ୍କୁ ଅପମାନ। ବିଶ୍ୱର ଜଣାଶୁଣା ଅଭିନେତା ଜ୍ୟାକି ଚାନ ଏକ ଫିଲ୍ମରେ ଆକ୍ସନ ସିନ୍‌ରେ ମହାପ୍ରଭୁଙ୍କ ଫଟୋଚିତ୍ରକୁ ଗୋଇଠା ମାରୁଥିବାର ଦୃଶ୍ୟ ରହିଛି। ଏହି ଚଳଚ୍ଚିତ୍ରରେ ବଲିଉଡ୍ ଅଭିନେତ୍ରୀ ମଲ୍ଲିକା ଶେରାୱତ୍ ମଧ୍ୟ ଅଭିନୟ କରିଛନ୍ତି। ୨୦୨୫ ମେ' ୧୧ରେ ମୁକ୍ତିଲାଭ କରିଥିବା 'ଦି ମିଥ୍' ଚଳଚ୍ଚିତ୍ରରେ ଏଭଳି କିଛି ଦୃଶ୍ୟ ଏବେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି। ଷ୍ଟାନ୍‌ଲି ଟଙ୍ଗଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ୍-ଆଡଭେଞ୍ଚର୍ ଚଳଚ୍ଚିତ୍ରରେ ଜ୍ୟାକି ଚାନ୍ ଦ୍ୱୈତ ଭୂମିକାରେ ଅଭିନୟ କରିଛନ୍ତି। ଆଧୁନିକ ପ୍ରତ୍ନତତ୍ତ୍ୱବିତ୍ ଜ୍ୟାକ ଏବଂ କିନ୍ ରାଜବଂଶର ଜେନେରାଲ ମେଙ୍ଗ ୟି। ଏହି ଚଳଚ୍ଚିତ୍ରର ଏକ ହାସ୍ୟରସାତ୍ମକ ଯୁଦ୍ଧ ସମୟରେ ଏଭଳି ଲଜ୍ଜାଜନକ ଦୃଶ୍ୟ ରହିଛି। ଏହାକୁ ଶ୍ରୀଜଗନ୍ନାଥ ପ୍ରେମୀ ଓ ସଂସ୍କୃତିବିତ୍ ଦୃଢ଼ ନିନ୍ଦା କରିଛନ୍ତି। ତୁରନ୍ତ ସେହି ଦୃଶ୍ୟକୁ ଚଳଚ୍ଚିତ୍ରରୁ ବାଦ୍ ଦେବା ସହ ଚଳଚ୍ଚିତ୍ର ନିର୍ମାତା ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି। ଭକ୍ତ ସନ୍ତୋଷ ମହାପାତ୍ର କହିଛନ୍ତି, ମହାପ୍ରଭୁ ଆମ ପାଇଁ କେବଳ ଦେବତା ନୁହନ୍ତି, ସେ ଆମ ଜୀବନର ଅଂଶ। ତାଙ୍କ ପ୍ରତି ଏପରି ବ୍ୟବହାର ଆମ ଓଡ଼ିଆଙ୍କ ପାଇଁ ଅସହ୍ୟ। ଏହା ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି। ତୁରନ୍ତ ଜ୍ୟାକି ଚାନ୍ ଏବଂ ଚଳଚ୍ଚିତ୍ର ନିର୍ମାତା କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି ସେ କହିଛନ୍ତି।

# ଚାରିଗଡ଼ା ଦେଇ ୬୦ ଫୁଟ୍ ତଳକୁ ଖସିଲା ବସ୍

ପଟ୍ଟାଙ୍ଗି, ୧୧।୪ (ସମିସ): ଭବାନୀପାଟଣାରୁ ଆନ୍ଧ୍ରପ୍ରଦେଶ ବିଶାଖାପାଟନମ୍ ଯାଉଥିବା ଓଏସ୍‌ଆର୍‌ଟିସିର ଏକ ଭଲ୍‌ବୋ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ୨୬ ନମ୍ବର ଜାତୀୟ ରାଜପଥରୁ ୬୦ ଫୁଟ୍ ତଳକୁ ବସ୍‌ଟି ଖସି ପଡ଼ିଛି। ବସ୍ ତଳେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି।

### ଜଣେ ମୃତ, ୨୫ ଗୁରୁତର

ସୂଚନାନୁଯାୟୀ, ଶୁକ୍ରବାର ରାତିରେ (ଓଡି-୦୨ଡିଇ-୫୪୪୬) ବସ୍‌ଟି ଭବାନୀପାଟଣାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାଉଥିଲା। ବିଳମ୍ବିତ ରାତିରେ ଓଡ଼ିଶା ସୀମାନ୍ତ ସୁଙ୍କି ଥାନା ଅତିକ୍ରମ କରି ସେଠାରୁ କିଛି ବାଟ ଗଲା ପରେ ରାସ୍ତାରୁ ପାହାଡ଼ ତଳକୁ ଚାରିଗଡ଼ା ଦେଇ ପ୍ରାୟ ୬୦ ଫୁଟ୍ ତଳକୁ ଖସି ଯାଇଥିଲା। ବସ୍ ପଛରେ ଆସୁଥିବା ଏକ କାର୍ ଚାଳକ ଏ ସଂପର୍କରେ ସୂଚନା ଦେବା ପରେ ଘଟଣା ପ୍ରଘଟ ହୋଇଥିଲା। ରାତାରାତି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁଙ୍କି ଥାନା ପୁଲିସ, ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପଟ୍ଟାଙ୍ଗୀ ଓ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ କର୍ମଚାରୀଙ୍କ ସମେତ ପୁଲିସ ଓ ଅଗ୍ନିଶମ ବାହିନୀ ପାହାଡ଼ ତଳକୁ ଖସି ବସ୍ ନିକଟରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ।



ଅଗ୍ନିଶମ କର୍ମଚାରୀମାନେ ଜେନେରେଟର୍ ଲାଇଟ୍ ବ୍ୟବସ୍ଥା କରି ଦେଖିବା ବେଳକୁ ବସ୍ ତଳେ ଜଣେ ଯାତ୍ରୀ ଚାପି ହୋଇ ରହିଥିଲେ। ଆହତମାନଙ୍କୁ ସୁଙ୍କି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପାଖାପାଖି ୨୫ରୁ ଅଧିକ ଯାତ୍ରୀଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବସ୍ ତଳେ ଚାପି ହୋଇ ରହିଥିବା ବ୍ୟକ୍ତିଙ୍କୁ ପଟ୍ଟାଙ୍ଗୀକୁ ଆଣିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ, କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ବଲାନା ଗାଁର ଜମ୍ବୁ ମେହେର (୫୮)। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସୁଙ୍କି ଥାନାରେ ନଂ ୧୭/୨୬ରେ ଏକ ମାମଲା ରୁଜୁ ହୋଇଛି।

# ତାତି ସାଙ୍ଗକୁ ବଢ଼ିଲା ଗୁଳୁଗୁଳି



ଭୁବନେଶ୍ୱର, ୧୧।୪ (ସମିସ): ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି। ଶନିବାର ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବା ସହ ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହୋଇଛି। ଟିଟିଲାଗଡ଼ରେ ତାପମାତ୍ରା ସର୍ବାଧିକ ୩୯.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ତାପମାତ୍ରା ୩୯.୩, ପାରଳାଖେମୁଣ୍ଡିରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରା ୪-୬ ଡିଗ୍ରୀ ବୃଦ୍ଧି ହେବାକୁ ଥିବା ବେଳେ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ଆଶଙ୍କା କରାଯାଇଛି। ତାପମାତ୍ରା ବୃଦ୍ଧି ସହ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଆର୍ଦ୍ରତା ଅଧିକ ରହୁଥିବା ହେତୁ ଗୁଳୁଗୁଳି ହେଉଛି। ଏହି ସ୍ଥିତି ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି କ୍ରମରେ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୩ ତାରିଖରେ ଅନେକ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ସହ ବଲାଙ୍ଗିରରେ ହିଟ୍ ୱେଭ୍ ଆଲର୍ଟ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ସାମ୍ବାଦିକ ସମ୍ମିଳନୀରେ ଘୋଷଣା କଲେ ବବିଙ୍କ ଦାଦା

# ଖଣ୍ଡେଲାଇଟ୍ ପଥର ନୁହେଁ; ଯୋଧପୁର ଷ୍ଟୋନ୍ ବ୍ୟବହାର ହୋଇଛି



■ ଖଣ୍ଡେଲାଇଟ ପଥର ବ୍ୟବହାର ଅଭିଯୋଗ ଡାହା ମିଛ
■ ରାଜନୈତିକ ଉଦ୍ଦେଶ୍ୟ ରଖି ବବିଙ୍କ ନାମ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକୁ ଯୋଡ଼ାଯାଇଛି
■ ପରିଚୟ ସଙ୍କଟ ଥିବା ବ୍ୟକ୍ତିମାନେ ବାରମ୍ବାର ବବିଙ୍କ ନାମକୁ ବ୍ୟବହାର କରୁଛନ୍ତି
■ ଯାଜପୁର ଥାନାରେ ପିଙ୍କୁଙ୍କ ବିରୋଧରେ ଏତଲା

ଯାଜପୁର, ୧୧।୪(ସମିସ):ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସଙ୍କ ବାସଭବନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହୃତ ଖଣ୍ଡେଲାଇଟ୍ ପଥର ବ୍ୟବହାର ହୋଇଥିବା ଅଭିଯୋଗ ପରେ ସାରା ରାଜ୍ୟରେ ତମ୍ବିତୋଫାନ ସୃଷ୍ଟି ହୋଇଛି। କିନ୍ତୁ, ଉକ୍ତ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ, ଅମୂଳକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବବିଙ୍କ ପରିବାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଜି ପୂର୍ବାହ୍ନରେ ବବିଙ୍କ ଦାଦା ତଥା ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଯଯାତି କେଶରୀ ଦାସ ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବବିଙ୍କ ବିରୋଧରେ ହେଉଥିବା ଅପପ୍ରଚାର ଏବଂ ଘରେ ବ୍ୟବହାର ହୋଇଥିବା ଖଣ୍ଡେଲାଇଟ୍ ପଥର ଅଭିଯୋଗକୁ ସେ ଖଣ୍ଡନ କରି ସମସ୍ତ ପ୍ରକାର କାଗଜପତ୍ର ପ୍ରମାଣସ୍ୱରୂପ ଦେଖାଇଥିଲେ। ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ଟିଭି ଚ୍ୟାନେଲରେ ଦେଖାଯାଉଥିବା ଘର ବବିଙ୍କ ଉଆସ ନୁହେଁ ବୋଲି ଯଯାତି କହିଛନ୍ତି। ଏହାସହ ତାଙ୍କ ପୂର୍ବପୁରୁଷଙ୍କ ଜମିଦାରୀ ଇତିହାସ ସଂପର୍କରେ ସୂଚନା ଦେଇଛନ୍ତି।

ଆମ ପୂର୍ବପୁରୁଷ ସାଧୁଚରଣ ଦାସ ଓ ଶ୍ୟାମ ବଲ୍ଲଭ ଦାସଙ୍କ ଅମଳରୁ ଜମିଦାରୀ ରହିଆସିଛି। କାଳିଆପାଣିରୁ କୟାଁଗୋଲା ପର୍ଯ୍ୟନ୍ତ ଶହଶହ ଏକର ଜମି ରହିଛି। ବିଗତ ଶହେ ବର୍ଷ ଧରି ଆମ ପରିବାର ରାଜନୀତି ସହିତ ଅଛନ୍ତି। ମୋ ବାପା, ଜେଜେ ଏବଂ ତାଙ୍କ ପୂର୍ବ ପୁରୁଷରୁ ଆମର ଜମିଦାରୀ ରହିଛି। ସେହି ସବୁ ପୁରୁଣା ଘରକୁ ପୁନଃଉଦ୍ଧାର କରାଯାଇ ନୂଆ ଘର ନିର୍ମାଣ କରାଯାଉଛି। ଯେଉଁମାନେ ଏତେ ଟଙ୍କା କେଉଁଠୁ ଆସିଲା ଏବଂ ଘର କେମିତି ନିର୍ମାଣ ହୋଇଛି ବୋଲି ପ୍ରଶ୍ନ କରୁଛନ୍ତି, ସେମାନେ ଜାଣିବା ଦରକାର ଯେ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକଳ୍ପ ପାଇଁ ଆମ ଜମିକୁ ଅଧିଗ୍ରହଣ କରାଯାଇଛି। ଏଥିପାଇଁ ଆମକୁ କୋଟି କୋଟି ଟଙ୍କାର କ୍ଷତିପୂରଣ ମିଳିଛି। ଏଥିସହ ଆମ ପରିବାର ମାଛ ଚାଷଠାରୁ ଆରମ୍ଭ କରି ଧାନ ଚାଷ ଓ ପନିପରିବା ଚାଷ ମଧ କରୁଛି।

ସେହିଭଳି, ଘରେ ଯେଉଁ ଖଣ୍ଡେଲାଇଟ ପଥର ବ୍ୟବହାର କଥା ଉଠୁଛି, ତାହା ସଂପୂର୍ଣ୍ଣ ମିଛ। ଘରେ କେବଳ ରାଜସ୍ଥାନର ଯୋଧପୁର ଷ୍ଟୋନ୍ ବ୍ୟବହାର ହୋଇଛି ବୋଲି ସେ କହିଛନ୍ତି। ଏଥିସହ ରାଜସ୍ଥାନର ବିଶ୍ୱକର୍ମା ଷ୍ଟୋନ୍ କ୍ରାଫ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ଠାରୁ କିଣାଯାଇଥିବା କେତେକ ବିଲ୍ ମଧ୍ୟ ଦେଖାଇଥିଲେ। ରାଜସ୍ଥାନରୁ କିଣାଯାଇଥିବା ବିଭିନ୍ନପ୍ରକାର ପଥରର ବିଲ୍, ରାଜସ୍ଥାନ ଟ୍ରାନ୍ସପୋର୍ଟ କର୍ପୋରେସନ୍‌ର ୱେ-ବିଲ୍ ଆଦି ପ୍ରଦର୍ଶିତ କରି ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ବବିଙ୍କୁ ବଦନାମ କରିବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନାମକୁ ବ୍ୟବହାର କରାଯାଇଛି। ଯାହା ଅତ୍ୟନ୍ତ ନିନ୍ଦାଜନକ ବୋଲି ଯଯାତି କହିଛନ୍ତି। ଏଥିସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବବିଙ୍କ ଅବଦାନକୁ ସେ ମନେ ପକାଇଦେଇଥିଲେ। କେବଳ ଶସ୍ତା ରାଜନୀତି କରିବା ପାଇଁ ଏଭଳି ଏକ ମିଥ୍ୟା ଅଭିଯୋଗ ଅଣାଯାଇଛି। ଆଗାମୀ ଦିନରେ ପରିବାର ପକ୍ଷରୁ ମାନହାନି ମକଦ୍ଦମା କରାଯିବ କି ପ୍ରଶ୍ନ ହେବାରୁ, ହଁ ମକଦ୍ଦମା କରାଯାଇପାରିବ। କିନ୍ତୁ, ଏହାର ସେ କ'ଣ ଭରଣା କରିପାରିବେ ବୋଲି ଯଯାତି ପାଲଟା ପ୍ରଶ୍ନ କରିଥିଲେ।

ଅନ୍ୟପକ୍ଷରେ, ବବିଙ୍କ ବିରୋଧରେ ମିଛ ଅଭିଯୋଗ ଆଣିଥିବାରୁ ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଓରଫ୍ ପିଙ୍କୁଙ୍କ ବିରୋଧରେ ଯାଜପୁର ଟାଉନ୍ ଥାନାରେ ଏତଲା ଦିଆଯାଇଛି।

# ବାଲି ଉତ୍ତୋଳନକୁ ବିରୋଧ କରିବାରୁ ବେକ କାଟିଦେଲେ ଦୁର୍ବୃତ୍ତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୧।୪(ସମିସ): ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ଯୁବକଙ୍କ ବେକ କାଟିଦେଲେ ଦୁର୍ବୃତ୍ତ। ଗୁରୁତର ଯୁବକଜଣଙ୍କ ହେଲେ, ଜଳେଶ୍ୱର ଥାନା ସେକସରାଇ ଗ୍ରାମର ହରିପଦ ମାନ୍ନା। ଶୁକ୍ରବାର ରାତି ପ୍ରାୟ ୮ଟାରେ ସେ ସେକସରାଇ ଛକରୁ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାରପିଟ୍ କରିବା ସହ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଖବର ପାଇ ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ, ଅବସ୍ଥା

### ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ସଦର ହସପିଟାଲ ଓ ସେଠାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହରିପଦଙ୍କ ସ୍ତ୍ରୀ ଅର୍ଚ୍ଚନା ଏ ସଂପର୍କରେ ଜଳେଶ୍ୱର ଥାନାରେ ଏତଲା ଦେଇଛନ୍ତି। ସେକସରାଇ ଗ୍ରାମର ୭ଜଣ ଓ ମହମ୍ମଦନଗର ପାଟଣା ଗ୍ରାମର ୪ରୁ ଅଧିକ ବ୍ୟକ୍ତିଙ୍କ ସହ ଆଉ କିଛି ଦୁର୍ବୃତ୍ତ ଏପରି ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅର୍ଚ୍ଚନାଙ୍କ ସହ ସରପଞ୍ଚ ଓ ଗ୍ରାମବାସୀମାନେ ମଧ୍ୟ ମିଳିତ ଭାବେ ଜଳେଶ୍ୱର ଥାନାକୁ ଆସି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ କରୁଛି।

## 'ବିଜୁ ଲିଗାସୀ' ନେତାଙ୍କୁ ଭକ୍ତଙ୍କ ନିଶାଣ

# ବିଜୁ ବିରୋଧୀ ଚଳାଇଛନ୍ତି 'ଲିଗାସୀ' ମେଳି

ଭୁବନେଶ୍ୱର,୧୧।୪(ସମିସ): ରାଜ୍ୟରେ ବର୍ତ୍ତମାନ ବିଜୁ ଲିଗାସୀକୁ ନେଇ ସରଗରମ ରାଜନୀତି ଚାଲିଛି। ବିଜେଡିରୁ ବହିଷ୍କୃତ ଅଧିକାଂଶ ନେତା ବିଜୁ ପଟ୍ଟନାୟକଙ୍କ ନାଁକୁ ନେଇ ଲିଗାସୀ କଥା କହୁଥିବା ବେଳେ ନିଜର ରାଜନୈତିକ ଉତ୍ଥାନ ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। ଏହି ଉଦ୍ୟମ ଭିତରେ ଶନିବାର ପିସିସି ସଭାପତି ତଥା ବିଜୁ ପଟ୍ଟନାୟକଙ୍କ ଅନ୍ୟତମ ପୁରୁଣା ସହଯୋଗୀ ଭକ୍ତ ଚରଣ ଦାସ ଏହି 'ବିଜୁ ଲିଗାସୀ' ନେତାମାନଙ୍କୁ ନିଶାଣ କରିଛନ୍ତି।

ଭକ୍ତ କହିଛନ୍ତି, ବିଜେପି ଦୟାରେ ଥିବା ନେତାମାନେ ଏବେ ବିଜୁ ଲିଗାସୀ କଥା କହୁଛନ୍ତି। ଯେଉଁମାନେ ବିଜୁଙ୍କ ଚିନ୍ତାଧାରାକୁ ମାନୁ ନଥିଲେ, ସେମାନେ ବିଜୁ କଥା କହୁଛନ୍ତି। ଯେଉଁମାନେ ବିଜୁ ଲିଗାସୀ କହୁଛନ୍ତି, ସେମାନେ ତାଙ୍କ ଚିନ୍ତାଧାରାକୁ ଗ୍ରହଣ କରିଛନ୍ତି ତ ବୋଲି ଭକ୍ତ ପ୍ରଶ୍ନ କରିବା ସହ ବିଜୁ ପଟ୍ଟନାୟକଙ୍କ ବିଚାରଧାରାକୁ ଛାଡ଼ି ଲିଗାସୀ କଥା କହିବା ଠିକ୍ ନୁହେଁ ବୋଲି କହିଛନ୍ତି।

ଭକ୍ତ କହିଛନ୍ତି, ଯେଉଁମାନେ ବିଜେପି ସହିତ ଅଛନ୍ତି, ସେମାନେ ବିଜୁ ଲିଗାସୀ କଥା କହୁଛନ୍ତି। ବିଜୁ ପଟ୍ଟନାୟକ ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ଲଢ଼େଇ



କରୁଥିଲେ। ବିଜୁ ପଟ୍ଟନାୟକ ଏତେ ଶସ୍ତା ନୁହେଁ। ଗୋଟେ ପଟେ ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରିବେ ଓ ଅନ୍ୟପଟେ ତାଙ୍କ ଲିଗାସୀ କଥା କହିବେ। ଯଦି ନିଜର କିଛି ଅଛି, ତେବେ ନିର୍ବାଚନରେ ଠିଆ ହୋଇ ଓଡ଼ିଶା ପାଇଁ କାମ କରନ୍ତୁ; ନଚେତ ବିଜୁ ପଟ୍ଟନାୟକଙ୍କ ନାଁ ବ୍ୟବହାର କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଭକ୍ତ ଆହ୍ୱାନ ଦେଇଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ଯେଉଁମାନେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉନାହାନ୍ତି, ଯେଉଁମାନେ ବିଜେପିକୁ ସମର୍ଥନ କରୁଛନ୍ତି, ସେମାନେ ବିଜୁ

### "ବିଜେପି ସହ ଥିବା ବ୍ୟକ୍ତି ବିଜୁଙ୍କ ସମ୍ପର୍କରେ ଚିନ୍ତା କରିବାକୁ ସାହସ କଲେ କେମିତି"

ପଟ୍ଟନାୟକଙ୍କ ସମ୍ପର୍କରେ ଚିନ୍ତା କରିବାକୁ ସାହସ କେମିତି କଲେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ବିଜେପି ବିରୋଧରେ ଜଣେ ଦକ୍ଷ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ବ୍ୟକ୍ତି ହେଉଛନ୍ତି ବିଜୁ ପଟ୍ଟନାୟକ। ଏହାବ୍ୟତୀତ ମଝିରେ ବିଜୁ ପଟ୍ଟନାୟକଙ୍କ ସାଇନବୋର୍ଡକୁ ଏୟାରପୋର୍ଟରୁ ହଟାଇ ଦିଆଯାଇଥିଲା। ସେ ପାଟି କରିବା ପରେ ସଙ୍ଗେ ସଙ୍ଗେ ବୋର୍ଡ ଲଗାଇଦିଆଗଲା ବୋଲି ଭକ୍ତ କହିଛନ୍ତି। ଭକ୍ତଙ୍କ ଏହି କଡ଼ା ପ୍ରତିକ୍ରିୟା ପରେ ବିଜୁ ଲିଗାସୀକୁ ଯେଉଁମାନେ ରାଜନୈତିକ ରୁଟି ଶେକିବାକୁ ଉଦ୍ୟମ କରିଥିଲେ, ଏବେ ଚିନ୍ତାରେ ପଡ଼ିଛନ୍ତି। କାରଣ ବିଜୁ ପଟ୍ଟନାୟକଙ୍କ ତାଙ୍କ ରାଜନୈତିକ ଜୀବନକାଳ ମଧ୍ୟରେ ସାମ୍ପ୍ରଦାୟିକ ରାଜନୀତିକୁ କଠୋର ବିରୋଧ କରୁଥିଲେ। ହେଲେ ଓଡ଼ିଶାରେ ବିଜୁ ଲିଗାସୀ କଥା କହୁଥିବା ଅଧିକାଂଶ ନେତା ବିଜେପିର ପରୋକ୍ଷ ସମର୍ଥନରେ ରହିଥିବା ବେଳେ କେତେକ ନେତା ବିଜେଡି ଓ ବିଜୁଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିବାରେ ମଧ୍ୟ ଅତୀତରେ ମାହିର୍ ଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

● ଏମ୍‌କେସିଜି ମେଡିକାଲର ଅବ୍ୟବସ୍ଥା ନେଇ ବର୍ଷିଲା କଂଗ୍ରେସ

# 'ଘରୋଇ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା'

**ବ୍ରହ୍ମପୁର,୧୧।୪(ସମିସ):** ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ୍ ହେଉଛି ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ। ଚିକିତ୍ସା ପାଇଁ ଲୋକେ ଏହା ଉପରେ ନିର୍ଭର କରୁଥିବା ବେଳେ ଏଠାରେ କିନ୍ତୁ ବିଭିନ୍ନ ଆଳରେ ରୋଗୀଙ୍କୁ ଚିକିତ୍ସା କରାନଯାଇ ବାହାରକୁ ପଠାଯାଉଛି। ଏମ୍‌କେସିଜି ମେଡିକାଲରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ନେଇ ନିୟମିତ ବ୍ୟବଧାନରେ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ପୁଣି ଏକ ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ମଧ୍ୟାହ୍ନରେ ଜଣେ ରୋଗୀ ଗୁରୁତର ଅବସ୍ଥାରେ ଆଶୁ ଚିକିତ୍ସା ବିଭାଗକୁ ଆମ୍ବୁଲାନ୍ସ ଯୋଗେ ଆସିଥିବା ବେଳେ ଡାକ୍ତର ଓ ଡାକ୍ତରଖାନା କର୍ତ୍ତୃପକ୍ଷ ହସ୍ପିଟାଲରେ ଆଗାମୀ ୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଦର୍ଶାଇ ଅନ୍ୟତ୍ର ପଠାଇ ଦେଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରୋଗୀଙ୍କ ସମ୍ପର୍କୀୟ ଅନ୍ୟ ଉପାୟ ନପାଇ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ ହୋଇଥିବା ଜଣାପଡ଼ିଛି। ତେବେ ଡାକ୍ତରଖାନାରେ ବିଦ୍ୟୁତ୍ ବିଭ୍ରାଟ ହେଲେ ପ୍ରତିକାର ସ୍ୱରୁପ କୋଟି କୋଟି ଟଙ୍କା ବ୍ୟୟରେ ଡିଜି ସେଟ୍ ବା ଜେନେରେଟର ପ୍ରତିଷ୍ଠା କରାଯାଇଥିବା ବେଳେ ତାହା କାହା ପାଇଁ ଓ କେତେବେଳେ ବ୍ୟବହାର କରାଯିବ ବୋଲି ଜିଲ୍ଲା କଂଗ୍ରେସ (ପୂର୍ବ) ରଶ୍ମି ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଡାକ୍ତରଖାନାର ଜେନେରେଟର ଓ ଡିଜି ସେଟର ବାର୍ଷିକ ପରିଚାଳନା ପାଇଁ ନିୟମିତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସମ୍ପୃକ୍ତ ଘରୋଇ ସଂସ୍ଥା ସହିତ ଡାକ୍ତରଖାନା କର୍ତ୍ତୃପକ୍ଷ କମିସନି କାରବାର କରି ଉଭୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରିଛନ୍ତି ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମି ପଟ୍ଟନାୟକ। ଏଭଳି କାରନାମାରୁ କର୍ତ୍ତୃପକ୍ଷ ତୁରନ୍ତ ନିବୃତ୍ତ ନରହିଲେ ଆଗାମୀ ଦିନରେ ଦଳ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।

● କିସ୍ତି ବାନ୍ଧି ବି ଛଡ଼ାଇନେଲେ ବାଇକ୍

# ୩ ରିକଭରୀ ଏଜେଣ୍ଟ ଗିରଫ

**ବ୍ରହ୍ମପୁର,୧୧।୪(ସମିସ):** ରିକଭଲି ଏଜେଣ୍ଟଙ୍କୁ ମହଙ୍ଗା ପଡ଼ିଲା ରାସ୍ତାରେ ଅଟକାଇ ବାଇକ୍ ଛଡ଼ାଇନେବା। ବଡ଼ବଜାର ଥାନା ପୁଲିସ ୩ ରିକଭରି ଏଜେଣ୍ଟଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ଗଣପତି ନଗରର ପାପୁଲ ପାତ୍ର(୪୦), ଆଇନାବନ୍ଧ ସାହିର ଶ୍ରୀରାମ ଚରଣ ବେହେରା(୨୪) ଏବଂ ଡୁଡୁମା କଲୋନୀର ଚିନ୍ମୟ ଡାକୁଆ(୨୮)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଲୁଟ୍ କରାଯାଇଥିବା ବାଇକ୍‌କୁ ଜବତ କରିଛି। ସୂଚନାପ୍ରକାରେ, ଗତ ୧୦ତାରିଖ ସକାଳ ପ୍ରାୟ ୭ଟାରେ ନିମଖଣ୍ଡି ଅଞ୍ଚଳର ମହେନ୍ଦ୍ର ପାଣିଗ୍ରାହୀ ନିଜ ବନ୍ଧୁଙ୍କ ସହ ବଜାଜ୍ ପଲସର ବାଇକ୍‌ରେ ଯାଉଥିବାବେଳେ ଉପରୋକ୍ତ ୩ ରିକଭରି ଏଜେଣ୍ଟ ତାଙ୍କୁ ଆସିକା ରୋଡ଼ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଅଟକାଇ ନିଜକୁ ରିକଭରି ଏଜେଣ୍ଟ ତଥା ରେପୋ ଏଜେଣ୍ଟ ବୋଲି ପରିଚୟ ଦେଇ ଧକ୍କା ମାରି ବାଇକ୍‌ଟିକୁ ଛଡ଼ାଇ ନେଇଥିଲେ। ତେବେ ଏହି ବାଇକର ମାଲିକ ତଥା ମହେନ୍ଦ୍ରଙ୍କ ଭଉଣୀ ନିୟମିତ ଭାବେ କିସ୍ତି ପରିଶୋଧ କରୁଥିଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କ ଠାରୁ ଜୋରଜବରଦସ୍ତ ବାଇକ ଛଡ଼ାଇ ନେଇଥିବାରୁ ମହେନ୍ଦ୍ର ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଫାଷ୍ଟଗେଟ୍ ନିକଟରୁ ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ବାଇକ୍ ଜବତ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରର ମହାବୀର କନସଲଟାନ୍ସି ଅଧୀନରେ ଫାଇନାନ୍ସ କମ୍ପାନୀ ପାଇଁ ଗାଡ଼ି ରିକଭରି କାମ କରୁଥିବା ତଦନ୍ତରୁ ଜଣାପଡିଛି।

# କାର୍ ଧକ୍କାରେ ଯବାନ ମୃତ

**ବ୍ରହ୍ମପୁର,୧୧।୪(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଗତ ରାତିରେ ଏକ କାର୍ ଧକ୍କାରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ଜଣକ ସତ୍ୟ ସାଧନ କରନ ଏବଂ ସେ ଗୋଳାବନ୍ଧ ଆର୍ମି ଏଡ଼ି କଲେଜରେ ହାବିଲଦାର ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ଘର ପଶ୍ଚିମବଙ୍ଗରେ ବୋଲି ପୁଲିସ କହିଛି। ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଗୋଳାବନ୍ଧ ଆର୍ମି ଏଡ଼ି କଲେଜରେ କାର୍ଯ୍ୟରତ ୫ଜଣ ଯବାନ କୌଣସି କାମରେ ଯାଇ ଜାତୀୟ ରାଜପଥରେ ରହିଥିଲେ। କୌଣସି କାରଣରୁ ଯବାନ ସତ୍ୟ ଡିଭାଇଡର କ୍ରସ କରି ଆସୁଥିବା ବେଳେ ଛତ୍ରପୁର ପଟୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅନ୍ୟ ବନ୍ଧୁମାନେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ପରେ ଅତ୍ୟଧିକ ଚିକିତ୍ସା ନିମନ୍ତେ ଗୋଳାବନ୍ଧ ଆର୍ମି ଏଡ଼ି କଲେଜରେ ଥିବା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ ଯବାନଙ୍କ ପତ୍ନୀ ମମତା କରନ ବେଜ ପହଞ୍ଚି ଖବର ଜାଣିବା ପରେ ଏହାର ଉଚିତ ତଦନ୍ତ କରିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାର୍ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ମୃତଦେହକୁ ବଡ଼ ମେଡିକାଲ ସଂରକ୍ଷଣ ଗୃହରେ ରଖାଯାଇଛି।

# ଅଖିଳ ଭାରତ କୃଷକ ସଭାର ଆଲୋଚନାଚକ୍ର

**ବ୍ରହ୍ମପୁର,୧୧।୪(ସମିସ):** ଅଖିଳ ଭାରତ କୃଷକ ସଭାର ୯୦ବର୍ଷ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ପି. ହରିକୃଷ୍ଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଜିଲ୍ଲା କୃଷକ ନେତା କୈଳାଶ ଷଡ଼ଙ୍ଗୀ ଯୋଗଦେଇ ଲାଲ ପତକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତାଭାବେ ବରିଷ୍ଠ ମାର୍କ୍ସବାଦୀ ନେତା ତଥା କେନ୍ଦ୍ର ଟ୍ରେଡ଼ ୟୁନିଅନ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଅଳିକିଶୋର ପଟ୍ଟନାୟକ, ପୂର୍ବତନ କେନ୍ଦ୍ର କମିଟି ସଭ୍ୟ ସିପିଆଇ(ଏମ), ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ଓ କେନ୍ଦ୍ର କମିଟି ସଭ୍ୟ ସିପିଆଇ(ଏମ) ଯୁଧିଷ୍ଠିର ବେହେରା, ସିପିଆଇମର ବଦ୍ରି ନାରାୟଣ ଦାସ, ଗୋପାଳକୃଷ୍ଣ ପାଣିଗ୍ରାହୀ, କୃଷକ ନେତା ଉର୍ମିଳା ଜେନା ପ୍ରମୁଖ ଯୋଗଦେଇ ଥିଲେ। ସାମ୍ରାଜ୍ୟବାଦୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆକ୍ରମଣରେ ଦେଶ ଉପରେ କୃଷକ ଓ କୃଷି ଉପରେ ପଡିଥିବା ସିଧାସଳଖ ପ୍ରଭାବକୁ ନେଇ ବକ୍ତାମାନେ ଆଲୋଚନା କରି ନିଜନିଜର ମତ ରଖିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ପି. ଶିବ ଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ ଓ କୃଷଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

ଦଣ୍ଡନାଚରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ

# ଆଧ୍ୟାତ୍ମିକତା କମୁଛି; ଧାର୍ମିକ ବେପାର ବଢୁଛି



● ଭିଏତନାମ୍‌ରୁ ଝୁଣା, କର୍ଣ୍ଣାଟକ ଓ କେରଳରୁ ଆସୁଛି ମୟୂର ପୁଚ୍ଛ
● ଦଣ୍ଡବିଧାନର ଦଣ୍ଡ କମୁଛି, ଲୋକଙ୍କ ଉପଭୋଗ ବଢୁଛି
● ପରମ୍ପରା ନାଁରେ ଶ୍ରମଦିବସ କମିଛି, ବାହାରୁ ଶ୍ରମିକ ଫେରୁଛି
● କଳାକାର ପେଟପାଟଣା ନାଁରେ ବ୍ୟଭିଚାର, ଅଶ୍ଳୀଳତା ଥମୁନି
● ୟୁନେସ୍କୋ ମାନ୍ୟତା ପାଇଁ ଗବେଷଣା ଜାରି

**ବ୍ରହ୍ମପୁର,୧୧।୪(ସମିସ):** ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ ହଟଯୋଗର ସମାହାର ହେଉଛି ଶିବଶକ୍ତି ଉପାସନାର ପ୍ରତୀକ ଗଞ୍ଜାମର ପାରମ୍ପରିକ ଦଣ୍ଡନାଟ। ଚୈତ୍ରମାସରେ ୨୧ ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର। ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ରହିଥାନ୍ତି। ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଆଦିମ ଯୁଗରୁ ପ୍ରଚଳିତ ଥିବା ବେଳେ ଧିରେ ଧିରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି। ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଏହାର ଇତିହାସ ଅତୀ ପ୍ରାଚୀନ। ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି।

କିନ୍ତୁ ସମୟକ୍ରମେ ଦଣ୍ଡନାଟ ତାର ମୂଳ ପରମ୍ପରା ହରାଉଛି। ଏନେଇ ଗବେଷକମାନେ ଉଦବେଗ ପ୍ରକାଶ କରିଛନ୍ତି। ଲୋକଧାରା, ଲୋକଧାରଣା, ପରମ୍ପରା, ଆଧ୍ୟାତ୍ମିକତା ଓ ସଂସ୍କୃତିକୁ ନେଇ ଗଞ୍ଜାମରୁ ଉତ୍ପତ୍ତି ହୋଇଥିବା ଏହି ମହାନ ସାମ୍ବତ୍ସରିକ ଉତ୍ସବ ତଥା ଗଣପର୍ବ ମୂଳ ପରମ୍ପରାରୁ ଉଭେଇ ଯାଉଥିବା ଗବେଷକମାନେ କହିଛନ୍ତି। ଏନେଇ ବରିଷ୍ଠ ଗବେଷକ ଡ଼ ଅନନ୍ତରାମ କର (କୈଣ୍ଡିନ୍ୟ) କହିଛନ୍ତି ଯେ, ସାମ୍ପ୍ରତିକ ସ୍ଥିତିରେ ଜଣେ ସାଧାରଣ ଜନତା ଦଣ୍ଡନାଟ କରାଇବା କଷ୍ଟକର ହୋଇପଡ଼ିଛି। ଦଣ୍ଡଦଳ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇଛି। ଦଣ୍ଡନାଟ ସମେତ ସଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଅଯଥା ଖର୍ଚ୍ଚ ସାଧାରଣ ଲୋକଙ୍କ ଲାଗି ଚିନ୍ତାର କାରଣ ହୋଇଛି। କହିବାକୁ ଗଲେ ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ଦଣ୍ଡନାଟ ପାଇଁ ପ୍ରାୟ ୨୦୦କୋଟି ଖର୍ଚ୍ଚ ହୋଇଛି। ଜିଲ୍ଲାରେ ୨୦୦ରୁ ଉର୍ଦ୍ଧ୍ୱ ଦଣ୍ଡପୁଞ୍ଜା ରହିଥିବା ବେଳେ ଗୋଟିଏ ଦଳ ଗୋଟିଏ ଦିନ ଦଣ୍ଡନାଟ ପରିବେଷଣ କରିବାକୁ ପାଖାପାଖି ୩ଲକ୍ଷ ଖର୍ଚ୍ଚ ହୋଇଥାଏ। ଏଭଳି ଭାବେ ୩ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଖର୍ଚ୍ଚ ହେବାର ନଜିର ରହିଛି। ଫଳରେ ଦିନକୁ ଦିନ ଦଣ୍ଡ ଖର୍ଚ୍ଚବହୁଳ ହେବାରେ ଲାଗିଛି। ଯାହା ଆଗାମୀ ପିଢି ଲାଗି ଚିନ୍ତାଜନକ ବିଷୟ। ଅପରପକ୍ଷେ ଦଣ୍ଡନାଟ ଏକ ଆଧ୍ୟାତ୍ମିକତା ପର୍ବ। କିନ୍ତୁ ଏଥିରେ ଦଣ୍ଡ ମହାମିଳନ ଭଳି ଅନେକ ପରମ୍ପରା କାଳକ୍ରମେ ଯୋଡ଼ି ହୋଇଛି।

ଯେ ଉଁ ଥି ପ । ଇଁ

ଗତ କିଛିଦିନ ପୂର୍ବେ ଧରାକୋଟ ବ୍ଲକର ସିଦ୍ଧୁରାପଲ୍ଲୀ ଗ୍ରାମରେ ଦୁଇ ଦଣ୍ଡଦଳ ମଧ୍ୟରେ ଯୁଦ୍ଧ ଦେଖିବାକୁ ମିଳିଥିଲା। ସେହିଭଳି ବିଭିନ୍ନ ଦଣ୍ଡଦଳରେ ଭୁକୁତା ସଂଖ୍ୟା ବଢିଥିବା ବେଳେ ଦଣ୍ଡସୁଆଙ୍ଗ ପରିବେଷଣ ମଧ୍ୟ କମିବାରେ ଲାଗିଲା। ଏହାର ସ୍ଥାନ ନେଲା ଅପେରା ଓ ଥିଏଟର। ସାମ୍ପ୍ରତିକ ସ୍ଥିତିରେ ଦଣ୍ଡବିଧାନର ଦଣ୍ଡ ବଦଳରେ ସାଧାରଣ ଲୋକେ ଚାଚଗୀତ ଉପଭୋଗ କରିବା ବ୍ୟବସ୍ଥା ବଢିଛି। ଦଣ୍ଡନାଟ ସମୟରେ ଅନେକ ସ୍ଥାନରେ ଅଭଦ୍ରଭାଷ ପ୍ରୟୋଗ ଓ ଅଶ୍ଳିଳତା ବଢିଛି। ଗଞ୍ଜାମ ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ଅଶ୍ଳିଳତା କମିଥିବା ବେଳେ କଳାକାରଙ୍କ ପେଟପାଟଣା ନାଁରେ ଏହା କିନ୍ତୁ ଥମିନାହିଁ। ଗଗେଷକ ଶ୍ରୀ କର ଦୁଃଖର ସହିତ କହିଛନ୍ତି ଯେ, ଆଧ୍ୟାତ୍ମିକତାର ଏହି ପର୍ବ ସାଧାରଣରେ ଧାର୍ମିକ ବେପାର ଭାବେ ପରିଗଣିତ ହୋଇଛି। ୧୫ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଲେବର ମିଳିବା କଷ୍ଟ ହେଉଛି। ଶ୍ରମିକମାନେ ବିଭିନ୍ନ ସ୍ଥାନରୁ ଫେରି ଆସୁଛନ୍ତି। ସେହିଭଳି ଭିଏତନାମାରୁ ଝୁଣା ଆସୁଥିବା ବେଳେ କେରଳ ଓ କର୍ଣ୍ଣାଟକରୁ ମୟୁରପିଞ୍ଛ ଆସୁଛି। ଫଳରେ ବେପାରୀ ମାଳାମାଲ୍ ହେଉଛନ୍ତି। ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ମାନେ ଦୁଇପଇସା ରୋଜଗାର କରୁଛନ୍ତି। ଧର୍ମ ନାମରେ ସାଧାରଣ ଲୋକଙ୍କର ପାଇଁ ଆର୍ଥିକ ବୋଝ ବଢୁଥିବା ବେଳେ ଦଣ୍ଡନାଟର ମୂଳ ପରମ୍ପରା ସମ୍ପର୍କରେ ଜାଣିବା ଲାଗି ଏହି ସମୟରେ ଜିଲ୍ଲାର କୌଣସି ସ୍ଥାନରେ ଆଲୋଚନା ଚକ୍ର, ପାଠଚକ୍ର ଇତ୍ୟାଦି ନୋହିଲା। ଯାହା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ ଯେ, ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ଗଞ୍ଜାମର ଗଣପର୍ବ ଦଣ୍ଡନାଟକୁ ୟୁନୋସ୍କ ମାନ୍ୟତା ପ୍ରଦାନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ପ୍ରଫେସର ଲମ୍ବୋଦର ପାଣିଗ୍ରାହୀଙ୍କ ସମେତ ଡ଼ ବାୟାମନୁ ଚର୍ଚ୍ଚି, ଡ଼ ଅନନ୍ତରାମ କର ଓ ସିଦ୍ଧାର୍ଥ ପାଢି ଗବେଷଣାରେ ସହଯୋଗ କରୁଛନ୍ତି। ଆଗାମୀ ଦିନରେ ଦଣ୍ଡନାଟ ବିଶ୍ୱବିଦିତ ହେବାକୁ ଥିବା ବେଳେ ମୂଳ ପରମ୍ପରା ବଜାୟ ରହିବା ଆଶଙ୍କା ବି ଜଟିଳ ହୋଇଛି



# ୨୬ ନମ୍ବର ୱାର୍ଡରେ ଅଷ୍ଟଦଣ୍ଡ ମହାମିଳନ ସମାରୋହ

**ବ୍ରହ୍ମପୁର,୧୧।୪(ସମିସ):** ସମଗ୍ର ଗଞ୍ଜାମ ଜିଲ୍ଲାରେ ମହାଆଡମ୍ବର ସହକାରେ ପାଳିତ ହେଉଛି ଗଣପର୍ବ ଦଣ୍ଡନାଚ। ଏହି ଅବସରରେ ସ୍ଥାନୀୟ ୨୬ନଂ. ୱାର୍ଡ ଅନ୍ତର୍ଗତ କେସି ହାଇସ୍କୁଲ ଖେଳ ପଡ଼ିଆରେ ଅଷ୍ଟଦଣ୍ଡ ମହାମିଳନ ସମାରୋହ ଆୟୋଜିତ ହୋଇଯାଇଛି। ସିଦ୍ଧୁରପୁର, ଖଣ୍ଡଦେଉଳି, ହୁମ୍ମା (ମହୁରୀପଦା), ଶାବୁଳିଆ, ପୁରୁଣାଗଡ, ଦିଗପହଣ୍ଡି ନିକଟ କଇଠଖଣ୍ଡି, ଗଗନପୁର, ବାସନାପଲ୍ଲୀ ଆଦି ଗ୍ରାମର ଦଣ୍ଡନାଚର ମହାମିଳନ ହୋଇଥିଲା। ସକାଳେ ବାଟବରଣ, ଧୂଳିଦଣ୍ଡ, ପାଣିଦଣ୍ଡ, ମହାମିଳନ ଓ ସନ୍ଧ୍ୟା ଆଳତୀ ପରେ ପ୍ରସାଦ ସେବନ ପରେ ମଧ୍ୟରାତ୍ରୀରେ ଅଗ୍ନିଦଣ୍ଡ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ଧୀରେଶ ସାବତଙ୍କ ସଂଯୋଜନାରେ ତଥା ସ୍ଥାନୀୟ ଯୁବକ ସଂଘ ଓ ଜନସାଧାରଣଙ୍କ ସହଯୋଗରେ ଆୟୋଜିତ ମା' ଦକ୍ଷିଣ ରୁଦ୍ରକାଳୀଙ୍କ ଅଷ୍ଟଦଣ୍ଡ ମହାମେଳନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ରାତ୍ରି ସମୟରେ ୱାର୍ଡର ବିଭିନ୍ନ ସାହିରେ ପୃଥକ ପୃଥକ ଭାବେ ମନୋରଞ୍ଜନ ଭିତ୍ତିକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକୁ ଅଞ୍ଚଳବାସୀ ମନଭରି ଉପଭୋଗ କରିଥିଲେ।

ଜିଲ୍ଲାସ୍ତରୀୟ ସିଏମ୍ କପ୍-୨୦୨୬

# ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ଦିନରେ ପଦାର୍ପିତ

**ବ୍ରହ୍ମପୁର,୧୧।୪(ସମିସ):** ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ କପ-୨୦୨୬ ଦ୍ୱିତୀୟ ଦିନରେ ପହଞ୍ଚିଛି। ଫୁଟବଲ ଖେଳର ପ୍ରଥମ ମ୍ୟାଚ ସେଣ୍ଟ ଜାଭିୟର ହାଇସ୍କୁଲ ଆମ୍ବପୁଆ ବାଳିକା ଦଳ ଓ ଖେମୁଣ୍ଡି ଏଫ୍‌ସି ମଧ୍ୟରେ ଖେଳାଯାଇଥିଲା।



ଏଥିରେ ଖେମୁଣ୍ଡି ଏଫ୍‌ସି ୩-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ୟୁଜିଏଚ୍ ଏସ୍ ଭାଲିଆଗଡ଼ ବାଳିକା ଦଳ ଡ଼ିଏଭି ବାଳିକା ଦଳକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ କବାଡ଼ିର ବାଳକ ବର୍ଗରେ ଛତ୍ରପୁର ଦଳ ୩୭ ପଏଣ୍ଟ ସ୍କୋର କରି ଚାମ୍ପିଅନ ହୋଇଥିବା ବେଳେ ଓ ଧରାକୋଟ ୩୩ ପଏଣ୍ଟ ସ୍କୋର କରି ରନର୍ସ ଅପ ହୋଇଥିଲା। ବାଳିକା ବର୍ଗ କବାଡ଼ିରେ ପୁରଷୋତ୍ତମପୁର ଦଳ ୩୭ପଏଣ୍ଟ ସ୍କୋର କରି ଚାମ୍ପିଅନ୍ ହୋଇଥିବା ବେଳେ ଓ ସାମନ୍ତିଆପଲ୍ଲୀ ଦଳ ୬ ପଏଣ୍ଟ ସ୍କୋର କରି ଟୁର୍ଣ୍ଣାମେଣ୍ଟରେ ରନର୍ସଅପ୍ ହୋଇଛନ୍ତି। ଦ୍ୱିତୀୟ ଦିନ ଖେଳରେ ଅତିଥି ଭାବେ ପୂର୍ବତନ ବରିଷ୍ଟ ଫୁଟବଲ ଖେଳାଳି ଭି. ଭଗବତୀ ରାଓ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟ ତଥା ବରିଷ୍ଠ ଖେଳାଳି ଏଲ୍. କେ. ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ଦ୍ୱେବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ। ଶୃଙ୍ଖଳାର ସହିତ ପ୍ରତିଯୋଗିତା ଆୟୋଜିତ ହେଉଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କରିଛନ୍ତି।

■ ୧୯ ବର୍ଷରୁ କମ୍ ଯୁବ ବକ୍ସିଂ ଦଳର ଗୌହାଟୀ ଯାତ୍ରା

# ଓଡିଶା ଦଳରେ ଗଞ୍ଜାମରୁ ୪ ଖେଳାଳି

**ବ୍ରହ୍ମପୁର,୧୧।୪(ସମିସ):** ଚଳିତ ଏପ୍ରିଲ ୧୩ରୁ ୧୯ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ଜାତୀୟ ୮ମ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ୧୦ଜଣ ପୁରୁଷ ଓ ୭ଜଣ ମହିଳା ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। ଏଥିସହ



ଦଳରେ ୨ଜଣ କୋଚ୍ ମ୍ୟାନେଜର, ଜଣେ ରେଫରୀ ଜଜ୍ ଓ ଜଣେ ଡ଼ିଟିଡ଼ିଙ୍କ ସମେତ ବକ୍ସିଂ ଦଳ ଆସାମର ଗୌହାଟୀ ଅଭିମୁଖେ ଯାତ୍ରା କରିଥିବା ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବହିଦାର ସୂଚନା ଦେଇଛନ୍ତି। ଫେଡରେସନ ଅଫ ଇଣ୍ଡିଆ ଓ ଆସାମ ଅମେଚୁର ବକ୍ସିଂ ଆସୋସିଏସନର ମିଳିତ ଆନୁକୁଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଖେଳାଳିଙ୍କ ମଧ୍ୟରୁ ପୁରୁଷ ବକ୍ସିଂରେ ଗଞ୍ଜାମ ଜିଲ୍ଲାର ଅଖିଳେଶ ବେହେରା ଓ ମହିଳା ବକ୍ସରଙ୍କ ମଧ୍ୟରେ ଏ. ପୂଜା ବେହେରା, ଯାଜ୍ଞସେନୀ ମହାରଣା ଓ ଦିପ୍ତିରାଣୀ ଗୌଡ଼ ରହିଛନ୍ତି। କୋଚ୍ ମ୍ୟାନେଜର ଭାବେ ଜି. ଯୋଗୀ ନନ୍ଦ, ମାନସ ଜେନା ଆନ୍ତର୍ଜାତୀୟ ବକ୍ସିଂ ଜଜ ଓ ରେଫରୀ ଶିଶିର କୁମାର ପାଣିଗ୍ରାହୀଙ୍କ ସମେତ ଓଡ଼ିଶା ଆମେଚୁର ବକ୍ସିଂ ଆସୋସିଏସନର ସମ୍ପାଦନ ଅନିଲ ବହିଦାର୍ ଯାତ୍ରା କରିଛନ୍ତି। ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଆଶୀର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ. ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ୍ କେ ନାୟକ ଓ ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାବିତ ଆଶାପ୍ରକଟ କରିଛନ୍ତି।

# ଦକ୍ଷିଣ ଓଡ଼ିଶା ପ୍ରତି ରେଳ ବିଭାଗର ଅବହେଳା; ଦିଲ୍ଲୀରେ ବିକ୍ଷୋଭ

**ବ୍ରହ୍ମପୁର,୧୧।୪(ସମିସ):** ଦକ୍ଷିଣ ଓଡ଼ିଶାର ଗଣ ସଙ୍ଗଠନ ମିଳିତ ମଞ୍ଚ 'ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ରେଳ ବିଭାଗର କ୍ରମାଗତ ଅବହେଳାକୁ ବିକ୍ଷୋଭ କରାଯାଇଛି। ଏନେଇ ମଞ୍ଚ ପକ୍ଷରୁ ନୂଆଦିଲ୍ଲୀ ରେଳ ଭବନ ଓ ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହାସହ ଦିଲ୍ଲୀ ସ୍ଥିତ ରେଳୱେ ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ଗୋପାଳପୁର (ବ୍ରହ୍ମପୁର)-ରେଢ଼ାଖୋଲ (ସମ୍ବଲପୁର), ଗୋପାଳପୁର-ସିଙ୍ଗାପୁର ରୋଡ (ରାୟଗଡା), ଗୋପାଳପୁର-ତାଳଚେର ରେଳପଥ ଭାୟା ତାରା ତାରିଣୀ ଶକ୍ତିପୀଠ ନିର୍ମାଣକୁ ଜାଣିଶୁଣି ଅବହେଳା କରାଯାଉଛି। ବାରମ୍ବାର ସର୍ଭେ କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ତଥା ଆର୍ଥିକ ଅନୁମୋଦନ କରାଯାଉନାହିଁ ବୋଲି ମଞ୍ଚ ଦାବି କରିଛି। ଫଳରେ ଦକ୍ଷିଣ ଓଡିଶା ସହ ପଶ୍ଚିମ ଓଡିଶା ସହ ସିଧାସଳଖ ଯୋଗାଯୋଗ ଓ ସାମାଜିକ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି। ସେହିପରି ଗୁଣୁପୁର-ଥେରୁବାଲି ରେଳପଥ କାର୍ଯ୍ୟ, ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳପଥ କାର୍ଯ୍ୟ ଅତି କଚ୍ଛପ ଗତିରେ ଚାଲିଛି। ସେହିପରି ଜୁନାଗଡ଼-ଗୋପାଳପୁର ଭାୟା କନ୍ଧମାଳ ରେଳପଥ କାର୍ଯ୍ୟ କେବଳ ସର୍ଭେରେ ରହିଯାଇଛି। ଏହି ସବୁ କାର୍ଯ୍ୟକୁ ଗତିଶକ୍ତି ଅଧୀନରେ ଅନ୍ତର୍ଭୁକ୍ତ କରାଯାଇ ତ୍ୱରାନ୍ୱିତ କରାଯାଉ ବୋଲି ଦାବି କରାଯାଇଛି। ଏଥିସହ ରାଜ୍ୟର ସର୍ବପ୍ରଥମ ଓ ସର୍ବ ପୁରାତନ ତଥା ୧୩୦ବର୍ଷର ପୁରୁଣା ବ୍ରହ୍ମପୁର ରେଳ ଷ୍ଟେସନ, ଅମୃତ ଭାରତ ରେଳ ଷ୍ଟେସନ ମାନ୍ୟତା ପାଇଥିବା ଏବଂ ଓଡ଼ିଶାର ୩ଟି ଏନଏସଜି-୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଏବଂ ବ୍ରହ୍ମପୁର ରହିଛି। ବ୍ରହ୍ମପୁରର ଆୟ ବାର୍ଷିକ ୧୦୦କୋଟିରୁ ଅଧିକ ରହିଥିବା ବେଳେ ଯାତ୍ରୀ ସଂଖ୍ୟା ବାର୍ଷିକ ହାରାହାରି ୭୨ଲକ୍ଷରୁ ଅଧିକା ରହିଛି। ରାଜ୍ୟର ଅନ୍ୟ ଷ୍ଟେସନର ଅନୁସାଙ୍ଗିକ ବିକାଶ ପାଇଁ ୩୦୦ଶହ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବ୍ରହ୍ମପୁର ରେଳ ଷ୍ଟେସନକୁ ମାତ୍ର ୯୩.୧୯ କୋଟି ଦିଆଯିବାକୁ ଦେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏଭଳି ଦକ୍ଷଣ ଓଡ଼ିଶାର ସମେତ ବ୍ରହ୍ମପୁରର ରେଳପଥର ବିକାଶ ନେଇ ବିଭିନ୍ନ ବିଷୟକୁ ଆଲୋଚାନ କରାଯାଇଥିଲା।

ବିକ୍ଷୋଭରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ବରିଷ୍ଟ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ରେଳ ମନ୍ତ୍ରଣାଳୟ ନିକଟରେ ଦାବିପତ୍ର ଦିଆଯାଇଥିଲା। ଏଥିରେ ଓଡିଶା ଡେଭେଲପମେଣ୍ଟ ଫୋରମର ପ୍ରୀତିଶ ପାଣିଗ୍ରାହୀ, ତପେଶ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ପ୍ରଗତିଶୀଳ ଉକ୍ରଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ବେଲଗୁଣ୍ଠା ବାଣିଜ୍ୟ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ନାଗେଶ୍ୱର ପାତ୍ର, ମିଟୁ ସିଂ ବହୁବ୍ୟକ୍ତି ଯୋଗ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ

**ବ୍ରହ୍ମପୁର,୧୧।୪(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଜିଲ୍ଲା ବୋର୍ଡ ସଦସ୍ୟ ରାମଚନ୍ଦ୍ର ମିଶ୍ରଙ୍କ ୩୮ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଇଂ. ଗିରିଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରଥମେ ଆଡ଼ଭୋକେଟ୍ ଶିବ ପ୍ରସାଦ ମିଶ୍ର ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଅଧ୍ୟକ୍ଷ ରବି ରଥ ଯୋଗଦେଇ ଦେଶକୁ ସ୍ୱାଧୀନତା କରିବା ପାଇଁ ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ରାମଚନ୍ଦ୍ରଙ୍କ ଭଳି ବହୁ ଲଢୁଆ ବ୍ୟକ୍ତି ଯେଉଁ କଷ୍ଟ ସ୍ୱୀକାର କରି ସ୍ୱାଧୀନତା ଆଣିଥିଲେ ତାହା ଆଜି ଜନସାଧାରଣଙ୍କ ମଧ୍ୟରେ ଶିଥିଳତା ପଡ଼ିଯାଇଛି। ଦେଶର ସାମ୍ବିଧାନିକ ସଂକଟ ଉକ୍ରଟ ଭାବରେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟୋଗପତି ପ୍ରୀତି ମୋହନ ମହାପାତ୍ର, ରାମପ୍ରସାଦ ଦାଶ, ଦୀଲିପ କୁମାର ମିଶ୍ର, ଇଂ. ଅନିଲ କୁମାର ଅ।ଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଲୋକନାଥ ପୂଜାରୀ, ଲକ୍ଷ୍ମୀ ଚରଣ ପଣ୍ଡା, ପାର୍ବତୀ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



● ଶୁଣିଲାନି ପ୍ରଶାସନ

## ସାହିବାସିନ୍ଦା ନିର୍ମାଣ କଲେ କଲଭର୍ଟ

କବିସୂର୍ଯ୍ୟନଗର,୧୧।୪(ସମିସ): ବାରମ୍ବାର ଅନୁରୋଧ, ଅଭିଯୋଗ ପରେ ବି ଦୀର୍ଘ ବର୍ଷର ବିପଦସଂକୁଳ କଲଭର୍ଟ ନିର୍ମାଣ



କଲାନି ଏନ୍ଏସି ପ୍ରଶାସନ। ନାଳନର୍ଦ୍ଦମା ଭର୍ତ୍ତି ଆବର୍ଜନା, ସାହି ଖାଲଢିପରେ ପରିପୂର୍ଣ୍ଣ ତଥାପି ମରାମତି ହେଉନଥିଲା। ତେଣୁ ନିଜେ ବିପଦ ମଣୁଥିବା ହେତୁ ସାହିବାସୀ ନିଜସ୍ୱ ଉଦ୍ୟମରେ ନିର୍ମାଣ କଲେ କଲଭର୍ଟ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସି ୧୦ନଂ ୱାର୍ଡ ଭେଙ୍କଟେଶ୍ୱର ସାହିର ଘଟଣା। ଦୀର୍ଘବର୍ଷ ହେଲା ସାହିଛକର କଲଭର୍ଟ ଭାଙ୍ଗି ବିପଦସଂକୁଳ ଅବସ୍ଥାରେ ପଡ଼ିରହିଥିଲା। ଏନେଇ ପ୍ରଶାସନକୁ ସାହିବାସୀ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳିଲା ନାହିଁ। ଏମିତିକି ଅନେକ ଗାଡି, ଯାତ୍ରୀ ସମସ୍ୟାରେ ପଡ଼ିଥିଲେ ବି ତାର ସମାଧାନ ହୋଇପାରିଲାନାହିଁ। ପ୍ରଶାସନ ନ ଚେତିବାରୁ ଅଣ୍ଟା ଭିଡ଼ିଲେ ସାହିବାସୀ। ନିଜ ଉଦ୍ୟମରେ ଶୁକ୍ରବାର କଲଭର୍ଟ ନିର୍ମାଣ କରାଯାଇଛି। ଆଗକୁ ମେରୁ ପର୍ବ ଦୃଷ୍ଟିରେ ରଖି ସାହିବାସୀଙ୍କ ଉଦ୍ୟମରେ ସମସ୍ୟାର ସମାଧାନ ହୋଇଛି।

## ଗ୍ୟାସ ନିଆଁ ଲାଗି ମହିଳା ଗୁରୁତର

ଭଞ୍ଜନଗର,୧୧।୪ (ସମିସ): ଭଞ୍ଜନଗର ବାଗଦେବୀ ରୋଡ୍‌ରେ ଶନିବାର ମଧ୍ୟାହ୍ନରେ ରନ୍ଧନ ଗ୍ୟାସ ଲିକ୍‌ରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେହେଲେ ବିଜେତା ସେନାପତି। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରିଛନ୍ତି। କୁଲାଡର ଚନ୍ଦ୍ରଶେଖର ସେନାପତି ଏବଂ ତାଙ୍କ ସ୍ତ୍ରୀ ବିଜେତା ଏବଂ ଝିଅ ଭଞ୍ଜନଗର ବାଗଦେବୀ ରୋଡ୍‌ରେ ରହୁଥିଲେ। ଶନିବାର ମଧ୍ୟାହ୍ନରେ ବିଦ୍ୟୁତ୍ ନଥିବାବେଳେ ବିଜେତା ଗ୍ୟାସରେ ରୋଷେଇ କରିବାକୁ ଯାଇ ଲାଇଟ୍‌ର ଲଗାଇଥିଲେ। ମାତ୍ର ପୂର୍ବରୁ ଗ୍ୟାସ ଲିକ୍ ଥିବା ଯୋଗୁ ଲାଇଟର ଲଗାଉ ଲଗାଉ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ଫଳରେ ବିଜେତା ପୋଡ଼ି ହୋଇ ଗୁରୁତର ହୋଇଥିଲେ। ପାଟି ଶୁଣି ପରିବାର ଲୋକେ ଏବଂ ସାହି ପଡୋଶୀ ଘରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା।

## ବିଜେଡି ନଗର ସଭାପତିଙ୍କ ପିତୃ ବିୟୋଗ

ଗଞ୍ଜାମ,୧୧।୪(ସମିସ): ଗଞ୍ଜାମ ଏନ୍ଏସି ବିଜେଡି ନଗର ସଭାପତି ସୁଧୀର କୁମାର ପାଢ଼ୀଙ୍କ ପିତା କାଶୀନାଥ ପାଢ଼ୀଙ୍କ ୭୮ ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ସକାଳେ ଚା' ପିଉଥିବାବେଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ବିଭିନ୍ନ ରାଜନୈତିକ ଦଳର ନେତା,



ଯୁବ ସଂଗଠକ ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ମରଶରୀରକୁ ନେଇ ଦାମୋଦରପୁର ସ୍ଥିତ ଋଷିକୁଲ୍ୟା ନଦୀ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ସୁଦାମ ଚରଣ ଜେନା, ପ୍ରେସ୍ କ୍ଲବ ସଭାପତି ଶବର କୁମାର ତାରାଇ, ଛାତ୍ର ସଂଗଠନ ନେତା ରାକେଶ ରଞ୍ଜନ ଦାସ, ରାଜେଶ ମହାରଣା, ଛତ୍ରପୁର ପ୍ରେସ୍ କ୍ଲବ ସଭାପତି ସରୋଜ ସାମାଲ, ଓଜେୟୁ ଜିଲ୍ଲା ଉପ ସଭାପତି ପ୍ରଶାନ୍ତ ମହାରଣାଙ୍କ ସମେତ ବହୁ ମାନ୍ୟଗନ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## ଘରେ ପଶି ୧୫ ଭରି ସୁନା ଓ ୩୫ ହଜାର ଟଙ୍କା ଲୁଟିନେଲେ

ପୋଲସରା,୧୧।୪(ସମିସ ): ପୋଲସରା ଥାନା ଅନ୍ତର୍ଗତ ଷୋଡ଼କ ଗ୍ରାମ ଶ୍ରୀରାମ ନଗରରେ ବଡ଼ଧରଣର ଚୋରି ଅଭିଯୋଗ ହୋଇଛି। ଶୁକ୍ରବାର ମଧ୍ୟ ରାତିରେ ସମସ୍ତ ସଦସ୍ୟ ଶୋଇଥିବା ବେଳେ ଘରର ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ବେଡ୍‌ରୁମ୍‌ରେ ଥିବା ଆଲମିରା ଓ ସୁଟକେଶ ଭାଙ୍ଗି ୧୫ ତୋଳା ସୁନା, ୬ ତୋଳା ରୁପା ସହ ନଗଦ ୩୫ ହଜାର ଟଙ୍କା ଏବଂ ଘରର ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ପାଖାପାଖି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବୋଲି ପରିବାର ସଦସ୍ୟ ଜିତେନ୍ଦ୍ର କୁମାର ବେହେରା ପୋଲସରା ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ଛାନ୍‌ବିନ୍ ଆରମ୍ଭ କରିଛି। ବର୍ତ୍ତମାନ ସମୟରେ ପୋଲସରା ଅଞ୍ଚଳରେ ଦଣ୍ଡଯାତ୍ରା ଚାଲୁଥିବା ହେତୁ ଅଧରାତି ପର୍ଯ୍ୟନ୍ତ ଗହଳିଚହଳି ଲାଗିରହୁଥିଲେ ମଧ କିଭଳି ଚୋର ବାରି କବାଟ ଭାଙ୍ଗି ସିଧା ବେଡ୍‌ରୁମରେ ପ୍ରବେଶ କଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଇଛି। ଅନ୍ୟପଟେ ଚୋର ପାଖରେ ପୂର୍ବରୁ ସବୁ ସୂଚନା ଥିବା ଏବଂ ଏଭଳି କାଣ୍ଡ କେବଳ ପରିଚିତ ଲୋକ ହିଁ କରିଥାଇପାରେ ବୋଲି ପରିବାର ସଦସ୍ୟ ସନ୍ଦେହ କରୁଛନ୍ତି। ପୋଲସରା ଥାନାଧିକାରୀଙ୍କ ସହ ଯୋଗାଯୋଗ ବେଳେ ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିଛି। ସନ୍ଧନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି କହିଛନ୍ତି।

## ଜୁଆଆଡ୍ଡାରେ ଚଢ଼ଉ; ୨ ଗିରଫ

ଦିଗପହଣ୍ଡି,୧୧।୪(ସମିସ): ଦିଗପହଣ୍ଡି ଥାନା ପୁଲିସ ଟିମ୍ ମହୁଡ଼ା ନିକଟ ଅନନ୍ତେଇ ଗ୍ରାମରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରି ୨ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ପୂର୍ବରୁ ସୂଚନା ପାଇ ବହୁ ସଂଖ୍ୟକ ଜୁଆଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଜୁଆଡି ଦ୍ୱୟଙ୍କ ଠାରୁ ପୁଲିସ ୯ ହଜାର ଟଙ୍କା, ତାସମୁଠା ଏବଂ ଜରିପାଲ ଜବତ କରିଛି।

ଶୁକ୍ରବାର ବିଳମ୍ବିତ ରାତିରେ ଗାଁ ନିକଟରେ ଜୁଆଖେଳ ଚାଲିଥିବା ନେଇ ସୂଚନା ମିଳିବା ପରେ ଥାନା ପିଏସ୍ଆଇ ମହାପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରିଥିଲେ। ଏନେଇ ଏତଲା ହେବା ପରେ ଆଇଆଇସି କିଶୋର କୁମାର ସାମଲ ଥାନା ମାମଲା ନଂ.୧୫୩/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କୁ ନୋଟିସ ଦିଆଯିବା ପରେ ଛାଡି ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଝୁନୁ ମାଝୀ କହିଛନ୍ତି।

ଷଷ୍ଠ ସନ୍ଧ୍ୟାରେ ସିଲ୍‌କ ସିଟି ମହୋତ୍ସବ

# ପ୍ରଗତି ପରମ୍ପରାରେ ପରିଣତ ହୋଇଛି ମହୋତ୍ସବ







ବ୍ରହ୍ମପୁର,୧୧।୪(ସମିସ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ସିଲ୍‌କ ସିଟି ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ବ୍ରହ୍ମପୁର ଓ ଗଞ୍ଜାମର ସାମଗ୍ରିକ ପ୍ରଗତିର ପରମ୍ପରାରେ ପରିଣତ ହୋଇଥିବା କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ଆରକ୍ଷୀ ଅଧୀକ୍ଷକ ଡ଼ା. ସର୍ବଣା ବିବେକ ଏମ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ଅନ୍ନଦା ଶଙ୍କର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**କୁଳଦୀପଙ୍କ ଗୀତରେ ଝୁମିଲେ ଦର୍ଶକ**

**ଆଜି ଉଦ୍‌ଯାପିତ ହେବ ମହୋତ୍ସବ**

ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ କଣ୍ଠର ଯାଦୁରେ ଦର୍ଶକ ବେଶ୍ ଆକର୍ଷିତ ହୋଇଥିଲେ। କଣ୍ଠଶିଳ୍ପୀ କୁଳଦୀପ ଓ ତାଙ୍କ ସହଯୋଗୀଙ୍କ ବିଭିନ୍ନ ସଙ୍ଗୀତ ଶ୍ରୋତା ଝୁମିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ରାଜସ୍ଥାନୀ ନୃତ୍ୟ, ପାରମ୍ପରିକ ଫ୍ୟାସନ୍ ସୋ, ଆଧୁନିକ ନୃତ୍ୟ ଓ ସ୍କେଟିଂ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ଗତ ୬ଦିନ ଧରି ଚାଲିଥିବା ସିଲ୍‌କ ସିଟି ମହୋତ୍ସବ ରବିବାର ଦିନ ଉଦ୍‌ଯାପିତ ହେବ।





## ଅଳିଆ ପାହାଡ଼ ଉପରେ ବୁଢ଼ାମ୍ବ ଗ୍ରାମ



କବିସୂର୍ଯ୍ୟନଗର,୧୧।୪(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକର ଏକ ଅଗ୍ରଣି ପଞ୍ଚାୟତ ହେଉଛି ବୁଢାମ୍ବ। ଏହି ବୁଢାମ୍ବ ଗ୍ରାମଟି କବିସୂର୍ଯ୍ୟନଗର-ଭୁବନେଶ୍ୱର ରାଜ୍ୟ ରାଜପଥ -୩୦ ଯିବା ରାସ୍ତାରେ ଅବସ୍ଥାପିତ। ଏହି ବୁଢାମ୍ବ ଗ୍ରାମ ଦେଇ ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ମାନେ ଯାତାୟତ କରିଥାନ୍ତି। କିନ୍ତୁ ପରିତାପର ବିଷୟ ଯେ ବୁଢାମ୍ବ ଗ୍ରାମ ଏବେ ଯେମିତି ଅଳିଆ ଗଦାର ପାହାଡ଼ ଉପରେ ଠିଆ ହୋଇଛି। କାରଣ ଏହି ଗ୍ରାମର ଅଳିଆ ଆବର୍ଜନାକୁ ନଷ୍ଟ କରିବାକୁ ଏଯାବତ ପ୍ରଶାସନିକସ୍ତରରେ କୌଣସି ପ୍ରକାର ବ୍ୟବସ୍ଥା ହୋଇନଥିବା ବେଳେ ସହରର ପ୍ରବେଶ ପଥରେ ବିଭିନ୍ନ ଦୋକାନ ବଜାରରୁ ବାହାରୁ ଥିବା ଅଳିଆ ଅବର୍ଜନା ପକାଯାଉଛି। ସାମାନ୍ୟ ବର୍ଷାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର କୌଣସି ନଜର ନାହିଁ।

ଏପରକି ଏଥିରେ ନିଆଁ ସଂଯୋଗ କଲେ ରାଜ୍ୟ ରାଜପଥରେ ଯିବା ଅଣନିଶ୍ୱାସୀ ହୋଇପଡେ। ଏନେଇ ବୁଢାମ୍ବ ପଞ୍ଚାୟତର ସରପଞ୍ଚ ସୁଜିତା ପଣ୍ଡା ମଧ୍ୟ ବହୁବାର ବିଡିଓ ଓ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇନଥିବା ଜଣାପଡିଛି।

## ଗୋପିଆପଲ୍ଲୀରେ ଗଣ୍ଡଗୋଳ; ଏକାଧିକ ଆହତ

ପୁରୁଷୋତ୍ତମପୁର,୧୧।୪(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଲା ପଞ୍ଚାୟତ ଗୋପିଆପଲ୍ଲୀ ଗାଁରେ ପୂର୍ବଶତ୍ରୁତା ସହ ଗ୍ରାମ୍ୟ ରାସ୍ତାକୁ ନେଇ ଗଣ୍ଡଗୋଳ ଘଟିଛି। କିଛି ଗ୍ରାମବାସୀ ଓ ସମ୍ପୃକ୍ତ ପରିବାରର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଖଣ୍ଡାରେ ହଣାହଣି ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ପୁରୁଷୋତ୍ତମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ବିପ୍ର ବସ୍ତିଆ ଅଭିଯୋଗ କରିଛନ୍ତି ଯେ, ମୋ ଦାଣ୍ଡରେ ହୀନ ନାହାକ ଆସି ଶୁକ୍ରବାର ଦିନ ଗାଳିଗୁଲଜ କରୁଥିଲା। ମୁଁ ପଚାରିବାରୁ ଗ୍ରାମର ଦଣ୍ଡପାଣି ନାହାକ, ଶିବରାମ ରେଡି, ଦୁଃଶାସନ ରେଡି, ଜୟସେନ ବସ୍ତିଆ, ସନ୍ତୋଷ ରେଡି, ଦିଲ୍ଲୀ ରେଡି ପହଞ୍ଚି ଆମ ପରିବାରର ସମସ୍ତଙ୍କ ଉପରେ ଠେଙ୍ଗା ଓ କାତିରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ପୁଲିସ ମାମଲା ରୁଜୁ କରି ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅନ୍ୟପଟେ ଗ୍ରାମର ଦଣ୍ଡପାଣି ନାହାକ ଅଭିଯୋଗ କରିଛନ୍ତ ଯେ, ମୋର ବାପା ହୀନ ନାହାକ ଦୋକାନରେ ବସିଥିବା ବେଳେ ସେହି ଗ୍ରାମର ବିପ୍ର ବସ୍ତିଆ ଓ ତାଙ୍କ ପୁଅ ହରିହର ବସ୍ତିଆ, ମହେଶ୍ୱର ବସ୍ତିଆ, ପଞ୍ଚାନନ ବସ୍ତିଆ, ଗଣେଶ ନାହାକ ଆସି ବାପାକୁ ଆକ୍ରମଣ କରିଥିଲେ। ମୁଁ ପ୍ରତିବାଦ କରିବାରୁ ମୋତେ ଆକ୍ରମଣ କରିଥିଲେ। ଏନେଇ ପୁଲିସ ଅନ୍ୟଏକ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମ ରାସ୍ତାନେଇ ଗ୍ରାମବାସୀଙ୍କ ସହ ବିପ୍ରଙ୍କ ପରିବାର ମଧ୍ୟରେ ପୂର୍ବରୁ ବହୁବାର ଝଗଡ଼ା ହୋଇ ଥାନାରେ ସମାଧାନ ହୋଇଥିଲା। ପୁଲିସ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ନେଇ ଗ୍ରାମ୍ୟରାସ୍ତାର ସମାଧାନ ନେଇ ତହସିଲଦାରଙ୍କ ସହଯୋଗ ଲୋଡ଼ିଥିଲେ। ପୁଣି ଶୁକ୍ରବାର ଏହାକୁ ନେଇ ଗଣ୍ଡଗୋଳ ହୋଇଛି। ଆଗାମୀ ଦିନରେ ଏହାର ସମାଧାନ ନହେଲେ ପରିସ୍ଥିତି ଉଗ୍ର ରୂପ ଧାରଣ କରିପାରେ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ବେଲଗୁଣ୍ଠା/ଭଞ୍ଜନଗର,୧୧।୪ (ସମିସ): କ୍ଷତ୍ରୀୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷ ଡ଼ ଗିରୀଧର ନାୟକଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ କମଳା କୁମାରୀ ପ୍ରଧାନ ଯୋଗଦେଇ ରକ୍ତଦାତା ଏବଂ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ଯୋଗଦେଇଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଡ ସଂଜୀବ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସୀମାଞ୍ଚଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ବ୍ରହ୍ମପୁର,୧୧।୪(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ୫ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗର ନିଗମର କମିଶନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼ା. ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ଜିଲ୍ଲା କୃଷି ଅଧିକାରୀ ଡ଼. ଅଜୟ କୁମାର କର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ମେଳା ଆୟୋଜିତ ହୋଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ପ୍ରାକୃତିକ ଓ ଜୈବିକ କୃଷି ସହ କୃଷି ଉଦ୍ୟୋଗୀକରଣ ଦ୍ୱାରା କୃଷି ଓ କୃଷକଙ୍କ ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିବା ସହ କୃଷି ଉତ୍ପାଦନ ବୃଦ୍ଧିରେ କୃଷି ଯାନ୍ତ୍ରିକରଣର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ମେଳାରେ ୪୦ଟି ଷ୍ଟଲ ଥିବା ବେଳେ ବିଭିନ୍ନ କୃଷି ଯନ୍ତ୍ରପାତିର ଡିଲରଙ୍କ ଦ୍ୱାରା ଅନେକ ଅତ୍ୟାଧୁନିକ କ୍ଷୁଦ୍ର ଏବଂ ବୃହତ୍ କୃଷି ଯନ୍ତ୍ରପାତି, ୧୦ଟି ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା ବିଭାଗୀୟ ଯୋଜନା ଆଦି କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗନେଇ କୃଷି ଯନ୍ତ୍ରପାତି ସମ୍ପର୍କରେ ଅବଗତ ହୋଇଥିବା ବେଳେ ବିଭିନ୍ନ ଯନ୍ତ୍ରାଂଶ କ୍ରୟ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଦିଗପହଣ୍ଡି କୃଷି ଜିଲ୍ଲା ଅଧିକାରୀ ପ୍ରଶାନ୍ତ କୁମାର ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ରହ୍ମପୁର କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## କଂଗ୍ରେସର ନଗର ସଭାପତି ହେଲେ ମନମଦନ

ଖଲ୍ଲିକୋଟ,୧୧।୪(ସମିସ): ମନମଦନ ସାହୁ ଖଲ୍ଲିକୋଟ କଂଗ୍ରେସର ନଗର ସଭାପତି ଘୋଷିତ ହୋଇଛନ୍ତି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଗଞ୍ଜାମ ଜିଲ୍ଲା ପଶ୍ଚିମର ବିଭିନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଖଲ୍ଲିକୋଟରେ କଂଗ୍ରେସର ବ୍ଲକ ସଭାପତି ଭାବେ ମେଘନାଦ ଦଳେଇ ଓ ନଗର ସଭାପତି ଭାବେ ମନମଦନ ସାହୁଙ୍କ ନାମ ଘୋଷଣା କରାଯାଇଛି। ନଗର ସଭାପତି ଭାବେ ମନ ମଦନ ସାହୁଙ୍କ ନାମ ଘୋଷଣା ହେବା ପରେ ସେ ପିସିସି ସଭାପତି ଓ ଜିଲ୍ଲା ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତଙ୍କୁ ସାଙ୍ଗରେ ନେଇ ଖଲ୍ଲିକୋଟ ଏନଏସିରେ ଦଳକୁ ମଜବୁତ କରିବେ ବୋଲି କହିଛନ୍ତି। ବ୍ଲକ ଓ ନଗର ସଭାପତି ଘୋଷଣା ପରେ ଦଳୀୟ କର୍ମୀଙ୍କ ମନରେ ଉତ୍ସାହ ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି।

# ମଧ୍ୟାହ୍ନଭୋଜନ ଚାଉଳ ହେରଫେର; ପ୍ରଧାନଶିକ୍ଷକ ନିଲମ୍ବିତ

ଆସିକା,୧୧।୪(ସମିସ)

ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଲଣ୍ଡାଜୁଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ। କ୍ଲଷ୍ଟର ସିଆରସିଙ୍କ ଅଭିଯୋଗ କ୍ରମେ ଗତ ୨୩ ତାରିଖ ଦିନ ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ବିଇଓ, ଏବିଇଓ ଉଭୟେ ମିଶି ଏହି ବିଦ୍ୟାଳୟକୁ ଆସିଥିଲେ। ସିଆରସିଙ୍କ ପୂର୍ବ ସୂଚନା ପ୍ରକାରେ ବିଦ୍ୟାଳୟର ନଥିପତ୍ର ଯାଞ୍ଚ କରିଥିଲେ। ଛାତ୍ର ଉପସ୍ଥାନ ଖାତା ୨୦୨୫-୨୦୨୬ ଏକ ବର୍ଷ ହେଲା ପିଲାଙ୍କ ଉପସ୍ଥାନ ଖାତାରେ ନ ଲେଖିବା ଏବଂ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ତଦନ୍ତ ପରେ ଜଣାପଡ଼ିବା ପରେ ବ୍ଲକ ଶିକ୍ଷା ଅଧିକାରୀ ୩୦ ତାରିଖରେ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗତ ୬ ତାରିଖ ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କର ଭୁଲ୍ ସ୍ୱୀକାର କରିଥିଲେ। ପରେ ମଗାଯାଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ସନ୍ତୋଷଜନଙ୍କ ନଥିବାରୁ ତାଙ୍କୁ ପୁଣି ପତ୍ର ସଂଖ୍ୟା-୬୫୬ ତାରିଖ ୧୦ /୦୪/୨୬ରେ ୱାଇପିଏନ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଅପରପକ୍ଷେ ବିଇଓଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଶିକ୍ଷା ବିଭାଗର ଗାଇଡ୍‌ଲାଇନକୁ ବୋଧେ ବିଇଓ ଖାତିର କରୁ ନାହାନ୍ତି ନାଁ ରାଜନେତାଙ୍କ ଆଶୀର୍ବାବାଦରେ କାହାକୁ ମାନୁ ନାହାନ୍ତି।

ସୂଚନା ଥାଉକି ବ୍ଲକର ଅଧିକାରୀମାନେ ନିୟମିତ ପରିଦର୍ଶନ କାହିଁକି କରୁ ନଥିଲେ, ଏକ ବର୍ଷ ହେଲା ଶ୍ରେଣୀ ଶିକ୍ଷକ କିଭଳି ଉପସ୍ଥାନ ଖାତାରେ ଉପସ୍ଥାନ ନେଉ ନଥିଲେ ବା ପ୍ରଧାନଶିକ୍ଷକ ଖାତା ଦିଅନ୍ତି ନାହିଁ ବୋଲି କେବେ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ କି? ଯଦି କରିଥିଲେ କାହିଁକି ଅଧିକାରୀ ଚୁପ ରହିଥିଲେ। ଏଭଳି ଅନେକ ପ୍ରଶ୍ନ ସନ୍ଦେହ ଆଣିଛି। ଏଣୁ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ବିଦ୍ୟାଳୟର ଅନିୟମିତତା, ଅଧିକାରୀଙ୍କ ନୀରବତା, ଏହା ପୂର୍ବରୁ ହୋଇଥିବା ଘଟଣା ଉପରେ ମଧ୍ୟ ତଦନ୍ତ କଲେ ସବୁ କଥା ବାହାରିବ ବୋଲି ଅବସରପ୍ରାପ୍ତ ଶିକ୍ଷାବିତମାନେ ମତ ଦେଇଛନ୍ତି। ଏହି ଘଟଣାରେ ଅନ୍ୟ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ସେହିପରି ପ୍ରଧାନ ଶିକ୍ଷକଙ୍କ ବିରୋଧର ଯେମିତି କାର୍ଯ୍ୟାନୁଷ୍ଠାନ ନିଆଗଲା ବିଇଓଙ୍କ କାର୍ଯ୍ୟରେ ଅବହେଳା ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାର ଲକ୍ଷାଧିକ ହିତାଧିକାରୀ କରିନାହାନ୍ତି ଇ-କେୱାଇସି

ଛତ୍ରପୁର,୧୧।୪(ସମିସ): ରାସନକାର୍ଡ ହିତାଧିକାରୀ ଇ.କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡିବା ଏବଂ ମୃତ ହିତାଧିକାରୀଙ୍କ ନାମକୁ ବାଦ୍ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏପରି କରିଥିଲେ। ୨୦୨୪ ଅଗଷ୍ଟ ମାସରୁ ଇ.କେୱାଇସି କରିବାକୁ କୁହାଯାଉଥିବା ବେଳେ ବହୁବାର ଅବଧି ବୃଦ୍ଧି କରାଯାଉଛି। ଏବେବି ରାଜ୍ୟରେ ୯ ଲକ୍ଷ ୯୬ ହଜାର ୮୮୨ ହିତାଧିକାରୀ ଇ.କେୱାଇସି କରିନଥିବା ବେଳେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ରହିଛି। ଜିଲ୍ଲାରେ ୧ଲକ୍ଷ ୧୯ ହଜାର ୧୫ ହିତାଧିକାରୀ ଇ.କେୱାଇସି କରିନାହାନ୍ତି। ପ୍ରତି ବ୍ଲକର ବିଡିଓ ମାନେ ମଧ୍ୟ ନିଜ ଅଞ୍ଚଳର ହିତାଧିକାରୀଙ୍କୁ ତୁରନ୍ତ ଇ.କେୱାଇସି କରିବାକୁ କହିଛନ୍ତି। ରାଜ୍ୟରେ ଗଞ୍ଜାମ ଜିଲା ସର୍ବାଧିକ ହିତାଧିକାରୀ ରହିଛନ୍ତି, କିପରି ଶତପ୍ରତି ହାସଲ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବିଭିନ୍ନ ସ୍ଥାନରେ ସଚେତନତା ସହ କ୍ୟାମ୍ପ ମଧ୍ୟ କରାଯାଉଛି ବୋଲି ଜିଲ୍ଲା ଯୋଗାଣ ମୁଖ୍ୟ ଅଧିକାରୀ ପ୍ରଦ୍ୟୁମ ରାଉତରାୟ ସୂଚନା ଦେଇଛନ୍ତି। ସାନଖେମୁଣ୍ଡି ବ୍ଲକରେ ୭୪୨୭ ଜଣ ଇ-କେୱାଇସି କରିନଥିବା ବେଳେ, ଖଲ୍ଲିକୋଟ ବ୍ଲକ ୭୩୬୩ ଜଣ, ବେଗୁନିଆପଡା ବ୍ଲକରେ ୬୯୫୧, ରଙ୍ଗେଇଲୁଣ୍ଡା ବ୍ଲକରେ ୬୦୬୯, କୁକୁଡାଖଣ୍ଡି ବ୍ଲକରେ ୫୯୨୪, ଦିଗପହଣ୍ଡି ୫୪୪୬, ପାତ୍ରପୁର ବ୍ଲକରେ ୫୪୦୬ ଜଣ, ବ୍ରହ୍ମପୁର ବିଏମସିରେ ୩୫୯୬ଜଣ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡିଛି।

ସୃଜନିକା
ସକାଳ THE SAKALA
www.sakalaepaper.com



# ସହରର ନିଦ



କବିତା ବାରିକ

ସହରର ଦୁଇପଟେ ଦୁଇଟି ଦୃଶ୍ୟ। ଗୋଟିଏ ପଟେ ସହର ଶୀଘ୍ର ଶୋଇଯାଏ। ଅନ୍ଧାର ଖୁବ୍‌ଶୀଘ୍ର ଏଠି ଚାଦର ଘୋଡ଼ିନିଏ। ଦିନସାରାର କ୍ଲାନ୍ତ, କଠିନ ପରିଶ୍ରମ ଯୋଗୁଁ ନିଦ ସଅଳ ସଅଳ ମାଡ଼ିଆସେ। ମଶା ହେଉ କି ମାଛି ଭାତ ମୁଠାଏ ପଡ଼ିଗଲେ ଅସାଡ଼ ନିଦ ମାଡ଼ିଆସେ। ହୁକ ପକା ବିଜୁଳି ଆଲୁଅ ବନ୍ଦ ହୋଇଯାଏ। ଯେ ଯାହା ଦୁନିଆରେ ହଜି ଯାଆନ୍ତି। ହେଲେ ନିଦ ଆସେନା ଫୁଲ ଆଖିରେ। ବସ୍ତିରେ ସେ ଏମିତି ଏକ ଫୁଲ ପଙ୍କ ଭିତରେ ପଦ୍ମ ଭଳି। କେତେ କେତେ ସ୍ୱପ୍ନ ବିଛାଡ଼ି ପଡ଼େ। ସ୍କୁଲ ଯାଉଥିଲା ଯେ ମା' ମରିଗଲା ପରେ ବାପ ସ୍କୁଲ ଯିବାକୁ ଦେଲାନି। ସେ ଯଦି ପଢ଼ି ଯିବ ତା'ହେଲେ ଘରେ ଭାତ ରାନ୍ଧିବ କିଏ? ସାନ ସାନ ଦୁଇ ଭାଇ କଥା ବୁଝିବ କିଏ? ଫୁଲ ଆଉ କ'ଣ କରିଥାନ୍ତା! ମାଆଟିର ବି ଏମିତି ଯିବାର ଥିଲା? ସ୍କୁଲରୁ ନାଁ କଟିଗଲା, ଜୀବନରୁ ସରସତା ହଜିଗଲା। ଫୁଲ ଭାତ ରାନ୍ଧିଲା, ଘର ଓଳାଇଲା, ବାସନ ମାଜିଲା, ଭାଇ ଦି'ଜଣଙ୍କୁ ଗାଧୋଇ ପାଧୋଇ ସ୍କୁଲ ପଠାଇଲା। ଆଉ ନିଜ ମନକୁ ବୋଧ ହେଲା ସିଏ ପଢ଼ି ଗଲେ ଏତେ ସବୁ କାମ ହେବ କେମିତି? ତା' ମନର ଫୁଲ ମଉଳିବାରେ ଲାଗିଲା। ପାଠରେ ଡୋରି ବାନ୍ଧିଦେଲା ପରେ ସେ କ୍ରମଶଃ ସ୍ଥାଣୁ ହେବାରେ ଲାଗିଲା। ବାହାର ଦୁନିଆଠାରୁ ଧୀରେ ଧୀରେ ସମ୍ପର୍କ ତୁଟିବାରେ ଲାଗିଲା। ସାଙ୍ଗସାଥିମାନେ କେବେ ଦେଖାହେଲେ ପଚାରନ୍ତି, "ଫୁଲ ତୁ କାହିଁକି ସ୍କୁଲ ଯାଉନୁ? ବଡ଼ ଦିଦି ତୋ କଥା ପଚାରନ୍ତି। ତୁ ଖୁବ୍ ସୁନ୍ଦର ପ୍ରାର୍ଥନା ବୋଲୁଥିଲୁ ନା ସେଥିପାଇଁ ମନେ ପକାନ୍ତି। ଆଗଭଳି ତୁ ଡ୍ରଇଂ କରୁଛୁ? ଆରଥର ଚିତ୍ରାଙ୍କନ ପ୍ରତିଯୋଗିତାରେ ତୋର ସେ ବୃଦ୍ଧାଶ୍ରମର ଚିତ୍ରଟି ପ୍ରଥମ ହୋଇଥିଲା। ଏଥର ଚିତ୍ରାଙ୍କନରେ ତୁ ତ ନାହୁଁ। କିଏ ପ୍ରଥମ ହେବ କେଜାଣି?"

ସେମାନଙ୍କୁ ବଲ ବଲ ହୋଇ ଅନାଏ ଫୁଲ। କାହିଁକି ସେ ପାଠ ଛାଡ଼ିଲା କହିପାରେନା ଫୁଲ। ପେନ୍‌ସିଲ, ରଙ୍ଗତୂଳୀ କେବେଠୁ ଧରିବା ଛାଡ଼ି ହେଇଛି, ଯେବେଠୁ ସେ ପେନ୍, ପେନ୍‌ସିଲ ବଦଳରେ ଚଟୁ,ଝାଡୁ ଧରିଛି। କେମିତି ଏକ ଦୀର୍ଘଶ୍ୱାସ ବାହାରି ଛାତିରେ ବାଡ଼େଇ ଯାଏ। ନିଜକୁ ନିଜେ ସେ କୁହେ ସବୁ ରେବତୀଙ୍କ ଭିତରେ ପାଠ ପଢ଼ିବାର ଆଗ୍ରହ ଥାଏ ସିନା ହେଲେ ସୁବିଧା, ସୁଯୋଗ ମିଳେନା। କେତେବେଳେ ରେବତୀ ଅକାଳ ମୃତ୍ୟୁ ମୁଖରେ ପଡ଼େ ତ କେତେବେଳେ ରେବତୀ ଭିତରର ସୁକୁମାର ଫୁଲମାନ ମଉଳି ଯାଆନ୍ତି। ଫୁଲ ତା' ପୁରୁଣା ସିଲଟ, ବହି, ଡ୍ରଇଂ ଖାତା ବାହାର କରେ। ସେସବୁକୁ ଟିକେ ଆଉଁସି ଦେଉ ଦେଉ ନିଦେଇ ଯାଏ, ତାଙ୍କ ପଟ ସହର ଭଳି। ଯାହାକୁ ଲୋକେ କହନ୍ତି ସହର ତଳି 'ବସ୍ତି'।

X X X

ଏପଟ ସହରରେ କେବେ ରାତି ଆସେନା। ସହର ଶୁଏ ନାହିଁ। ସହର ସୁନ୍ଦର, ବ୍ୟସ୍ତବହୁଳ। ଆଲୋକ ମାଳାରେ ଝଲମଲ। ନାଚଗୀତ, ରୋମାନ୍‌ସ, ହୋହଲ୍ଲା, ବିକାକିଣା, ନିଶା, ଉତ୍ସାହ, ପ୍ରାଚୁର୍ଯ୍ୟ ଭିତରେ ଘୋଘୋ ଡାକୁଥାଏ ସହର। ଏଠି ବସ୍ତିର ଅନ୍ଧାରୁଆ, ଜାଙ୍ଗୁଲୁ ଜାଙ୍ଗୁଲୁ ସନ୍ତସନ୍ତିଆ ଜୀବନର ସ୍ଥାନ ନାହିଁ। ଏଠି ଦୁଃଖ, ଦାରିଦ୍ର୍ୟ କାନ୍ଧର ବୋଝ ପାଲଟେନା। ଅଭାବ କ'ଣ ସହରୀ ମଣିଷ ଜାଣେନା। ପ୍ରାଚୁର୍ଯ୍ୟକୁ ବିଳାସରେ ଖର୍ଚ୍ଚ କରିଦିଏ। ଜୀବନମାନେ ମସ୍ତି। ବସ୍ତିଠାରୁ ମସ୍ତି ଅପହଞ୍ଚ। ଏଠି ମନ୍ଦିରଠୁ କ୍ଲବ୍ ଘରର ଆଦର ଅଧିକ। ସହରିଆଙ୍କ ଆଖିରେ ସଅଳ ନିଦ ଆସେନା। ନିଦ ଆସେନା ବୋଲି ଅନେକେ ନିଦ ବଟିକା ନିଅନ୍ତି। ହାଡ଼ ଖଟିଣି ନାହିଁ ପେଟ ଭରିବାକୁ। ହେଲେ ଯେତେ ଥିଲେ ବି ଆହୁରି ଦରକାର। ତେଣୁ ଲାଞ୍ଚ, ମିଛ, ଦୁର୍ନୀତି, କମିଶନି, ସାଧୁତା ମୁଖାରେ ଅସାଧୁ କାରବାର ଚାଲେ। କାଣି ବିଲେଇ ଅସରପାକୁ ସହି ପାରେନା। ଏଠି ପଡ଼ୋଶୀ ନଥାନ୍ତି। ଥାଏ ପାରାଭାଡ଼ି ଭଳି ଆକାଶଚୁମ୍ବୀ ଫ୍ଲାଟ୍‌ଘର।

ଏ ସହରରେ ବି ଫୁଲ ଅଛନ୍ତି। ଅନେକ ରଙ୍ଗର, ଅନେକ ଢଙ୍ଗର। ସେ ପାଖ ସହରର ଫୁଲ ଭଳି ଅଧାରେ ପାଠ ଛାଡ଼ି ଅସହାୟ ଭାବରେ ଘର କାମରେ ବାନ୍ଧି ହୁଅନ୍ତି ନାହିଁ। ଏ ଫୁଲମାନେ ପରୀ ରାଇଜର ସ୍ୱପ୍ନ ନେଇ ଆକାଶରେ ଉଡ଼ନ୍ତି। କେହି କେହି ଏତେ ଉପରକୁ ଉଡ଼ି ଯାଆନ୍ତି ଯେ ତଳକୁ ଓହ୍ଲାନ୍ତି ନାହିଁ। ତାଙ୍କୁ ଜନ୍ମ ଦେଇଥିବା ବାପାମାଆଙ୍କ ପାଖକୁ ଫେରିବାର ଆବଶ୍ୟକତାକୁ ଏଡ଼ାଇ ଦିଅନ୍ତି। ଏଫୁଲମାନଙ୍କ ପାଇଁ ଜୀବନ ଗୋଲାପର ଶେଯ। ମୁଲାୟମ ବିଛଣାରେ ଏମାନଙ୍କର ମୁଲାୟମ ନିଦ ଆସେ ରାତି ପାହିଲା ପାହିଲା ବେଳକୁ। ସୂର୍ଯ୍ୟୋଦୟ ଦେଖିବାର ସୁଯୋଗ ନଥାଏ। ଏମାନେ ପ୍ରଜାପତି। ଗୋଟିଏ ଡାଳରେ ବାସ ନାହିଁ। ବଞ୍ଚିବାର ବାଗ ଭିନ୍ନ ଭିନ୍ନ ଭଳି ଗୋଟିଏ ସହରରେ ନିଦର ବି ଭିନ୍ନ ଭିନ୍ନ ଭାଗମାପ। ଫୁଲମାନଙ୍କର ବି ଭିନ୍ନ ଭିନ୍ନ ରୂପ। ଗୋଟିଏ ପଟେ ସହରର ନିଦ ଭାଙ୍ଗୁଛି, ସକାଳ ଫିଟିବ ଫିଟିବ ହେଉଛି ସୁନେଲି ଖରାର ଅପେକ୍ଷାରେ, ଅନ୍ୟପଟେ ସହର ଶୋଇବାର ଉପକ୍ରମ କରୁଛି। ତା' ପାଇଁ ଏବେ ଏବେ ରାତି ଆସିଛି। ଫୁଲ ଫୁଟିବାର ବେଳ ଆସି ନାହିଁ। ହେଲେ ଜୀବନର ଗୀତ ବି ନିଦେଇ ଶୋଇଛି। ବାଃରେ ସହର!!! ■

ମୁସ୍‌କାନ ମେନ୍‌ସନ, ଡି୧,
ବମିଖାଲ, କେନାଲରୋଡ୍ ଭୁବନେଶ୍ୱର-୧୦,
ମୋ: ୯୪୩୭୧୧୭ ୬୨୭

# ମାଟି ଘୋଡ଼ା



ଶ୍ରୀହରି ଧଳ

ମୁଁ ଆଉ କା' ବିଶ୍ୱାସରେ ଚାଲେ,
ରାତି ଅଧରେ ପିଠିରେ -
ବୋହିନିଏ ଦେବୀଙ୍କୁ।
ମୋର ପରିଚୟ କ'ଣ ?
ଦିନ ଆଲୁଅରେ -
ମାଟି ପ୍ରତିମା।
ମୋର ଗତି ନାହିଁ କି ପ୍ରଗତି।
ସ୍ୱପ୍ନ ନାହିଁ କି ସମ୍ଭାବନା,
କା' ଅନୁଶାସନ
ଚାବୁକ୍ ବାଜେନି
ପିଠିରେ।
ମାଟି ଦେହରେ
କେହି ଖୋଜେକି -
ଜୀବନ ନାଟିକା, ସ୍ପନ୍ଦନ,
ପାଦର ଚଂଚଳତା।
ରେସ୍‌କୋର୍ସରେ ଜିତେଇ -
ଦେବାର ସ୍ପର୍ଦ୍ଧା।
ସେମିତି ଥାଏ ଗଛ ମୂଳରେ,
କଥା ପେଡ଼ିରେ।
ଅନ୍ଧାରରେ -
ବାଟ ଚାଲେ।
ମାଟି ଛାତିର
ସ୍ପନ୍ଦନ ଖୋଜେ।
ଆଖିରେ ସ୍ୱପ୍ନ ଖୋଜେ।
ମାଟି ଦେହରେ -
ଜୀବନ ଖୋଜେ।
କେହି ବାଂଟେନି -
ଦରଦ, କା' ଓଠ ଫାଙ୍କରୁ -
ଫିଟି ଆସେନି -
ଆହା ପଦ।
ମୁଁ ମାଟି ଘୋଡ଼ା,
କା' ଇଚ୍ଛାର
ବଶମ୍ବଦ
ଖେଳଣାଟେ ଯା' ।। ■

ତାଉଁତରା, କପାସି
ଚିତାଲୋ, ଯାଜପୁର
ମୋ: ୮୧୧୭୦୮୧୯୦୬



# ଆଜି କାହିଁକି



ସୁରେଶ ସାଗର

ଆଜି କାହିଁକି ବଗିଚା ସାରା
ଏତେ ଫୁଲ, ଏତେ ଏତେ ପ୍ରଜାପତି
ଥରକୁ ଥର କୁହାଟ ଛାଡୁଚି
ମୋ ଏକାକୀତ୍ୱର ପକ୍ଷୀ...!

ଆଜି କାହିଁକି
ଏତେ ଅସହାୟ ମୋ ପୁରୁଷାକାର
ଅପହୃତ ସୈନିକଟିଏ ପରି
ଅବୟବରେ ଏତେ ନିସ୍ତେଜତା ?
କେଉଁଠି ବି ସ୍ଥିର ରହୁନି ଧ୍ୟାନ
ଲାଗୁଚି,
ତମେ ହିଁ ଗିରଫ କରିଚ
ମୋ ନିର୍ଜନ ଏକାଗ୍ରତା...!

ଆଜି କାହିଁକି
ଏରୁଣ୍ଡି ପାଖରେ
ନଈବଢ଼ିର ଇସାରା
ଜାଣୁଚି,
କାଲି ରାତିତମାମ
ତମେ ତରଳି ଯାଇଚ
ଆଉ, ଢ଼ାଳି ହେଇଚ
ମୋ ଇଲାକା ସାରା..!
ଶୋଇପାରି ନଥିବା
ତମ ନିଦ ଆଉ ସ୍ୱପ୍ନସବୁ
ଦେଖ, କେମିତି
ଛଟପଟ ହଉଛନ୍ତି
ଯେ ପାଣିସାରା...!

ଆଜି କାହିଁକି
ମୋ କୋଠାରି ଭାରି ବଡ଼ ବିଚିତ୍ର ଲାଗୁଚି
ଅଧାଅଧି ଅନ୍ଧାର
ଆଉ ଅଧା ଜହ୍ନରାତି
ମୋ ଗୋଟିଏ ଆଖିରେ ନିଦ
ଆଉ ଆଖିରେ ତମକୁ ଦେଖୁଚି,
ଜାଣି ପାରୁନି
କେତେବେଳେ ରାତି
କେତେବେଳେ ସକାଳ ପାହୁଚି...!

ଆଜି କାହିଁକି
ତମ ଦୀର୍ଘ ନୀରବତା
ମୋତେ କାଠହଣା ପରି ହାଣୁଚି
ଛାତିର କୋରଡ଼ ଅକ୍ତିଆର କରି
ହୃଦୟକୁ ଟିକ ଟିକ କରୁଚି,
ଯୁଆଡ଼େ ବି ଯାଉଚି
ତମ କୁଆଁରୀ ଅଭିମାନ
ସବୁଠି ମୋ ବାଟ ଉଗାଳୁଚି.....!

ଆଜି କାହିଁକି
ଯେ ଆରଣ୍ୟକ ଦେହକୁ
ଅଗ୍ନ ଛୁଇଁ ବହିଯାଉଥିବା
ଚଇତାଳି ପରି
କେବଳ ଧାଡ଼ିଏ କହି
ଚୁପଚପ ରହୁଚ,
ଅପେକ୍ଷାରେ ଭାଙ୍ଗିରୁଜି ଗଲା ପରେ
ଶେଷକୁ ମୋତେ ଇ ଦୋଷାରୋପ
କରି ବସୁଚ...!! ■

କଳାହାଣ୍ଡି



## ପୁସ୍ତକ ପରିଚୟ

### ନୀରବତାର ରାଗିଣୀ

ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟ




ସୁଲଭ ପ୍ରକାଶନୀ
ବଳଗଣ୍ଡି, ପୁରୀ
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୧୨୦ ଟଙ୍କା

ଗାଳ୍ପିକା ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କ ଗଳ୍ପ ପୁସ୍ତକ 'ନୀରବତାର ରାଗିଣୀ' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୨୦ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। 'ଦୂର ଆକାଶର ପକ୍ଷୀ', 'ନୀରବତାର ରାଗିଣୀ', 'ଅସମାହିତ ପ୍ରଶ୍ନ', 'ସ୍ମୃତି ଯନ୍ତ୍ରଣାର', 'ଛାଇ ଆଲୁଅ', 'ଶେଷ ଦୃଶ୍ୟ', 'ଅଭିଆଡ଼ୀ ସ୍ୱପ୍ନ', 'ମଉଳା ସଞ୍ଜ', 'କିଛି ବ୍ୟକ୍ତ: ଅନେକ ଅବ୍ୟକ୍ତ', 'ଅଦୃଶ୍ୟ ବନ୍ଧନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସମାଜର ନିତିଦିନିଆ ଘଟଣା, ମଣିଷର ପ୍ରେମ, ସୁଖ, ଦୁଃଖ, ଜୀବନ ଯନ୍ତ୍ରଣା, ସାମାଜିକ ବାସ୍ତବତାର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି। 'ଅସମାହିତ ପ୍ରଶ୍ନ' ଏକ ସାମାଜିକ ବାସ୍ତବଧର୍ମୀ ଗଳ୍ପ। ଏହି ଗଳ୍ପରେ ଦୁଇ ପିଢ଼ିର ମଣିଷଙ୍କ ସଂଘର୍ଷ ଓ ଦ୍ୱନ୍ଦ୍ୱର ଚିତ୍ର ପ୍ରତିଫଳିତ ହୋଇଛି। ସେହିପରି 'ଛାଇ ଆଲୁଅ' ଗପରେ ପାରିବାରିକ ସଂପର୍କ ଓ ସଂଘର୍ଷ କଥା ବର୍ଣ୍ଣନା କରାଯାଇଛି। ମନଛୁଆଁ କାହାଣୀ, ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ ଯୋଗୁଁ ଗପଗୁଡ଼ିକ ଅଧିକ ଆକର୍ଷଣୀୟ ହୋଇଛି। 'ନୀରବତାର ରାଗିଣୀ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଅପରିଚିତ ସହର

ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ କବିତା ପୁସ୍ତକ 'ଅପରିଚିତ ସହର' ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ 'ପ୍ରତୀକ୍ଷା', 'କାଳିଆର ଡାକ', 'ପାହାଡ଼ ତରଳି ଯାଏ', 'ଆଶା ବୈତରଣୀ', 'ପ୍ରାପ୍ତ ପ୍ରତୀକ୍ଷା' 'ଅହଂକାର', 'କ୍ଲାନ୍ତପକ୍ଷୀ ଯୁଗଳ', 'ଲକ୍ଷ୍ୟଭେଦ', 'ନୂଆସହର', 'ଦୁଇଟି ପାଦ', 'ପଳାତକ', 'ବାପା ଓ ମାଆ', 'ବର୍ଷା', 'ସାବିତ୍ରୀ ଉବାଚ', 'ମଧ୍ୟାହ୍ନର ଝର୍କା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ପ୍ରତିଟି କବିତାର ଭାବ ଓ ଅନୁଭବ ସ୍ୱତନ୍ତ୍ର। ମଣିଷର ସ୍ୱପ୍ନ, ଆଶା, ଆକାଂକ୍ଷା, କାମନା, ସୁଖ, ଦୁଃଖ, ମାନବୀୟ ପ୍ରେମ, ତିତିକ୍ଷା ଅତି ଚମତ୍କାର ଭାବେ କବିତାଗୁଡ଼ିକରେ ଫୁଟି ଉଠିଛି। କବି କେତେବେଳେ ମାନବୀୟ ପ୍ରେମରେ ବନ୍ଧା ପୁଣି କେବେ ସାମାଜିକ ଅସଙ୍ଗତିକୁ ନେଇ ବିଦ୍ରୋହର ସ୍ୱର ତୋଳିଛନ୍ତି। ସେହିପରି କେତେକ କବିତାରେ ପ୍ରକୃତିର ଚିତ୍ର ମାର୍ମିକ ଭାବେ ଚିତ୍ରିତ ହୋଇଛି। ମାଟି, ଆକାଶ, ସମୁଦ୍ରଠାରୁ ଆରମ୍ଭ କରି ସାଂସାରିକ ଜୀବନ ପର୍ଯ୍ୟନ୍ତ ପ୍ରତିଟି କଥାକୁ କବି ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ଅପରିଚିତ ସହର' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ରୀତି ଯୁଗ କାବ୍ୟ ପରମ୍ପରାରେ ବ୍ୟତିକ୍ରମ 'ପ୍ରସ୍ତାବ ଚିନ୍ତାମଣି'



ଅଧ୍ୟାପିକା ମହାଶ୍ୱେତା ସାହୁ

ଗଦ୍ୟ ବାସ୍ତବଧର୍ମୀ, ତଥ୍ୟମୂଳକ, ଯୁକ୍ତିନିଷ୍ଠ ହୋଇଥିବାରୁ ଏହାକୁ ଏକ କଷ୍ଟସାଧ ରଚନା କୁହାଯାଏ। ପଦ୍ୟ ତୁଳନାରେ ଗଦ୍ୟରଚନା ପ୍ରକୃତ ପକ୍ଷରେ ସାହିତ୍ୟିକର ଯଥାର୍ଥ ପ୍ରତିଭା ପ୍ରଦାନ କରିଥାଏ। 'ସୋମନାଥ ବ୍ରତକଥା', 'ମାଦଳାପାଞ୍ଜି', 'ରୁଦ୍ରସୁଧାନିଧି', ବଳରାମ ଦାସଙ୍କ 'ଜ୍ଞାନଚୂଡ଼ାମଣି', ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବ ସିନ୍ଧୁ', ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ଏବଂ ନୀଳାମ୍ବର ବିଦ୍ୟାଧରଙ୍କ 'ପ୍ରସ୍ତାବ ଚିନ୍ତାମଣି' ପ୍ରଭୃତି ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ ଧାରାର ଏକ ଏକ ମାଇଲଖୁଣ୍ଟ ବୋଲି ବିଚାର କରାଯାଏ।

ପ୍ରାଚୀନ ଓଡ଼ିଆ କାବ୍ୟଧାରାରେ ରୀତିକାବ୍ୟ ପରଂପରାର ଉନ୍ମେଷ ପର୍ବର କାବ୍ୟାଦର୍ଶର ବ୍ୟତିକ୍ରମ ହେଉଛି 'ପ୍ରସ୍ତାବ ଚିନ୍ତାମଣି' ଗଦ୍ୟଗ୍ରନ୍ଥ। ନୀଳାମ୍ବର ବିଦ୍ୟାଧରଙ୍କ ରଚିତ 'ପ୍ରସ୍ତାବ ଚିନ୍ତାମଣି' ଗଦ୍ୟ ପରଂପରାରେ ଏକ ବିସ୍ମୟ। ବିଷୟ ନିର୍ବାଚନ ଓ ପ୍ରାସଙ୍ଗିକତାକୁ ଅନୁଧ୍ୟାନ କଲେ ଦେଖିବା ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଯେଉଁ କେତୋଟି ଗଦ୍ୟଗ୍ରନ୍ଥ ଲୋକଲୋଚନକୁ ଆସିପାରିଛି ତା' ମଧ୍ୟରୁ 'ପ୍ରସ୍ତାବ ଚିନ୍ତାମଣି' ବିଶିଷ୍ଟ ସ୍ଥାନ ଗ୍ରହଣ କରିବ। ଶୈଳୀ, ବିଷୟବସ୍ତୁର ମନୋରମ ଉପସ୍ଥାପନା, କଥନଭଙ୍ଗୀ, ବର୍ଣ୍ଣନା କୁଶଳତା ଓ ଭାଷା ଦୃଷ୍ଟିରୁ ଏହାକୁ ବିଚାର କଲେ ଏହା ଏକ ସାର୍ଥକ ଗଦ୍ୟଗ୍ରନ୍ଥ ଅଟେ। ଏହା ନାନା ବିଷୟର ଏକ ଚିତ୍ରଶାଳା ରୂପରେ ପ୍ରତିଭାତ ହୁଏ।

ନୀଳାମ୍ବର ବିଦ୍ୟାଧରଙ୍କ ରଚିତ 'ପ୍ରସ୍ତାବ ଚିନ୍ତାମଣି'ର ରଚନାକାଳ ୧୭୮୬ ଖ୍ରୀଷ୍ଟାବ୍ଦ ବୋଲି ଜଣାଯାଏ। ୧୯୭୭ ମସିହାରେ ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ସମ୍ପାଦନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୟୁଜିସିର ଆର୍ଥିକ ସହାୟତାରେ ଏହି ଗଦ୍ୟ ଗ୍ରନ୍ଥ ପ୍ରକାଶିତ ହୋଇଥିଲା। ତେବେ, ୧୯୭୩ ମସିହାରେ ଭଞ୍ଜବିହାରରେ ସଂରକ୍ଷିତ ତାଳପତ୍ର ପୋଥି ମଧ୍ୟରୁ ଏହି ଗ୍ରନ୍ଥ ସତ୍ୟନାରାୟଣ ରାଜଗୁରୁ ଉଦ୍ଧାର କରି ସମ୍ପାଦନା କରିଥିଲେ। ଏଥିରେ ଖ୍ରୀ ୧୮ଶ ଓ ଖ୍ରୀ ୧୯ଶ ଶତାବ୍ଦୀ ଓଡ଼ିଶାରେ ପ୍ରଚଳିତ ଗଦ୍ୟରଚନା ପଦ୍ଧତି ସଙ୍ଗେ ସମକାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ବିବିଧ ପ୍ରସଙ୍ଗ ଏହି ଗ୍ରନ୍ଥରେ ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଅଛି। କେବଳ ସାହିତ୍ୟ ଦିଗରୁ ନୁହେଁ, ବରଂ ଇତିହାସର ସମାଜତାତ୍ତ୍ୱିକ ଦୃଷ୍ଟିରୁ ଏହା ଏକ ଉପାଦେୟ ଗ୍ରନ୍ଥ। ଏହି ଗ୍ରନ୍ଥର ତାଳପତ୍ର ପୋଥିର ପତ୍ରସଂଖ୍ୟା ୧୧୦। ଏହାର ରଚନାକାଳ ୧୭୦୮ ବୋଲି ଧାର୍ଯ୍ୟ କରାଯାଇଛି ଅର୍ଥାତ୍ (୧୭୮୬) ସଙ୍ଗେ ସମାନ ବୋଲି ଧରାଯାଏ।

ପ୍ରାଚୀନ ଲୋକଗଳ୍ପ ଧାରାରେ ଅତି ସରଳ ଭାଷାରେ ଏହାର ବିଷୟବସ୍ତୁ ରଚିତ। ଏହା ଏକ ପ୍ରେମମୂଳକ କାହାଣୀ ଗ୍ରନ୍ଥ। ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଚଳଣିର ନିଚ୍ଛକ ଚିତ୍ର ଏଥିରେ ରୂପାୟିତ। ଏଥିରେ ସ୍ଥାନିତ ରାଜ୍ୟ ବର୍ଣ୍ଣନା, ଗଡ଼ ବର୍ଣ୍ଣନା ଓ ହାଟ ବର୍ଣ୍ଣନା ଅତିବ ଚମତ୍କାର।

ଗଡ଼ଜାତ ରାଜାମାନଙ୍କର ଶାସନ ପଦ୍ଧତି ଓ ତତ୍କାଳୀନ ରାଜକୀୟ ମର୍ଯ୍ୟାଦାର ନଗ୍ନଚିତ୍ର ସଙ୍ଗେ ଦୁର୍ଗ ଓ ରାଜନଗରର ବର୍ଣ୍ଣନାବଳୀ ଜଣେ ପ୍ରତ୍ୟେକ୍ଷଦର୍ଶୀ ଐତିହାସିକଙ୍କ ଲେଖନୀରେ ସତ୍ୟଘଟଣା ବର୍ଣ୍ଣନା ରୂପେ ବିବେଚିତ ହୋଇଥାଏ। ମଧ୍ୟଯୁଗୀୟ ସାମନ୍ତ ପ୍ରଥା ଓ ଗଡ଼ଜାତ ଶାସନର ଚିତ୍ର 'ପ୍ରସ୍ତାବ ଚିନ୍ତାମଣି'ରେ ଅମର ହୋଇ ରହିବ। ସର୍ବୋପରି ତାଙ୍କର ବର୍ଣ୍ଣନାର ଶୁଦ୍ଧତା ଓ ସତ୍ୟତା ଅଧିକ ଉଜ୍ଜ୍ୱଳ ଓ ପରିମାର୍ଜିତ। ତାଙ୍କ ଅବତାରଣରେ ସରଳ ବୋଧଗମ୍ୟ ଭାଷାରେ ବର୍ଣ୍ଣନାର ଚମତ୍କାର ଚାତୁରୀ ସୁନ୍ଦର ଭାବରେ ବର୍ଣ୍ଣିତ। ତତ୍କାଳୀନ ସମାଜର ଟିକିନିଖି ବିବରଣୀ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି।

ସେ ସମୟର ପ୍ରଚଳିତ ଭାଷାର ପରିଚୟ, ପ୍ରାଚୀନ ଓଡ଼ିଆ ଶବ୍ଦ, ଖଣ୍ଡବାକ୍ୟ ରଙ୍ଗିତ ମୂଳକ ଲୋକୋକ୍ତି ଆଦିର ପ୍ରୟୋଗରେ ଏହାର ଗଦ୍ୟଶୈଳୀ ସମୃଦ୍ଧ। ସରଳ ବୋଧଗମ୍ୟ ଗାଉଁଲି ଭାଷା ବ୍ୟବହୃତ ହୋଇଅଛି। ଏହା ହିଁ ଏହାର ଅଭିନବ କଳ୍ପନା। ପ୍ରେମକାହାଣୀ ଆଧାରିତ ହୋଇଥିବାରୁ ଏହାର ଏହାର ମୁଖ୍ୟରସ ଶୃଙ୍ଗାର। କାହାଣୀ ସଂଯୋଜନା ଓ ସହଜ ଭାଷାରେ ବ୍ୟବହାର ଯୋଗୁ ଏହାର ଉପସ୍ଥାପନା ଶୈଳୀ ଓ ରସଚତୁରୀ ଆକର୍ଷଣୀୟ। ସେଥିପାଇଁ ପ୍ରାଚୀନ ଗଦ୍ୟ ପରଂପରାରେ ଏହାକୁ ଏକ ସଫଳ ଗଦ୍ୟ ମାନ୍ୟତା ପ୍ରଦାନ କରାଯାଇଛି.

ଖଲ୍ଲିକୋଟ ରାଜବଂଶୀୟ ନୀଳାମ୍ବର ବିଦ୍ୟାଧରଙ୍କ 'ପ୍ରସ୍ତାବ ଚିନ୍ତାମଣି' ଏକ ଉଚ୍ଚକୋଟୀର ପ୍ରାଚୀନ ଗଦ୍ୟଗ୍ରନ୍ଥ। ଏଥିରେ ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଜୀବନ ଚିତ୍ର, ନୌବାଣିଜ୍ୟ, ବଣିକ ଓ ବ୍ୟବସାୟୀଙ୍କ ପ୍ରାଚୁର୍ଯ୍ୟ, ଗଦ୍ୟରୀତିରେ ବର୍ଣ୍ଣିତ। ବ୍ରଜନାଥ ବଡ଼ଜେନାଙ୍କ ରଚନା କାଳ ଓ ନୀଳାମ୍ବର ବିଦ୍ୟାଧରଙ୍କ ରଚନାକାଳ ପ୍ରାୟତଃ ସମାନ କହିଲେ ଚଳେ। ମାତ୍ର ଉଭୟଙ୍କ ରଚନା ଶୈଳୀ ଓ ଭାଷା ପ୍ରୟୋଗରେ ରହିଛି ଅନେକ ତାରତମ୍ୟ।

ହାଟବର୍ଣ୍ଣନାରେ ବିଭିନ୍ନ ପ୍ରକାର ସୂତା ଲୁଗା, ପାଟବସ୍ତ୍ରର ବିଦେଶକୁ ରପ୍ତାନି ସହ ବିଭିନ୍ନ ପ୍ରକାର ଶାଢ଼ି, ପୁଅଖଦି, ଚନ୍ଦ୍ରବାଣ, ନକ୍ଷତ୍ରଭୂଷଣ, ଗୁଣ୍ଠା, ମନାଙ୍ଗପେଡ଼ି, ହରଗଉରି, ଗଙ୍ଗାଯମୁନା, ରାଜେନ୍ଦ୍ର ପଡ଼ି, କଲରାମ ପଡ଼ି, ନିଖି, ତିନିଗାର, ଦୈତାରି, ଶ୍ରୀରାମଖଦି, ସାନ୍ତରାପଡ଼ି, କୁମ୍ଭକର୍ଣ୍ଣ ପଡ଼ି, ମନ୍ଦାର ଧୋତି, ରଙ୍ଗ ଖଦି, କାଣ୍ଡ ନାହାଳ, ତରିଆ ବାନ୍ଧ, ଛଅହାତି, ପାଞ୍ଚହାତି, ଅଠରପାଲା, ପାଟ ଓଢ଼ଣିଥାନ, ଝିନଥାନ, ଖସାଧାନ ଇତ୍ୟାଦି ବର୍ଣ୍ଣନା ରହିଛି। ଠିକ୍ ସେହିପରି ବିଭିନ୍ନ ସ୍ଥାନୀୟ ଦୁର୍ଗଗୁଡ଼ିକର ଟିକିନିଖି ବିବରଣୀ ତାଙ୍କ ଏହି ଗ୍ରନ୍ଥରେ ରହିଛି। ବିଭିନ୍ନ ପ୍ରକାର କରର ବର୍ଣ୍ଣନା, ଆୟବ୍ୟୟର ବିବରଣୀ ରହିଛି।

'ପ୍ରସ୍ତାବ ଚିନ୍ତାମଣି'ରେ ରାଜାଙ୍କ ଅଧୀନରେ ଥିବା ବିଭିନ୍ନ କର୍ମଚାରୀମାନଙ୍କ ବିବରଣୀ ଦୈନିକ ନିର୍ଘଣ୍ଟର ନିୟମ ଓ ବିସ୍ତାରିତ ବିବରଣୀ ଏହି ପୁସ୍ତକରେ ବର୍ଣ୍ଣିତ। ବିସ୍ତୃତ ହୋଇଯାଉଥିବା ବ୍ୟବହାରିକ ଭାଷା, ରାଜପରିବାରର ଭାଷା, ହାଟବଜାର ବିକ୍ରି ଜିନିଷର ବିଷଦ ବର୍ଣ୍ଣନା, ବଣରେ ବାସ କରୁଥିବା ବିଭିନ୍ନ ଜୀବଜନ୍ତୁମାନଙ୍କ ବିବରଣୀ ଲିପିବଦ୍ଧ ରହିଛି।

ସାହିତ୍ୟର ଗୋଟିଏ ବିଶେଷ ଉପାଦେୟ ଓ ମନୋରଞ୍ଜନଧର୍ମୀକଳା ହେଉଛି ଲୋକସାହିତ୍ୟ। ଲୋକସାହିତ୍ୟର ବିଭିନ୍ନ ଢଗଢମାଳି, ଲାଳିକାର ବ୍ୟବହାର ଏହି ଗ୍ରନ୍ଥ 'ପ୍ରସ୍ତାବ ଚିନ୍ତାମଣି'ର ପ୍ରମୁଖ ବିଭବ। ନୀଳାମ୍ବର ବିଦ୍ୟାଧରଙ୍କ କୃତ 'ପ୍ରସ୍ତାବ ଚିନ୍ତାମଣି' ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ତଥା ଡ. ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ସଂପାଦିତ ପୁସ୍ତକ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରରେ ଥିବା ପାଣ୍ଡୁଲିପି ଦକ୍ଷିଣ ଓଡ଼ିଶାର ଖ୍ରୀ ୧୮ଶ ଶତାବ୍ଦୀର ଶେଷ ଭାଗରେ ଯେଉଁ ଧରଣର ଗଦ୍ୟସାହିତ୍ୟ ରଚନା ହେଉଥିଲା ସେଥିରେ କିଞ୍ଚିତ ଆଭାସ ପରଳାଖେମୁଣ୍ଡିର ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥବଲ୍ଲଭ' ନାଟକରୁ ମିଳେ। ଆଧୁନିକ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଗଦ୍ୟର ଜନକ ଫକୀରମୋହନଙ୍କୁ ଗଦ୍ୟଜନକ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ଶଂସିତ 'ପ୍ରସ୍ତାବ ଚିନ୍ତାମଣି' ବର୍ଣ୍ଣନା ଓ ଭାଷା ଦୃଷ୍ଟିରୁ ବିଚାର୍ଯ୍ୟ। ତେବେ ଶବ୍ଦବିନ୍ୟାସ ରୀତି ପ୍ରାଚୀନ ଓଡ଼ିଆ ଭାଷା ଶୈଳୀକୁ ଅନୁସରଣ କରିଥିବାରୁ ଏହି ନିବନ୍ଧରେ ଦେଖିବାକୁ ମିଳିଥାଏ।

ସମକାଳର ଧର୍ମ, ଦର୍ଶନ ବା ଜୀବନ ନୀତି ସଂପର୍କରେ ଆଲୋଚନା ଚିତ୍ର ନୁହେଁ। ମୂଳ ଉଦ୍ଦେଶ୍ୟ ସରଳ କାବ୍ୟ ସଂଗଠନରେ ଲୋକମାନେ ବୁଝିପାରୁଥିବା ସହଜ ଚଳନ୍ତି ଭାଷାରେ ଲୋକ ଚରିତ୍ର ଉନ୍ନତି ପାଇଁ ଲୋକମାନଙ୍କ ମନରେ ସାହସ ଓ ଦମ୍ଭ ଆଣିଦେବା ପାଇଁ, ଧର୍ମ, ଜୀବନ ଦର୍ଶନର ମୂଳକଥା ସବୁ ବ୍ୟାଖ୍ୟା କରିବା, ପରିବର୍ତ୍ତିତ ରାଜନୈତିକ ବ୍ୟବସ୍ଥାରେ ସମାଜ ଚଳଣିର ସଂଗତି ଓ ସଂହତି ଆଣିବା ପାଇଁ ଏହାର ଆବଶ୍ୟକତା ରହିଛି।

ସମାଜତାତ୍ତ୍ୱିକ ଅଧ୍ୟୟନ ବେଳେ ସାର୍ବଜନୀନତା ହେବା, ଆଦର୍ଶର କଥା ମେଦିନୀ ଦୃଷ୍ଟି ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ। ରୀତିକାବ୍ୟ ପରଂପରା ମଧ୍ୟରୁ ବ୍ୟତିକ୍ରମ କରି ନୀଳାମ୍ବର ବିଦ୍ୟାଧରଙ୍କ ରଚିତ ଏହି ଗଦ୍ୟଗ୍ରନ୍ଥରେ କାହାଣୀ ମଧ୍ୟରେ ଅବତାରଣା କରାଯାଇଥିବା ବିବିଧ ଘଟଣାରେ ନୂତନତ୍ୱ ପରିଲକ୍ଷିତ ହୋଇଅଛି। ସହଜ, ସରଳ, ବୋଧଗମ୍ୟ ଭାଷାରେ ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥା ଓ ସଂସ୍କୃତିର ଟିକିନିଖି ବିବରଣୀ ଖୁବ୍ ସୁନ୍ଦର ଶୈଳୀରେ ଏଥିରେ ଉପସ୍ଥାପିତ କରାଯାଇଛି।

ଗଦ୍ୟଗ୍ରନ୍ଥରେ ବର୍ଣ୍ଣିତ ବିବିଧ ରାଜକାର୍ଯ୍ୟ ଶୈଳୀ, ଶାସନବିଧି, କର ବ୍ୟବସ୍ଥା, ସାମାଜିକତା, ପାଟମଠା, ବାଣିଜ୍ୟ ବ୍ୟବସାୟ, ହାଟ, ଗଡ଼ବର୍ଣ୍ଣିବା, ଶିକାର ବ୍ୟବସ୍ଥା, ରାଜପରିବାର ଭାଷା, ସାଧାରଣ ମଣିଷଙ୍କ ବ୍ୟବହୃତ ଭାଷା, ପ୍ରାଚୀନ ଗଦ୍ୟର ସ୍ୱରୂପ ଭାବେ ଅନେକ ପ୍ରସଙ୍ଗ ସଜ୍ଜୀକରଣ କରାଯାଇଛି। ତତ୍ ସହିତ ଧର୍ମୀୟ ଆସ୍ଥା, ବ୍ୟବସ୍ଥା, ସାମାଜିକ ଚଳଣି, ସଂସ୍କୃତି ଓ ପରମ୍ପରା ସଂପର୍କରେ ଏହି ପୁସ୍ତକରେ ବର୍ଣ୍ଣିତ। ■

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,
ସେକ୍ଟର-୨, ରାଉରକେଲା
ମୋ: ୮୩୨୭୭୫୭୬୧୯

## ମାପଦଣ୍ଡକୁ ନେଇ ଚର୍ଚ୍ଚା ଜୋର୍‌ଦାର

# ପୁଲିସ ବିଭାଗରେ ବଦଳି ପାଇଁ ଥାନାରେ ୩ବର୍ଷ, ଜିଲ୍ଲାରେ ୬ବର୍ଷ

ବ୍ରହ୍ମପୁର,୧୧।୪(ସମିସ)

ଗୋଟିଏ ସ୍ଥାନରେ ଏକାଧିକ କାଳ ଅବସ୍ଥାନ କଲେ ଦୁର୍ନିତିର ଆଶଙ୍କା ରହିଛି। ଯାହାକୁ ନେଇ ଅନେକ ସମୟରେ ଅଭିଯୋଗ ଆସିବା ସହିତ ଖାସ କରି ପୁଲିସ ବିଭାଗରେ ଖାକିରେ ଦାଗ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାପଦଣ୍ଡ ଚୂଡାନ୍ତ କରାଯାଇଛି। ଜଣେ ଅଧିକାରୀ ଗୋଟିଏ ଥାନାରେ ୩ବର୍ଷରୁ ଉଦ୍ଧ୍ୱର୍ ଏବଂ ଏଏସଆଇ ସ୍ତରରୁ ଆରମ୍ଭ କରି ଅତିରିକ୍ତ ଏସପି ପାହ୍ୟାର ଅଧିକାରୀଙ୍କ ପର୍ଯ୍ୟନ୍ତ ଗୋଟିଏ ଜିଲ୍ଲାରେ ଅବସ୍ଥାନ କରିବା ଉପରେ କଟକଣା ଜାରି ହୋଇଛି। ଯାହା ପୁଲିସ ବାବୁଙ୍କ ଉପରେ ଛାଟ ବୋଲି କୁହାଯାଉଛି। ଏନେଇ ଦୈନିକ 'ସକାଳ' ଖବର କାଗଜରେ ରିପୋର୍ଟ ପ୍ରକାଶିତ ପରେ ଏହାକୁ ନେଇ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ଜିଲ୍ଲାରେ ପ୍ରବଳ ଚର୍ଚ୍ଚା ହୋଇଛି। କିଛି ଜଣଙ୍କ ନାମ ପ୍ରକାଶ ପାଇଥିବା ବେଳେ କୌଣସି କାରଣ ବସତଃ ଅନ୍ୟମାନଙ୍କ ନାମ ପ୍ରକାଶ ପାଇପାରିନାହିଁ, ତେବେ ତାକୁ ପୁଲିସ ବିଭାଗ ଭିତରେ ବେଶ ସରଗରମ ଆଲୋଚନା ହେଉଛି। ଅବଶ୍ୟ ତରବରିଆ ଭାବେ ଯଦିଓ କିଛି ଏଭଳି ଅଧିକାରୀଙ୍କ ନାମ ପ୍ରକାଶନରୁ ବାଦ ପଡିଥିଲା ତେବେ ସେମାନଙ୍କ ଗୋଟିଏ ଜିଲ୍ଲାରେ ଏପରିକି ଗୋଟିଏ ଥାନାରେ ଦିର୍ଘ ବର୍ଷର ଅବସ୍ଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକଙ୍କର ପଦୋନ୍ନତି ପରେ ମଧ୍ୟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ରହି ଦାୟିତ୍ୱ ନିର୍ବାହ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅନେକ ଥର ଏଭଳି ଉଭୟ ଜିଲ୍ଲା ଓ ରେଞ୍ଜ ବଦଳି ନିର୍ଦ୍ଦେଶନାମାକୁ ଚାପ ଜରିଆରେ ବାତିଲ କରିବାରେ ସକ୍ଷମ ହୋଇଥିବା ଏହି ଅଧିକାରୀମାନେ ଜିଲ୍ଲାରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ତେବେ ଏହା ଦ୍ୱାରା ପୁଲିସ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ତିବ୍ର ହେବାରେ ଲାଗିଛି। ଜଣେ ଜଣେ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ବାରମ୍ବାର ବାତିଲ ହେବା ଓ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ନୂତନ ସ୍ଥାନକୁ ନଯିବା ଭଳି ଘଟଣାକୁ ନେଇ ଆଭ୍ୟନ୍ତରୀଣ ବିଦ୍ରୋହ କୁହୁଳୁଥିବା ଜଣାପଡିଛି। ଏହି କ୍ରମରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ନିକଟରେ ଡିଏସପି ପାହ୍ୟାକୁ ପଦୋନ୍ନତି ପାଇଥିବା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଯିଏ ପୂର୍ବରୁ ଖଲ୍ଲିକୋଟରେ ରହିବା ପରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଥାନାର ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ପୁଣି ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ଆସି ଗୋପାଳପୁର ଓ ଗୋଳନ୍ଥରା ଥାନାରେ କାର୍ଯ୍ୟ କରିବା ପରେ ତାଙ୍କର ନିକଟରେ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ବର୍ତ୍ତମାନ ମଧ୍ୟ ସେ ବ୍ରହ୍ମପୁରରେ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ ଅଛନ୍ତି। ସେହିଭଳି ଟାଉନ ଥାନା ଆଇଆଇସି ରାମ ସୁବ୍ରମନ୍ୟମ ପ୍ରଧାନ ପୂର୍ବରୁ ବ୍ରହ୍ମପୁର ଟ୍ରାଫିକ ଥାନା, ସଦର ଥାନାରେ କାର୍ଯ୍ୟ କରି ସାରିଛନ୍ତି, ସେଭଳି ଗୋଳନ୍ଥରା ଆଇଆଇସି ଟୁନା ସାସମଲ ପୂର୍ବରୁ ସାଇବର ଥାନା, ଜରଡା ଥାନା ଆଉ ବର୍ତ୍ତମାନ ଗୋଳନ୍ଥରା ଥାନାରେ ଅବସ୍ଥାପିତ। ଅନୁରୂପ ଭାବେ ସ୍ମୃତି ପ୍ରଧାନ ଅନୁଗୁଳରୁ ଆସି ଗୋଷାଣିନୂଆଗାଁ ଥାନାରେ ଦିର୍ଘ ବର୍ଷ ଦାୟିତ୍ୱ ନିର୍ବାହ କରିବା ପରେ ଡିଏସପି ଭାବେ ପଦୋନ୍ନତି ହୋଇ ହେଡକ୍ୱାର୍ଟରରେ ଅଛନ୍ତି। ଅନ୍ୟପକ୍ଷରେ ବିଭୁତି ଭୁଷଣ ସେଠୀ ଟ୍ରେନିଂ ଠାରୁ ସଦର ଥାନା, ବୈଦ୍ୟନାଥପୁର ଓ ଟାଉନ ଥାନାରେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ପଦୋନ୍ନତି ପାଇଁ ଗଞ୍ଜାମ ପୁଲିସ ଜିଲ୍ଲାରେ ଅବସ୍ଥାପିତ। ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ ଧରାକୋଟ ଥାନାରେ ଏକାଧିକ ବର୍ଷ କାଳ ଗୋଟିଏ ସ୍ଥାନରେ ରହିଥିବା ଅଭିଯୋଗ ହୋଇଛି। କହିବାକୁ ଗଲେ ଏକକ ରାଜସ୍ୱ ଜିଲ୍ଲା ଗଞ୍ଜାମ ଓ ବ୍ରହ୍ମପୁର ଦୁଇଟି ପୃଥକ ପୁଲିସ ଜିଲ୍ଲା ରହିଛି। ତେବେ ଏହାର ସୁଯୋଗ ନେଇ ବହୁ ପୁଲିସ ଅଧିକାରୀ କେତେବେଳେ ଗଞ୍ଜାମ ତ ଆଉ କେତେବେଳେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟ କରି ନିଜର ଚାକିରୀ ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳୁଛି। ତେବେ ବଦଳି ନିର୍ଦ୍ଦେଶନାମା ପରେ ବାତିଲ ଯୋଗୁଁ କେବଳ ଗଳାବାଟର ସୁଯୋଗ ନେଉଛନ୍ତି ଅଧିକାରୀ। ଏଣୁ ଯଦି ବୋର୍ଡର ଅନୁମୋଦନ କ୍ରମେ ଯଦି ବଦଳି ତାଲିକା ସ୍ଥିରୀକୃତ ହେଉଛି ପରବର୍ତ୍ତି ସମୟରେ ବାତିଲ ନକରି ବରଂ ତାହାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ବର୍ତ୍ତମାନ ଦେଖିବାକୁ ରହିଲା ସରକାରଙ୍କ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉଛି ଅଥବା ପୂର୍ବଭଳି ପୁଣି ଚାଟୁକାର ଅଧିକାରୀଙ୍କ ଚାପରେ ଚେପା ହୋଇଯାଉଛି।



### ବଦଳି ନିର୍ଦ୍ଦେଶ ବାତିଲ ଯୋଗୁଁ ଗଳାବାଟର ସୁଯୋଗ ନେଇ ଆସ୍ଥାନ ଜମାଉଛନ୍ତି ଅଧିକାରୀ

## ବାର୍ଷିକ ବିବରଣୀପତ୍ର ପ୍ରସ୍ତୁତିକରଣ କାର୍ଯ୍ୟକ୍ରମ



ରମ୍ଭା,୧୧।୪(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବିବରଣୀ ପତ୍ର ପ୍ରସ୍ତୁତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରତିଷ୍ଠାନର ବିଭିନ୍ନ ଶିକ୍ଷାମୂଳକ ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉପସ୍ଥିତ ରହି ଶିକ୍ଷାର ଗୁଣାତ୍ମକ ବୃଦ୍ଧିରେ ସମସ୍ତଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକରୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଆର୍‌ସିସି, ସିଆର୍‌ସିସି, ଜାତୀୟ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଭୃତି ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ଡ଼ ନିହାରିକା ସାମନ୍ତରାୟ, ପ୍ରଜ୍ଞା ପାରମିତା, ଶିକ୍ଷକ ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ଶିକ୍ଷକ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ସୁକୁଲେଇ ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ପାଇଁ, ଭାବିଲିତା ନାୟକ, ବବିତା ସିଂ, ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, ଆଇସିଟି ନିରୀକ୍ଷକ ମନୋରଞ୍ଜନ ବାରିକ, ଜୁନିୟର ଆସିଷ୍ଟାଣ୍ଟ ଆଶିଷ ରଞ୍ଜନ ସେଠୀ, ନିରୁପମା ପ୍ରଧାନଙ୍କ ସହିତ ସୁକାନ୍ତି ସେଠୀ, ଭଗବାନ ଗୌଡ଼ ଓ ଜୟଶଙ୍କର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ସୋରଡ଼ା,୧୧।୪(ସମିସ): ସୋରଡ଼ା ସରସ୍ୱତୀ ଶିଶୁ ମନ୍ଦିରର ୩୧ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଗୁରୁ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୨୨ ଜଣ କୃତୀ ଶିଶୁ ଭାଇ ଭଉଣୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ ନାରାୟଣ ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କ୍ରୀଡାର ବ୍ୟବସ୍ଥା ପ୍ରମୁଖ ଦୁଃଖିଶ୍ୟାମ ସାହୁ କାର୍ଯ୍ୟକ୍ରମର ବୃତ୍ତ ପଠନ କରିଥିଲେ। ଚଳିତ ବର୍ଷର ପ୍ରାୟ ୩ ଜଣ ଶିଶୁ ଭାଇ ଭଉଣୀ ଶ୍ରେଷ୍ଠ ବିଜେତା ଭାବେ ଚୟନ ହୋଇଛନ୍ତି।

## ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ମୂଲ୍ୟାୟନ କେନ୍ଦ୍ର

ବାଲିଗୁଡା,୧୧।୪(ସମିସ): ପ୍ରଥମ ଥର ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚୟନ ହୋଇ ବାଲିଗୁଡା ସ୍ଥିତ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ +୨ ବିଜ୍ଞାନ, ବାଣିଜ୍ୟ ବିଭାଗ ଅନଲାଇନ ମୂଲ୍ୟାୟନ କେନ୍ଦ୍ର ହୋଇଥିବା ବେଳେ ଗତ ତିନି ବର୍ଷ ହେବ ଅଫଲାଇନରେ +୨ କଳା ବିଭାଗର ମୂଲ୍ୟାୟନ କେନ୍ଦ୍ର ବେଶ୍ ଦକ୍ଷତାର ସହ ଜାରି ରହିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଭୁତି ଭୁଷଣ ଆଚାର୍ଯ୍ୟ ଉଭୟ ମୂଲ୍ୟାୟନ କେନ୍ଦ୍ର ଜୋନ୍ ସୁପରଭାଇଜର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଭଳି ପାୱାର ଟାୱାର ଉପରେ ଭରସା ନ ଥିବା ଜିଲ୍ଲା ସଦର ମହକୁମା ଫୁଲବାଣୀ ପରେ ଏହା ଦ୍ୱିତୀୟ ଅନଲାଇନ, ଅଫଲାଇନ ମୂଲ୍ୟାୟନ କେନ୍ଦ୍ର ହୋଇପାରିଛି। ଏହି ମୂଲ୍ୟାୟନର ପ୍ରଥମ ପର୍ଯ୍ୟାୟ ଲପ୍ରିଲ ୨ତାରିଖ ରୁ ଆରମ୍ଭ ହୋଇ ୧୩ ତାରିଖରେ ସରିବାକୁ ଥିବା ବେଳେ ଏହାର ଦ୍ୱିତୀୟ ପର୍ଯ୍ୟାୟ ୧୫ରେ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## କୁଇ ସମାଜର ସାଙ୍ଗଠନିକ ବୈଠକ



ଜି.ଉଦୟଗିରି,୧୧। ୪(ସମିସ): କୁଇ ସମାଜ ପକ୍ଷରୁ ଜି.ଉଦୟଗିରିରେ ସଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ବିଭିନ୍ନ ଅଞ୍ଚଳର ପ୍ରତିନିଧି ଯୋଗ ଦେଇ ସମାଜର ସାଙ୍ଗଠନିକ ଦୃଢ଼ୀଭୂତ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ କ୍ଷମତାପ୍ରାପ୍ତ ନିର୍ବାଚନ ଅଧିକାରୀଙ୍କ ଉପରେ ଆସ୍ଥା ବ୍ୟକ୍ତ କରି ଆଗାମୀ ଏକ ମାସ ମଧ୍ୟରେ ପଞ୍ଚାୟତସ୍ତରୀୟ ନିର୍ବାଚନ ପ୍ରକ୍ରିୟାକୁ ଶେଷ କାରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରୁ ଜଣେ ଦୁଇ ଜଣଙ୍କୁ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହା ସହ ସମାଜ ଉନ୍ନତି, ଅଂଚଳରେ ଆଦିବାସୀଙ୍କ ପ୍ରାଧାନ୍ୟତାକୁ ପୁନଃଜୀବିତ କରିବା, ସଂସ୍କୃତିର ସୁରକ୍ଷା ଓ ଏକତା ବୃଦ୍ଧି ସମ୍ବନ୍ଧୀୟ ବିଷୟ ଆଲୋଚନା କରିଥିଲେ। ବୈଠକରେ ବିବେକାନନ୍ଦ ପ୍ରଧାନ, ଶାନ୍ତନୁ ପ୍ରଧାନ, ବାସୁଦେବ ପ୍ରଧାନ ଓ ଉଦ୍ଧେଶନ ପ୍ରଧାନ ଯୋଗଦେଇ ମତାମତ ରଖି ସମାଜର ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ପ୍ରତି ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ସଂକଳ୍ପ ଗ୍ରହଣ କରାଯାଇଥିଲା। ବୈଠକ ଶେଷରେ ସମସ୍ତ ସଦସ୍ୟମାନେ ସମାଜର ଏକତା ଓ ଉନ୍ନତି ପାଇଁ ସମୁହେ ଚେଷ୍ଟା କରିବାକୁ ମତ ରଖିଥିଲେ।

## ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଶିଶୁ କଲ୍ୟାଣ ସମିତି ସଭ୍ୟାଙ୍କୁ ସମ୍ବର୍ଦ୍ଧନା



ଜି.ଉଦୟଗିରି,୧୧।୪(ସମିସ): ରାଜ୍ୟ ସରକାର ନୂତନ ଭାବେ କନ୍ଧମାଳ ଜିଲ୍ଲା ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ମାନଗୋବିନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରିଥିବା ବେଳେ ଶିଶୁ କଲ୍ୟାଣ ସମିତି ସଭ୍ୟା ଭାବେ ସୁସ୍ମିତା ଜେନାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଶନିବାର ସକାଳେ ସ୍ଥାନୀୟ ଆଦିବାସୀ ସାଂସ୍କୃତିକ ଭବନରେ ଜି.ଉଦୟଗିରି ପ୍ରେସ କ୍ଲବ ପକ୍ଷରୁ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ମିଳିଥିବା ଗୁରୁ ଦାୟିତ୍ୱ ତୁଲାଇବା ସହିତ ଜିଲ୍ଲାରେ ଆଦିବାସୀ ଦଳିତ, ନିଷ୍ପେସିତ ଲୋକ ନ୍ୟାୟ ପାଇବା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଜିଲ୍ଲାରେ ଶିଶୁ ନିର୍ଯାତନା ରୋକାଯିବ ସହିତ ଶିଶୁ ସେମାଙ୍କର ଅଧିକାର କିପରି ପାଇବେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ଶ୍ରୀମତୀ ଜେନା। ପ୍ରେସ୍ କ୍ଲବର ବରିଷ୍ଠ ସାମ୍ବାଦିକ ପତିତପାବନ ସାହୁ, ସମ୍ପାଦକ ଅନିଲ କୁମାର ଦଳବେହେରା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ମହାନ୍ତି, ଅରୁଣ କୁମାର ଷଡ଼ଙ୍ଗୀ, ବଟକୃଷ୍ଣ ଦାଶ, ଗଗନ କୁମାର ପ୍ରଧାନ, ଚିନ୍ମୟ କୁମାର ସେଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, ଚନ୍ଦ୍ରଶେଖର ପାଢ଼ୀ, ଏନ.ରାଜା ରାଓ ଓ ଅବନୀ କୁମାର ପ୍ରଧାନ ଉପସ୍ଥିତ ରହି ନବନିଯୁକ୍ତ ଅଧ୍ୟକ୍ଷ ଏବଂ ସଭ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର



ଗୁମ୍ମା,୧୧।୦୪(ସମିସ): ଗୁମ୍ମା ବ୍ଲକ ସ୍ଥିତ ସଦଭାବନା ସଭାଗୃହରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡ଼ିଓ ଦୁଲାରାମ ମାରାଣ୍ଡି, ଡ଼ିଏସ ବାବୁଲା ବିଷୋୟୀ, ଜିପିଓ, ଡ଼ିଏସଏ, ବିଏସଏ, ଜିଆରଏସ, ପିଇଓ ଓ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ମନରେଗା ଯୋଜନା ଆର୍ଥିକ ବର୍ଷ ୨୦୨୪-୨୫ ବିବରଣୀ ପଠନ କରିବା ସହ ଭିବିଜୀ ରାମଜୀ ଅଧୀନରେ ଆଇଇସି କାର୍ଯ୍ୟକ୍ରମ ଆୟୋଜିତ ହୋଇ ସାଧାରଣ ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଗୁମ୍ମା ବ୍ଲକରେ କାର୍ଯ୍ୟରତ ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ, ଜଳସେଚନ ବିଭାଗ ଓ ଆଦିବାସୀ ଉନ୍ନୟନ ସଂସ୍ଥା କର୍ମଚାରୀ ଯୋଗ ଦେଇ ନିଜ ବିଭାଗରେ ହୋଇଥିବା ମନରେଗା କାର୍ଯ୍ୟର ବିବରଣୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସମସ୍ତ ପଞ୍ଚାୟତ ସମିତିର ସମସ୍ତ ମନରେଗା କାର୍ଯ୍ୟର ସମୀକ୍ଷା କରାଯିବା ସହ ପାଞ୍ଚାୟତ ଏବଂ ଲାଇନ ବିଭାଗର ସାମାଜିକ ସମୀକ୍ଷା ହୋଇନାହିଁ। ତାହାକୁ ୭ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ମନରେଗା କାର୍ଯ୍ୟ ପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଶ୍ରୀ ମାଝୀ। ସମସ୍ତ ମନରେଗା ପ୍ରକଳ୍ପର ଫଳକ ସରକାରଙ୍କ ନିୟମ ଅନୁସାରେ କରିବାକୁ ସମସ୍ତ କାର୍ଯ୍ୟକାରୀ ସଂସ୍ଥାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସମିତି ସଭ୍ୟ/ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଭିଆରପି, ଗାଁସାଥୀ ଓ ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏପିଓ ସୌମ୍ୟ ସୁଧାକର ତ୍ରିପାଠୀ, ରାକେଶ ସାହୁ, ସତ୍ୟଜିତ ବେହେରା, ଉପେନ୍ଦ୍ର ମାଛ ଓ ପ୍ରାଚୀ ବାବୁ ପରିଚାଳନା କରିଥିଲେ।

## ପରିବା ବଜାର ଶେଷ ରବିବାରରେ ବନ୍ଦ ନିଷ୍ପତ୍ତି



ପାରଳାଖେମୁଣ୍ଡି,୧୧।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୈନିକ ପରିବା ବଜାରରେ ସଂକ୍ରାନ୍ତି ଦିନରେ ପରିବା ବିକ୍ରୟ ବନ୍ଦ ଉପରେ ସହରର ବୁଦ୍ଧିଜୀବୀ ମହଲରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ପାରଳାଖେମୁଣ୍ଡି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ ବୁଝାଶୁଝା ଦାୟିତ୍ୱ ଦେଇଥିଲେ। ଅଭିଯୋଗକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା ପରେ ପୁଣିଥରେ ଦୈନିକ ପରିବା ବଜାର ବନ୍ଦ ଉପରେ ଅନଶନ କରିବା ପାଇଁ ଆବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗକାରୀଙ୍କ ଆବେଦନକୁ ଭିତ୍ତି କରି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୁଣି ଦାୟିତ୍ୱ ଦେଇଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ପୌରପାଳିକାର ଅଧ୍ୟକ୍ଷା ନିର୍ମଳା ସେଠୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ଅଧ୍ୟକ୍ଷତାରେ ସହମତି ନିଷ୍ପତ୍ତି ନିଆଯାଇଛି। ସଂକ୍ରାନ୍ତି ଦିନରେ ଦୈନିକ ବଜାର ବନ୍ଦ ପରିବର୍ତ୍ତେ ମାସର ଶେଷ ରବିବାର ଦିନ ବନ୍ଦ ରହିବ। ବୈଠକରେ ଉଭୟ ପକ୍ଷ ତରଫରୁ ଅପୋଷ ବୁଝାମଣା ହୋଇଥିଲା। ଏହି ଅବସରରେ ଦୁଇ ଦିନ ଧରି ଚାଲିଥିବା ଆଲୋଚନା ସମାଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଦୈନିକ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ଯେ ସଂକ୍ରାନ୍ତି ଦିନରେ ପରିବା ବିକ୍ରି ବନ୍ଦ ନକରି , ପ୍ରତ୍ୟେକ ମାସର ଶେଷ ରବିବାରରେ ପରିବା ବିକ୍ରି ବନ୍ଦ ରହିବ। ଏହି ନିଷ୍ପତ୍ତି ସମସ୍ତେ ଗ୍ରହଣ କରିଥିଲେ। ଏହି ବିଷୟରେ ମଧ୍ୟ ପୌରପରିଷଦ ପକ୍ଷରୁ ପ୍ରଚାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଜି ହୋଇଥିବା ବୈଠକରେ ପାରଳାଖେମୁଣ୍ଡି ପରିବା ବ୍ୟବସାୟୀ ଓ ଅଭିଯୋଗକାରୀ ଆଡଭୋକେଟ ରାମ ନାୟକ, ବସନ୍ତ କୁମାର ପଣ୍ଡା, ପ୍ରଣୋଜ ପଟ୍ଟନାୟକ, ବିବେକାନନ୍ଦ ଗନ୍ତାୟତ, କୃଷ୍ଣ କୁମାର ବେହେରା, ସନ୍ତୋଷ ପଟ୍ଟନାୟକ, ବିଭୂତି ଭୂଷଣ ହୋତା ଓ ବିରଞ୍ଚି ମିଶ୍ର ଉପସ୍ଥିତ ଥିଲେ।

## ଶ୍ରୀରାମ ଡ଼ିଗ୍ରୀ କଲେଜରେ ରକ୍ତଦାନ ଶିବିର

କାଶୀନଗର,୧୧।୪(ସମିସ): କାଶୀନଗରସ୍ଥିତ ଶ୍ରୀରାମ ଡ଼ିଗ୍ରୀ କଲେଜରେ ଶନିବାର ଓଡ଼ିଆ ପକ୍ଷ ପାଳନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ ବନପାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବିଡିଓ ଉମ୍ବରଧର ମଲ୍ଲିକ, କାଶୀନଗର ଥାନା ସବ୍‌ଇନ୍ସପେକ୍ଟର ଆଲୋକ ରଞ୍ଜନ ଜଗଦଲା, ପଞ୍ଚାନନ ବେହେରା ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶିବିରରେ୬୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବ୍ଲକ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

## ଲକ୍ଷ୍ମୀନାରାୟଣପୁରରେ ତିନି ଦଣ୍ଡ ମିଳନ

କୁକୁଡାଖଣ୍ଡି,୧୧।୪(ସମିସ): ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁରୁଣ୍ଟି ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଶନିବାର ଭକ୍ତିମୟ ପରିବେଶ ମଧ୍ୟରେ ଗଞ୍ଜାମର ପାରମ୍ପରିକ ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ଏମ. ବିସିକେଶନଙ୍କ ମାନସିକ ପୂରଣ ନିମନ୍ତେ ତାଙ୍କ ବାସଭବନ ସମ୍ମୁଖରେ ଆୟୋଜିତ ଉତ୍ସବରେ କୁକୁଡାଖଣ୍ଡି, ଗୁରୁଣ୍ଟି ଓ ନୂଆରାମଚନ୍ଦ୍ରପୁର ଆଦି ୩ଟି ଗ୍ରାମର ସାହସ୍ରାଧିକ ଦଣ୍ଡୁଆ ଉପସ୍ଥିତ ରହି ପାରମ୍ପରିକ ଦଣ୍ଡନାଚ ପ୍ରଦର୍ଶନ କରିଥିଲେ। ଗ୍ରାମରେ ତିନିଟି ଗ୍ରାମର ଦଣ୍ଡୁଆ ଆସି ମା' ଦଣ୍ଡକାଳୀଙ୍କୁ ପୂଜାର୍ଚ୍ଚନା କରୁଥିବାରୁ ସମ୍ପୂର୍ଣ୍ଣ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହାକୁ ଗ୍ରାମବାସୀ ସୁଚାରୁ ରୂପେ ପରିଚାଳନା କରିଥିଲେ। ବିଧିଅନୁସାରେ ମଧ୍ୟାହ୍ନରେ ଧୂଳି ଦଣ୍ଡ, ଅପରାହ୍ନରେ ଜଳ ଦଣ୍ଡ ଓ ଅଗ୍ନି ଦଣ୍ଡ ପାଳନ କରାଯାଇଥିଲା। ରାତ୍ରିରେ ସମସ୍ତ ଦଣ୍ଡୁଆ ଓ ଗ୍ରାମବାସୀ ପ୍ରସାଦସେବନ କରିଥିଲେ। ଶେଷରେ ସାମାଜିକ ନାଟକ ଅନୁଷ୍ଠିତ ହୋଇଥିଲା।

## ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରଶିକ୍ଷଣ ଅଭିଯାନ



ପୋଲସରା,୧୧।୪(ସମିସ): ପୋଲସରା ଏନ୍ଏସି ଲଙ୍ଗଳେଶ୍ୱର କଲ୍ୟାଣ ମଣ୍ଡପରେ ହାତୀଓଟ ମଣ୍ଡଳ ଓ ପୋଲସରା ନଗର ମଣ୍ଡଳ ସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ୨୦୨୬ ଆୟୋଜନ ହୋଇଯାଇଛି। ଏଥିରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ କେବଳ ଏକ ଦର୍ଶନ ନୁହେଁ, ଏହା ଆମ ପାଇଁ ସେବାର ପଥପ୍ରଦର୍ଶକ। ନଗର ମଣ୍ଡଳ ସଭାପତି ରାମକୃଷ୍ଣ ପ୍ରଧାନ, ଜଗନ୍ନାଥ ବାଢେଇ, ସୀମାଞ୍ଚଳ ସାହୁ, ଦିପକ ପୋଲାଇ, ପ୍ରସନ୍ନ ଡାକୁଆ, କୃଷ୍ଣଚନ୍ଦ୍ର ଜେନା, ଜୟନ୍ତୀ ପଢିଆରୀ, ହାତୀଓଟ ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଖଟୁଆ, କାଳିଚରଣ ବେହେରା, ପ୍ରତିମା ସାହୁ, ମୋତିରାମ ସାହୁ, ଅଜୟ ପ୍ରକାଶ ସାହୁ, କାଶିନାଥ ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ।

## ମେ' ୯ରେ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ପାରଳାଖେମୁଣ୍ଡି,୧୧।୪(ସମିସ): ଆସନ୍ତା ମେ ୯ରେ ପାରଳାଖେମୁଣ୍ଡି, ଆର୍. ଉଦୟଗିରି, ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକସ୍ତରୀୟ ମକଦ୍ଦମା ଓ ବିଚାରନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ, ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ। ଲୋକ ଅଦାଲତରେ ମକଦ୍ଦମା ଅବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୁଡାନ୍ତ। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ବୋଲି କୁହାଯାଇଛି।

## ଫିରିଙ୍ଗିଆରେ ଜିଲ୍ଲା ଶିକ୍ଷକ ସଂଘ ଭ୍ରାମ୍ୟମାଣ ବୈଠକ

ଫିରିଙ୍ଗିଆ,୧୧।୪(ସମିସ)



କନ୍ଧମାଳ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଚଳିତ ବର୍ଷର ଦ୍ୱିତୀୟ ଭ୍ରାମ୍ୟମାଣ ବୈଠକ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଶ ବ୍ଲକର ବ୍ଲକ କର୍ମକର୍ତ୍ତାଙ୍କ ସହ ଜିଲ୍ଲା କର୍ମକର୍ତ୍ତା ଉପସ୍ଥିତ ଥିଲେ। ପଚାଶରୁ ଅଧିକ ଉପସ୍ଥିତ ଶିକ୍ଷକ ନେତାଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ସହ ବୈଠକ ହୋଇଥିଲା। ଜିଲ୍ଲା ସଭାପତି ସନ୍ତୋଷ ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାୟକ ମୁଖ୍ୟଅତିଥି ଭାବେ ନିଜର ବକ୍ତବ୍ୟ ରଖି ଶିକ୍ଷକ ଏକତା, ଅଖଣ୍ଡତା ଓ ନିଜର ଦାୟିତ୍ୱବୋଧ ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଦ୍ୱିତୀକୃଷ୍ଣ ମାଝି, ଉପସଭାନେତ୍ରୀ ବିରାଜିନୀ ମହାପାତ୍ର, କୋଷାଧ୍ୟକ୍ଷ ବଂଶୀଧର ନନ୍ଦ ବକ୍ତବ୍ୟରେ ସଂଗଠନର ସୁଦୃଢ଼ତା ଉପରେ ମତ ରଖିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କୁ ଜିଲ୍ଲା ସଂଘ ତରଫରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ବିଭିନ୍ନ ସମସ୍ୟା ଭିତରେ ଏନଡିସି ଅପ ପ୍ରୟୋଗର ସମାଧାନ ସହ ଦରମା ପ୍ରଦାନରେ ସରଳୀକରଣ, ଶିକ୍ଷକ ପଦୋନ୍ନତି, କାର୍ଯ୍ୟାଳୟ ମାନଙ୍କରେ ଶିକ୍ଷକ ମାନଙ୍କ ବକେୟା କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଜିଲ୍ଲା ଓ ବ୍ଲକ ସଂଘ ମାନଙ୍କର ଉତ୍ତମ ସମନ୍ୱୟ ନିମନ୍ତେ ଆଲୋଚନା ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଦୀନେଶ ବେହେରା, ଅନଙ୍ଗ ଦେହୁରୀ, ବିଦୁର ପ୍ରଧାନ, କାହ୍ନୁ ମହାନ୍ତି, ପଦାରବିନ୍ଦ ଆଚାର୍ଯ୍ୟ, ମଣିରାମ ନାୟକ, ବୁଲୁ ନାୟକ, ରାକେଶ, କୋଠଦଲେଇ, ଦିଗାମ୍ବର ଦିଗାଲ, ପ୍ରଦୀପ ମଲ୍ଲିକ, ସନ୍ତୋଷ ପ୍ରଧାନ, ପ୍ରଭଞ୍ଜନ ଆଚାର୍ଯ୍ୟ, କେଶବ ନାୟକ, ରଘୁନାଥ ମହାପାତ୍ର, ଅଦ୍ୱୈତ୍ୟ ସାହାଣୀ, ରଜତ ନାୟକ, ପ୍ରଦୀପ ପ୍ରଧାନ, ସୁକାନ୍ତ ପ୍ରଧାନ, ବାଳକୃଷ୍ଣ ପ୍ରଧାନ, ଦିଲୀପ ବେହେରା, ଅଜିତ ବେହେରାଙ୍କ ସହ ଅନ୍ୟ ଶିକ୍ଷକ ନେତା ଉପସ୍ଥିତ ରହି ବିଭିନ୍ନ ବ୍ଲକ ଶିକ୍ଷକ ସମାଜର ସମସ୍ୟା ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ସମ୍ପାଦକ ଯୋଗେଶ୍ୱର ବେହେରା ଓ ସଭାପତି ବିକ୍ରମସିଂ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀରେ ବହୁ ଦିନ ହେଲା ଖାଲି ପଡ଼ିଥିବା କାର୍ଯ୍ୟକାରୀ ସଭାପତି ପଦ ନିମନ୍ତେ ସହମତି କ୍ରମେ ବରିଷ୍ଠ ଶିକ୍ଷକ ଦିନେଶ ବେହେରାଙ୍କୁ ନିର୍ବାଚିତ କରାଯାଇଥିଲା।

### ଜିଲ୍ଲା କାର୍ଯ୍ୟକାରୀ ସଭାପତି ହେଲେ ଦୀନେଶ ବେହେରା

## ଏସଡ଼ିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼,୧୧।୪(ସମିସ): ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ କାମଦେବ ବଡ଼ନାୟକ ଏବଂ ଉପାଧ୍ୟକ୍ଷା ପଙ୍କଜିନୀ ଦଳାଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାୟଗଡ଼ର ହନୁମାନ ମନ୍ଦିର ନିକଟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକେ ଏବଂ



କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉଭୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚି ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବ୍ଲକର ପ୍ରତିନିଧି ଏବଂ କର୍ମୀ ଯୋଗ ଦେଇଥିଲେ। ସେହିପରି ନାରାୟଣପୁର ଗ୍ରାମରେ ମଧ୍ୟ କାର୍ଯ୍ୟକର୍ତ୍ତା ଉଭୟଙ୍କୁ ସ୍ୱାଗତ ଜଣାଇଥିଲେ।

## ପୋଡ଼ିହୋଇ ଯୁବତୀଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି,୧୧।୪ (ସମିସ): ପାରଳାଖେମୁଣ୍ଡି ସହର ଖଞ୍ଜାସାହି ନୂଆବସ୍ତି ଅଞ୍ଚଳରେ ଜଣେ ଯୁବତୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଶନିବାର ସକାଳେ ନୂଆବସ୍ତିର ବିଷ୍ଣୁଚରଣ ସାମଲଙ୍କ ଉପର ମହଲା ଘରୁ ଧୂଆଁ ବାହାରିଥିଲା। ସେତେବେଳେ ବିଷ୍ଣୁଚରଣ ଏବଂ ତାଙ୍କ ପତ୍ନୀ କାମରେ ବାହାରକୁ ଯାଇଥିଲେ। ଧୂଆଁ ବାହାରୁଥିବା ଦେଖି ମଝି ମହଲାରେ ଭଡ଼ା ରହୁଥିବା ବ୍ୟକ୍ତି ଜଣକ ବିଷ୍ଣୁଚରଣଙ୍କୁ ଖବର ଦେଇଥିଲେ। ଏହାପରେ ନିକଟରେ ଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସକୁ ଜଣାଇଥିଲେ। ପୁଲିସ୍ ପହଞ୍ଚି ଧୂଆଁ ବାହାରୁଥିବା କୋଠରୀ ଖୋଲି ଭିତରକୁ ପଶି ବିଷ୍ଣୁଚରଣଙ୍କ ସାନ ଝିଅ ଶୁଭ୍ରା ସାମଲ (୨୪) ପୋଡ଼ି ହୋଇ ମୃତ୍ୟୁ ଘଟିଥିବା ଦେଖିଥିଲେ। ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ପାରିପାଶ୍ୱିକ ସ୍ଥିତିରୁ ଶୁଭ୍ରା ଦେହରେ କୌଣସି ଦହନଶୀଳ ପଦାର୍ଥ ପକାଇ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। କାରଣ ପେଟ୍ରୋଲ କିମ୍ବା ଟାର୍ପିଲିନ୍ ଭଳି କିଛି ଜଳୀୟ ପଦାର୍ଥ ବୋତଲ ଓ ଦିଆସିଲି ପାଖରେ ପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ହୋଇଥାଇପାରେ ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ମୃତ ଶୁଭ୍ରା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପାସ୍ ଆଉଟ୍ ଛାତ୍ରୀ। ଆସନ୍ତାକାଲି ପାସ୍ଆଉଟ୍ ଉତ୍ସବ ହୋଇଥାନ୍ତା। ପରିବାର ଲୋକେ ଶୁଭ୍ରାଙ୍କ ଏପରି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘରେ କୌଣସି କଳି କିମ୍ବା ମତାନ୍ତର ନଥିଲା ବୋଲି ତାଙ୍କ ପରିବାରବର୍ଗ କହିଛନ୍ତି। ମାତ୍ର କାହିଁକି ସେ ଏଭଳି ପଦକ୍ଷେପ ନେଲେ ସମସ୍ତଙ୍କୁ ଚକିତ କରିଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

## ଏସ୍‌ଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା



ମୋହନା,୧୧।୪(ସମିସ): ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନୂତନ ଅଧ୍ୟକ୍ଷ କାମଦେବ ବଡ଼ନାୟକ ଓ ଉପାଧ୍ୟକ୍ଷକ୍ଷ ପଙ୍କଜିନୀ ଦଳାଇଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଦାୟିତ୍ୱ ଗ୍ରହଣ ପରେ ଆର୍. ଉଦୟଗିରି, ଛେଳିଗଡ଼ ଓ ମହେନ୍ଦ୍ରଗଡ଼ରେ ସ୍ଥାନୀୟ ବିଜେପି ନେତା ଓ ଜନସାଧାରଣ ସ୍ୱାଗତ ଜଣାଇବା ସହ ବାଜାବାଜଣାରେ ବଜାର ପରିକ୍ରମା କରିଥିଲେ। ସେହିପରି ପିଲିସୁଗୁବା ସ୍ଥିତ ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ବିପୁଳ ସ୍ୱାଗତ କରାଯାଇଛ। ଶବର ସମାଜ ସର୍ବୋଚ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ, ଜିଲ୍ଲା ସଭାପତି ରାମଚନ୍ଦ୍ର ମଣ୍ଡଳ, ଜିଲ୍ଲା ଉପସଭାପତି ସୁଦର୍ଶନ ମଣ୍ଡଳ ଓ ଜିଲ୍ଲା ସମ୍ପାଦକ ପଦ୍ମନ ଶବରଙ୍କ ସହ ଶବର ସମାଜର ଶତାଧିକ କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଜିଲ୍ଲାରେ ଜନଜାତିଙ୍କ ସଂସ୍କୃତି, ପରମ୍ପରା ରକ୍ଷା ପାଇଁ ସମସ୍ତ ପ୍ରକାର ସହାୟତା ଦିଆଯିବ ବୋଲି ନବ ନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା କହିଛନ୍ତି।

## ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ଟିକାବାଲି,୧୧।୪(ସମିସ): ଟିକାବାଲି ଥାନା ଛତିଝାର ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଭୁବନି ମଲିକ (୭୦)। ଗତକାଲି ସନ୍ଧ୍ୟାରେ ସେ ନିଜ ଘରେ ଏକ ଚେୟାରରେ ବସିଥିବା ବେଳେ ହଠାତ୍ ମୁହଁ ମାଡ଼ି ତଳେ ପଡ଼ି ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖି ଡାକ୍ତରଙ୍କ ସନ୍ଦେହ ଉପୁଜିଥିଲା। ଏ ନେଇ ସେ ଟିକାବାଲି ପୁଲିସକୁ ଜଣାଇଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସମୀର କୁମାର ବେହେରା କହିଛନ୍ତି।

### ବିପଦସଂକୁଳ କାଲାଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ

# ବିଦ୍ୟାଳୟକୁ ରାସ୍ତା ନାହିଁ, କି ପାଚେରି ନାହିଁ

ଫିରିଙ୍ଗିଆ,୧୧।୪(ସମିସ):





ଫିରିଙ୍ଗିଆ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। କେଉଁଠି ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନଥିବାବେଳେ

### ସମାଧାନ ପାଇଁ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମେଳି

କେଉଁଠି ବିଦ୍ୟାଳୟକୁ ରାସ୍ତା, ବିଦ୍ୟାଳୟର ପାଚେରି ମଧ୍ୟ ନାହିଁ। ବିଦ୍ୟାଳୟ କୋଠରି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ଏହି ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷା ଦୂରର କଥା କେତେବେଳେ ଯେ ଛାତ୍ରଛାତ୍ରୀଙ୍କ ଜୀବନ ଯିବ ତାହା କହିହେବ ନାହିଁ।

ଏମିତି ଏକ ବିପଦପୂର୍ଣ୍ଣ ଅଙ୍ଗନବାଡି ଗୃହ ଏବଂ ପ୍ରାଥମିକ ବିଦ୍ୟାଳୟ ରହିଛି ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ କାଲାଡ଼ି ଗାଁରେ। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପାଖାପାଖି ଥିବାବେଳେ ଅଙ୍ଗନବାଡି କେନ୍ଦ୍ର ଦୀର୍ଘଦିନ ହେବ ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଘର ଭିତର କାନ୍ଥର ପ୍ଲାଷ୍ଟର ଛାଡ଼ି ଯାଉଥିବା ବେଳେ ସମସ୍ତ ଝରକା ନଷ୍ଟ ହୋଇଥିବାରୁ ବାଧ୍ୟ ହୋଇ ବନ୍ଦ କରି ରଖାଯାଇଛି। ଝରକା ପଛ ପଟେ ଥିବା ତାଜା ଭାଙ୍ଗି ତଳକୁ ଝୁଲି ରହିଛି। କେତେବେଳେ ବି ଏହା ଖସିପଡ଼ି ଶିଶୁଙ୍କ ପାଇଁ ବିପଦ ସାଜିପାରେ। ଅଙ୍ଗନବାଡ଼ିରେ ପାଣି ବ୍ୟବସ୍ଥା ଅଛି; କିନ୍ତୁ ପିଲାଙ୍କ ପାଇଁ ଶୌଚାଳୟ ନାହିଁ କି ପାଚେରି ନାହିଁ। ଅଙ୍ଗନବାଡ଼ି କେନ୍ଦ୍ରର ଉପର ପଟେ ମୁସେଲୀପାଙ୍ଗା ଠାରୁ ସାଡିଙ୍ଗିଆ ମୁଖ୍ୟ ରାସ୍ତା ଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର ରାସ୍ତାର ନିକଟରେ ଏବଂ ପ୍ରାୟ ୧୫/୨୦ ଫୁଟ ତଳେ ଅଛି। ଅଙ୍ଗନବାଡି କେନ୍ଦ୍ରର ଅବସ୍ଥା ଦୟନୀୟ ଥିବାବେଳେ ଅଙ୍ଗନବାଡି ଓ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ପାଖାପାଖି ଲାଗି ରହିଛି। ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ମଧ୍ୟ ସମାନ। କାହିଁ କେଉଁ କାଳରୁ ଏହି ଆଜବେଷ୍ଟସ ଘର ନିର୍ମାଣ ହୋଇଥିବା ବେଳେ ରାସ୍ତା ତଳେ ଥିବାରୁ ବର୍ଷା ଦିନରେ ବିଦ୍ୟାଳୟ କୋଠରୀ ଭିତରେ ସିଧା ପାଣି ପଶୁଛି। ତେଣୁ ବର୍ଷା ହେଲେ ପାଠପଢାରେ ବ୍ୟାଘାତ ହେଉଛି। ବିଦ୍ୟାଳୟର ଉପରପଟେ ରାସ୍ତା ଏବଂ ବିଦ୍ୟାଳୟକୁ ଲାଗି ଏକ ଡ୍ରେନ ନିର୍ମାଣ କରାଯାଇଛି। କିନ୍ତୁ ଡ୍ରେନ କାମରେ ଲାଗୁନି। ଡ୍ରେନର ପାଣି ବିଦ୍ୟାଳୟ ଭିତରେ ପଶୁଛି। ବିଦ୍ୟାଳୟର ପାଚେରୀ ନାହିଁ କି ସାଧାରଣ ଭାବରେ ବିଦ୍ୟାଳୟ ବାହାରେ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିକୁ ଯିବାପାଇଁ ରାସ୍ତା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଯାହାକୁ ନେଇ ଗ୍ରାମବାସୀ ଏବଂ ପରିଚାଳନା କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ବାରମ୍ବାର ବିଦ୍ୟାଳୟ ଗୃହ ଓ ପାଚେରୀ ନିର୍ମାଣ, ଅଙ୍ଗନବାଡ଼ି ଗୃହ ନିର୍ମାଣ, ରାସ୍ତା ନିର୍ମାଣ ପାଇଁ ଲିଖିତ ଦାବି କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଯାହାକୁ ନେଇ ଗ୍ରାମବାସୀ ଗ୍ରାମରେ ବୈଠକ କରିବା ସହ ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଘର କେନ୍ଦ୍ରକୁ ରାସ୍ତା ନିର୍ମାଣ ସହ ବିଦ୍ୟାଳୟକୁ ରାସ୍ତା ଏବଂ ପାଚେରି ନିର୍ମାଣ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଆଗାମୀ ଦିନରେ ଅଘଟଣ ଓ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରା ନଗଲେ ବାଧ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବୁ ବୋଲି ଗ୍ରାମର ୱାର୍ଡସଭ୍ୟ ଗିଞ୍ଜାରା ଦିଗାଲ, ନାସିର କହଁର, କବିଚନ୍ଦ୍ର କହଁର, ଗମେ କହଁର, ବଳରାମ କହଁର, ସୁଲୋଚନା ଦିଗାଲ, କାଳିଦାସ ବିନ୍ଧାଣି, ପୁଞ୍ଜି ବିନ୍ଧାଣି ଓ ଅଞ୍ଜନା ବତୀ କହଁରଙ୍କ ସହ ଗ୍ରାମବାସୀ କହିଛନ୍ତି।

## ଜଳୁଛି ଦେବଗିରି; ଶୋଇଛି ବନ ବିଭାଗ



ଗୁମ୍ମା,୧୧।୪(ସମିସ): ଜଳୁଛି ଜଙ୍ଗଲ, ନଷ୍ଟ ହେଉଛି ପ୍ରାକୃତିକ ସମ୍ପଦ। ପ୍ରଦୂଷିତ ହେଉଛି ପରିବେଶ। କିନ୍ତୁ ହାତ ବାନ୍ଧି ବସିଛି ବନ ବିଭାଗ। ଛୋଟମୋଟ ନିଆଁ ନୁହଁ ଏକର ଏକର ଜମିରେ ଲାଗିଛି ନିଆଁ। ତାହା ବି ମନୁଷ୍ୟକୃତ। ଏମିତି କିଛି ଦୃଶ୍ୟ ଦେଖିବାକୁ

### ନଷ୍ଟ ହୋଇଯାଉଛି ମୂଲ୍ୟବାନ ବୃକ୍ଷ

ମିଳିଛି ଗୁମ୍ମା ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀ ଦେବଗିରି ପାହାଡ଼ରେ। କିନ୍ତୁ ବନାଞ୍ଚଳ ଅଧିକାରୀ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ନିୟନ୍ତ୍ରଣ କରୁଛନ୍ତି ବନାଗ୍ନି। କୁହାଯାଉଛି କୁଆଡ଼େ ସେଟଲାଇଟ(ଓଏଫଏମ) ମାଧ୍ୟମରେ ସବୁ ପାହାଡ଼ ପର୍ବତର ସୁଚନା ବନ ବିଭାଗକୁ ମିଳୁଛି। ତାହାହେଲେ ବନାଗ୍ନିକୁ କାହିଁକି ରୋକା ଯାଉନାହିଁ ବୋଲି ପ୍ରଶ୍ନ ହେଉଛି। ପ୍ରତ୍ୟେକ ଦିନ ୩୦ରୁ ୪୦ ସ୍ଥାନରେ ନିଆଁ ଲିଭାଗଲା ବୋଲି ସୂଚନା ଦିଆଯାଉଛି। ଏହା କେବଳ କାଗଜ କଲମରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ଦେବଗିରି ଶିଖରରେ ଦିନ ତମାମ ଜଳୁଥିବା ନିଆଁର ଖବର କେମିତି ବନ ବିଭାଗ ଜାଣିପାରୁନି ନା ଜାଣିଶୁଣି ଚେଇଁ ଶୋଇଛି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସଚେତନତା ଅଭାବରୁ ହେଉ ଅବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଦୁର୍ବୃତ୍ତ ନିର୍ଭୟରେ ଗଛ କାଟି ଜଙ୍ଗଲ ସଫା କରି ପୋଡୁ ଚାଷ ପାଇଁ ନିଆଁ ଲଗାଉଛନ୍ତି ଆଉ ତାହା ଦିନରାତି ଜଳୁଛି। ଏଥିଯୋଗୁଁ ଦେବଗିରି ପାହାଡ଼ରେ ଥିବା ପ୍ରାକୃତିକ ସମ୍ପଦ ନଷ୍ଟ ହେବା ସହ ମୂଲ୍ୟବାନ ଔଷଧୀୟ ବୃକ୍ଷ, ଜଳବାୟୁ ପରିବେଶ ପ୍ରଦୂଷଣ ଏବଂ ଦେବଗିରିର ସୌନ୍ଦର୍ଯ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ଏନେଇ ଗତକାଲି କିଛି ଲୋକେ ପେଟ୍ରୋଲ ପକାଇ ନିଆଁ ଲଗାଇ ଥିଲେ। ଛୋଟ ଛୋଟ ନିଆଁ ଓଏଫ୍ଏମ୍ ଦ୍ୱାରା ଜଣାପଡ଼େ ନାହିଁ ବୋଲି ଗୁମ୍ମା ବନ ବିଭାଗ ଅଧିକାରୀ ସନ୍ତୋଷ ରଥ କହିଛନ୍ତି।

## ଜିଲ୍ଲା ଇ-ପାଠାଗାରରେ ଛେନାପୋଡ଼ ଦିବସ



ଫୁଲବାଣୀ/ଫିରିଙ୍ଗିଆ,୧୧।୪(ସମିସ): କନ୍ଧମାଳ ଜିଲ୍ଲା ଇ-ପାଠାଗାରରେ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସରକାରଙ୍କ ଓଡ଼ିଆ ପକ୍ଷ ଚାଲିଥିବା ସମୟରେ ଓଡ଼ିଶାର ଏକ ଲୋକପ୍ରିୟ ମିଷ୍ଟାନ୍ନ ଛେନାପୋଡ଼ ସମସ୍ତଙ୍କ ପ୍ରଥମ ପସନ୍ଦ। ଛେନାପୋଡ ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ପରିସ୍ଫୁଟିତ ବୋଲି କହିଥିଲେ। ଏହାର ପ୍ରସ୍ତୁତି ଓ ସ୍ୱାଦ କୋଣ ଅନୁକୋଣରେ ପ୍ରସାର ହେବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଇ-ପାଠାଗାର ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଛେନାପୋଡ଼ ଇତିହାସକୁ ବଖାଣିଥିଲେ। କନ୍ଧମାଳରେ ୩ ବର୍ଷ ଧରି ଇ-ପାଠାଗାର ଓ ଆଇଟିଡିଏ ଆନୁକୂଲ୍ୟରେ ପାଳିତ ହେଉଛି ଛେନାପୋଡ଼ ଦିବସ। ପାଠାଗାରର ଶିକ୍ଷିତ ଯୁବକ/ଯୁବତୀ ଛେନାପୋଡ଼ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଏହାକୁ ଜିଆଇ ଟ୍ୟାଗ ଓ ସ୍ୱାଦର ପ୍ରଚାର ପ୍ରସାର ପାଇଁ ଆଗ୍ରହ ବଳାଇଥିଲେ। ନୟାଗଡ଼ରୁ ସାମ୍ବାଦିକ ଉତ୍ପଳ କୁମାର ସାହୁ ସହଯୋଗ କରୁଛନ୍ତି। ସାମ୍ବାଦିକ ସୁନୀଲ ବିଶ୍ୱାଳ, ପ୍ରଶାନ୍ତ କୁମାର ଜେନା, ଆଦିତ୍ୟ ତ୍ରିପାଠୀ, ଶିବ ବିଶ୍ୱାଳ, ରମେଶ ପ୍ରଧାନ, ହୁରଞ୍ଜନ ସେଠୀ, କୃତି ଦିପନ ଭୋଇ, ସୁଶାନ୍ତ ଦିଗାଲ, ଭାଗିରଥୀ ନାୟକ , କାହ୍ନୁ ପଟ୍ଟନାୟକ ଉପସ୍ଥିତ ଥିଲେ। ପାଠାଗାର କର୍ମକର୍ତ୍ତା ପ୍ରଭାତ କୁମାର ଦାସ, ସରସ୍ୱତୀ ବିନ୍ଧାଣୀ ଏଥିରେ ସହଯୋଗ କରିଥିଲେ। ନୟାଗଡ଼ରୁ ଆସିଥିବା ସୁଦ୍ଧ ସୁସ୍ୱାଦୁ ଛେନାପୋଡ଼ ଖାଇ ସମସ୍ତେ ଖୁସିବ୍ୟକ୍ତ କରିଥିଲେ।

## ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

ଦାରିଙ୍ଗବାଡ଼ି,୧୧।୪(ସମିସ): ଦାରିଙ୍ଗବାଡି ଥାନା ପଞ୍ଚୁପଲ୍ଲୀ ଗ୍ରାମ ନିକଟରେ ବୋଲେରୋ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁମ୍ଭାରବାଡ଼ି ଗ୍ରାମର ଶାଶ୍ୱତ ନାୟକ (୨୪)। ଶାଶ୍ୱତ ନିଜ ଗାଁରୁ ଦାରିଙ୍ଗବାଡି ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗ ତଥା ଦାରିଙ୍ଗବାଡ଼ିରୁ ସୋରଡ଼ା ଆଡ଼କୁ ଯାଉଥିବା ଏକ ବୋଲେରୋ ସହ ପାଞ୍ଚୁପଲି ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଶାଶ୍ୱତଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଅଟୋରେ ତାଙ୍କୁ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବର ପାଇ ମୃତକଙ୍କ ସ୍ତ୍ରୀ ଚୁମ୍କି ଜେନା ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି।

## ୟୁନିସେଫ୍ ସହାୟତାରେ ପୂର୍ଣ୍ଣ ଆହାର ତାଲିମ ଶିବିର



ଫିରିଙ୍ଗିଆ,/ଫୁଲବାଣୀ,୧୧।୪(ସମିସ): ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡ଼ିଏ) କାର୍ଯ୍ୟାଳୟ ସଭାଗୃହରେ ରାଜ୍ୟ ୟୁନିସେଫ ସହାୟତାରେ ଗତ ୬ ତାରିଖରୁ ୧୦ ତାରିଖ ୫ ଦିନ ଧରି ପୂର୍ଣ୍ଣ ଆହାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଟିଡ଼ିଏ ସଭାଗୃହରେ ଜିଲ୍ଲାପାଳ, ସମାଜ ମଙ୍ଗଳ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ରାଜ୍ୟସ୍ତରରୁ ୟୁନିସେଫର ଗଣେଶ ପ୍ରଧାନ, ଡ.ବରଦା ମହାପାତ୍ର, ବିନାୟକ କନ୍ଦପାନ ଓ ସୁଦୀପ ଦାସ ସମ୍ବଳବ୍ୟକ୍ତି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ତାଲିମ ପରେ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଉପରୋକ୍ତ ବିଷୟରେ ତାଲିମ ପ୍ରଦାନ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏହାଦ୍ୱାରା ଅଙ୍ଗନବାଡ଼ି କର୍ମୀଙ୍କର କାର୍ଯ୍ୟଶୈଳୀରେ ଉନ୍ନତି ଆସିବା ସହିତ ଜିଲ୍ଲାର ସମସ୍ତ ଶିଶୁଙ୍କର ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଯାଞ୍ଚ ହୋଇପାରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ଅଙ୍ଗନବାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି କରାଇ ଶିଶୁଙ୍କ ବିକାଶ ଧାରାରେ ସୁଧାର ଆଣିବା ଓ ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରି ଗୋଷ୍ଠୀସ୍ତରୀୟ ଅପପୁଷ୍ଟି ପରିଚାଳନା ପ୍ରକ୍ରିୟା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମତ ପୋଷଣ କରିଥିଲେ।

## ଦିଅରଙ୍କ ଅଜାଣତରେ ପୈତୃକ ସମ୍ପତ୍ତି ବିକି ଭାଉଜ ଫେରାର

ପାରଳାଖେମୁଣ୍ଡି,୧୧।୪(ସମିସ): କାଶୀନଗର ବ୍ଲକ୍ ଅନ୍ତର୍ଗତ ରାଣୀପେଣ୍ଠା ଗ୍ରାମରେ ଚାରି ଭାଇଙ୍କ ବୁଝାମଣାରେ ବାପାଙ୍କ ନାମରେ ଥିବା ଜମିକୁ ବିଶ୍ୱାସରେ ବଡ଼ ଭାଇଙ୍କ ନାମରେ ଜମି ପଞ୍ଜୀକରଣ କରି ନିଜ ପେଟ ପୋଷିବାକୁ କିଏ କୁଆଡ଼େ ପରିବାର ସହିତ ଯାଇ ବସବାସ କରୁଥିଲେ। ବଡ଼ ଭାଇଙ୍କ ମୃତ୍ୟୁ ପରେ ଭାଉଜ ଡି. ପଦ୍ମା ୩ ଦିଅରଙ୍କ ଅଜଣାତରେ ନିଜ ନାମରେ ଜମିପଟ୍ଟା ପ୍ରସ୍ତୁତ କରି ହଡ଼ପ କରିନେଇଥିଲେ। ଏନେଇ ମାମଲା ଗଜପତି ଜିଲ୍ଲା ସିଭିଲ କୋର୍ଟରେ ଜାରି ରହିଛି। ମାତ୍ର ଏହା ମଧ୍ୟରେ ବଡ଼ ଭାଉଜ ପଦ୍ମା ଡି. ରବି କୁମାର ଏବଂ ଗୁରାଣା ସନ୍ତୋଷଙ୍କୁ ଜମି ବିକ୍ରି କରି ଫେରାର ହୋଇଯାଇଥିବା ତିନି ଭାଇଙ୍କ ପରିବାର ଅଭିଯୋଗ କରିଛନ୍ତି। ବିକ୍ରି କରିଥିବା ଜମି ଖାତା ସଂଖ୍ୟା-୩୦୨/୧୩୪୭, ପ୍ଲଟ୍ ନମ୍ବର ୧୧୪୮ ରହିଛି। ଏନେଇ ଜିଲ୍ଲା ଜନଶୁଣାଣିରେ ଅଭିଯୋଗ କରିଛନ୍ତି ତିନି ଭାଇଙ୍କ ପରିବାର। ବିକ୍ରି କରିଥିବା ପୈତୃକ ଜମି ପାଖାପାଖି ଅନୁମାନିକ ମୂଲ୍ୟ ତିନି କୋଟି ଟଙ୍କା ହୋଇଥିବା ଚର୍ଚ୍ଚା ହେଉଛି। ୩ ଭାଇଙ୍କ ପରିବାର ଗଜପତି ଜିଲ୍ଲା ପ୍ରଶାସନ, ଉପଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର, ପୁଲିସ ଅଧିକାରୀ ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି।

### ବାରମ୍ବାର ଦାବି ପରେ ବି ହେଉନି ରାସ୍ତା ମରାମତି

# ୧୯ ମଧ୍ୟରେ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି

ଜି.ଉଦୟଗିରି,୧୧।୪(ସମିସ):



ରାସ୍ତା ମରାମତି ପାଇଁ ବାରମ୍ବାର ଦାବି କରି ନାକେଦମ ହେଲେଣି ଜନତା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ। ଶନିବାର ସରପଞ୍ଚ ବିଷ୍ଣୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ସାଧାରଣ ନାଗରିକ କମିଟି ଦ୍ୱାରା ରଟିଙ୍ଗିଆ ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଜି.ଉଦୟଗିରି ବ୍ଲକ ଶ୍ରୀରାମପଦାଠାରୁ ଭାୟା ରାଟିଙ୍ଗିଆ ପଞ୍ଚାୟତ ଦେଇ ଗ୍ରେସିଙ୍ଗିଆକୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ମରଣଯନ୍ତା ପାଲଟିଛି। ଦୁର୍ଘଟଣାର କାରଣ ହୋଇଥିବା ବେଳେ ଯାତାୟାତରେ ସମସ୍ୟା ହେଉଛି। ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟି ଆସନ୍ତା ୧୯ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବା ଦାବି ନେଇ ୧୬ରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ହୋଇଛି। ବିଭାଗୀୟ ଅଧିକାରୀଙ୍କ ଚିଠିକୁ ଆଧାର କରି ଅଞ୍ଚଳବାସୀଙ୍କ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହି ରାସ୍ତା ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଶେଷ କରି ଗର୍ଭବତୀ, ଅସୁସ୍ଥ ରୋଗୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅସୁବିଧା ହେଉଥିବାବେଳେ ୨୫ଖଣ୍ଡ ଗ୍ରାମର ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଏହି ମୁଖ୍ୟରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକେ ଯାତାୟତ କରୁଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନ ଓ ଜିଲ୍ଲାପ୍ରଶାସନକୁ ଏହି ସମସ୍ୟା ଉପରେ ଲିଖିତ ଭାବେ ସାକ୍ଷାତ କରି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଞ୍ଚଳବାସୀ ପ୍ରକାଶ କରି ବୈଠକରେ ଆଲୋଚନା ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୈଠକରେ ସ୍ଥାନୀୟ ସମିତିସଭ୍ୟ ତଥା ଉପାଧ୍ୟକ୍ଷ୍ୟ ଏନ. ଲୁକ, ଏମବିକେ ଡି. ସବନମ, ସମାଜସେବୀ ହୃଷୀକେଶ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ଫିଲିମନ ପ୍ରଧାନ , କୋରାଳ ମଲ୍ଲିକ, ଦମ୍ବିକା ନାୟକ, ବିକି ପ୍ରଧାନ, ବିରାଜ ପ୍ରଧାନଙ୍କ ସମେତ ଅଞ୍ଚଳର ୱାର୍ଡ ସଭ୍ୟ, ସିଆରପି, ଇସି ମେମ୍ବର, ଗାଁ ମେଟ୍, ଅଟୋ ଚାଳକ ସଂଘ ସଭ୍ୟ, ଅଞ୍ଚଳର ଯୁବଗୋଷ୍ଠୀ ଓ ବୁଦ୍ଧିଜୀବୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଜିଲ୍ଲା ପାଇଁ ଆଣିଲେ ଗୌରବ

## ଜାତୀୟ ଟେନିସ୍ ବଲ୍ କ୍ରିକେଟରେ କନ୍ଧମାଳ ଛାତ୍ର




ରାଇକିଆ,୧୧।୪(ସମିସ): ରାଇକିଆର ଛାତ୍ର ଅହମିକ୍ ଆଡୋନାଇ ଦିଗାଳ ୧୫ ବର୍ଷରୁ କମ୍ ଜାତୀୟ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପରେ ଭାଗ ନେଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଚଳିତ ମାସ ପ୍ରଥମ ସପ୍ତାହରେ ଜାତୀୟ ଟେନିସ କ୍ରିକେଟ ସ୍ପୋର୍ଟସ ଆସୋସିଏସନ ଅଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଟେନିସ କ୍ରିକେଟ ସ୍ପୋର୍ଟସ ଜାତୀୟ ଚମ୍ପିଅନସିପ୍‌ରେ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ସ୍ପୋର୍ଟସ ଆସୋସିଏସନ ଦ୍ୱାରା ମନୋନୀତ ଦଳରେ ଭାଗ ନେଇଥିଲେ। ରାଇକିଆ ପଞ୍ଚାୟତର ଗୁଡ୍ରୁଗୁଡ଼ା ଗ୍ରାମର ମାନେଶ୍ୱର ଦିଗାଳଙ୍କ ଜ୍ୟେଷ୍ଠ ପୁତ୍ର ଅହମିକଙ୍କ ଏଭଳି ସଫଳତା ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଦେଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶ ସହିତ ମୁକାବିଲା ହୋଇ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହି ଟେନିସ ବଲ କ୍ରିକେଟରେ ରାଇକିଆ ଅଞ୍ଚଳର ଯୁବ କ୍ରିକେଟ ପ୍ରତିଭା ଅହମିକଙ୍କ ନିମନ୍ତେ ଶୁଭେଚ୍ଛା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରାଇକିଆ ଅଞ୍ଚଳରେଆନନ୍ଦର ଲହରୀ ଖେଳି ଯାଇଛି।

ସକାଳ THE SAKALA



## ସଂକଟ ସମୟରେ ନୂଆ ଉଦ୍ଭାବନ

# ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍‌ଜି

ଭୁବନେଶ୍ୱର,୧୧।୪(ସମିସ): ଯୁଦ୍ଧ ସମୟରେ ସବୁଆଡ଼େ ଗ୍ୟାସ ସଂକଟ ଘନେଇଛି। ସିଲିଣ୍ଡର ପାଇଁ ଲୋକେ ଲମ୍ବା ଲାଇନ୍ ଲଗାଉଛନ୍ତି। ସିଏନ୍‌ଜି ସିଲିଣ୍ଡର ମୂଲ୍ୟ ଏକ ହଜାର ଟଙ୍କାରୁ କମ୍ ଥିଲା ବେଳେ ରାଜଧାନୀରେ ୪ ହଜାର ଟଙ୍କା ପର୍ଯ୍ୟନ୍ତ କଳାବଜାର ହେଉଛି। ଏଭଳି ଗ୍ୟାସ୍ ସଙ୍କଟ ବେଳେ ବିଏମ୍‌ସି ରାଜଧାନୀବାସୀଙ୍କ ପାଇଁ ଆଣିଦେଇଛି ଖୁସି ଖବର। ଓଦାବର୍ଜ୍ୟରୁ ସିଏନ୍‌ଜି ଉତ୍ପାଦନ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ବର୍ଜ୍ୟରୁ ଉର୍ଜା ଏବଂ ବର୍ଜ୍ୟର ପୁନଃଚକ୍ରଣ କ୍ଷେତ୍ରରେ ଆଉ ଏକ ପାଦ ଆଗେଇଛି ଭୁବନେଶ୍ୱର ମହାନଗର ନିଗମ।

ଓଦା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍‌ଜି। ନିଟକରେ ଓଦା ବର୍ଜ୍ୟରୁ ସିଏନ୍‌ଜି ପ୍ରସ୍ତୁତ କରିବାକୁ ଯାଉଥିବା ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି ବିଏମ୍‌ସି। ବିଏମ୍‌ସି ଓଡ଼ିଶାର ପ୍ରଥମ ସ୍ୱାୟତ୍ତ ସଂସ୍ଥାଭାବେ ନେକ୍ସବ୍ୟାଣ୍ଡ ସହିତ ଚୁକ୍ତି ସ୍ୱାକ୍ଷର କରିଛି। ସୂଚନାଯୋଗ୍ୟ କି ବିଏମ୍‌ସି ଅଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର (ଏମ୍‌ସିସି) ଏବଂ ମ୍ୟାରିଆଲ ରିକଭରି ଫ୍ୟାସିଲିଟ୍ (ଏମ୍‌ଆର୍‌ଏଫ୍) କରାଯାଇ ପୃଥକୀକୃତ ବର୍ଜ୍ୟଗୁଡ଼ିକର ପ୍ରକ୍ରିୟାକରଣ କରାଯାଉଅଛି। ତେବେ ଏହି ବର୍ଜ୍ୟକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରି କିପରି ସେଥିରୁ ଶକ୍ତି ଉତ୍ପାଦନ କରାଯାଇ ପାରିବ ସେଥିପାଇଁ ମଧ୍ୟ ବିଏମ୍‌ସି ପଦକ୍ଷେପ ନେଇଛି।

ଭୁବନେଶ୍ୱର ନିକଟରେ ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ ତରଫରୁ କରାଯାଉଥିବା କମ୍ପ୍ରେସେଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ବେଗୁନିଆଠାରେ ପରିବା ବର୍ଜ୍ୟ ଏବଂ ନାପିୟର ଘାସର ଆବଶ୍ୟକତା ରହିଅଛି। ସଂପୃକ୍ତ ସଂସ୍ଥା ପରିବା ବର୍ଜ୍ୟ ନେବା ପାଇଁ ଆଜି ବିଏମ୍‌ସି ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ଦିନକୁ ହାରାହାରି ୫୦ ମେଟ୍ରିକ ଟନ୍ ପରିବା ବର୍ଜ୍ୟ ବିଏମ୍‌ସି ଅଞ୍ଚଳରୁ ଦେବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଋତୁ ଅନୁସାରେ ଏହାର ପରିମାଣରେ ଏହାର କିଛି ପରିବର୍ତ୍ତନ ହୋଇପାରେ। ତେବେ ସମଗ୍ର ସହରରୁ ସଂଗୃହିତ ପରିବା ବର୍ଜ୍ୟକୁ ଚିହ୍ନିତ ସ୍ଥାନଗୁଡିକରେ ରଖାଯିବ। ଉକ୍ତ ସଂସ୍ଥା ସେହିସବୁ ସ୍ଥାନରୁ ନିଜସ୍ୱ ଖର୍ଚ୍ଚରେ କମ୍ପ୍ରେସେଡ୍ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ନେବ। ସେଥିରୁ ଶକ୍ତି ଉତ୍ପାଦନ କରିବ। ଏହା ଚୁକ୍ତି ଏକ ଅଣ-ବ୍ୟବସାୟିକ ଏବଂ ପ୍ରାଥମିକ ଭାବେ ଏକବର୍ଷ ପାଇଁ କରାଯାଇଅଛି। ଏହି ପଦକ୍ଷେପ ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ

### ବିଏମ୍‌ସି ସହ ଚୁକ୍ତି ସ୍ୱାକ୍ଷର କଲା ନେକ୍ସବ୍ୟାଣ୍ଡ ରିନ୍ୟୁୟେବଲ୍ସ

ଜୈବିକ ପନିପରିବା ବର୍ଜ୍ୟକୁ ସ୍ଥାନାନ୍ତର କରି ଅସ୍ଥାୟୀ ପରିବହନ ଷ୍ଟେସନ ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ବଜାରରୁ ପରିବା ବର୍ଜ୍ୟ ସଂଗ୍ରହ ଅଧିକ ନିୟମିତ ହେବା ସହ ବଜାର ଅଂଚଳର ପରିଚ୍ଛନ୍ନତା ସାଙ୍ଗକୁ ପରିବା ବର୍ଜ୍ୟର ସଦୁପଯୋଗ ହୋଇପାରିବ। ଏହି ପଦକ୍ଷେପ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ ଦ୍ୱାରା ପରିବହନ ଭାର ଏବଂ ସମ୍ବନ୍ଧିତ ପରିଚାଳନାଗତ ସମସ୍ୟା ଓ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ। ଅଳିଆକୁ ସ୍ୱଚ୍ଛ ଶକ୍ତି ଏବଂ ଜୈବ ସାରରେ ରୂପାନ୍ତରିତ କରାଯିବ। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ, ସହର ପରିବେଶକୁ ସଫା ରଖିବା ଏବଂ ସ୍ଥାୟୀ ସମ୍ବଳ ବ୍ୟବହାରରେ ମଧ୍ୟ ସହାୟକ ହେବ। ସ୍ଥାୟୀ ସହରାଞ୍ଚଳ ବିକାଶକୁ ଏହା ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହି ବୁଝାମଣା ପତ୍ରରେ ବିଏମ୍‌ସି ପକ୍ଷରୁ କମିସନର ଚଞ୍ଚଳ ରାଣା ଏବଂ ନେକ୍ସ ବ୍ୟାଣ୍ଡ ରିନ୍ୟୁୟେବଲ୍ସ ପକ୍ଷରୁ ପରିଚାଳନା ନିର୍ଦ୍ଦେଶିକା ଲୋରୀ ଦାସ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାନନୀୟା ମେୟର ସୁଲୋଚନା ଦାସ, ବିଏମ୍ ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାରଙ୍କ ସହ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ ଓ କର୍ପୋରେଟର ଉପସ୍ଥିତ ଥିବା ବେଳେ ନେକ୍ସ ବ୍ୟାଣ୍ଡ ରିନ୍ୟୁୟେବଲ୍ସର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

## ରାଜଧାନୀ ରାଜରାସ୍ତାରେ ଛେନାପୋଡ଼ ଦିବସ




ଭୁବନେଶ୍ୱର,୧୧।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରରେ ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ ଚଳିତ ବର୍ଷ ନିଆରା ଭାବେ 'ଛେନାପୋଡ଼ ଦିବସ' ପାଳିତ ହୋଇଯାଇଛି। ପ୍ରତିବର୍ଷ ମଞ୍ଚରେ ଆୟୋଜିତ ହେଉଥିବା ବେଳେ ଏଥର ଶୋଭାଯାତ୍ରା ଓ ପଥପ୍ରାନ୍ତ ଉତ୍ସବ ମାଧ୍ୟମରେ ପାଳନ କରାଯାଇଛି। ଏହି ଶୋଭାଯାତ୍ରା ରାମ ମନ୍ଦିର ନିକଟରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାଇଥିଲା। ନୟାଗଡରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପରିବେଷିତ ବାଘ ଶବର ନାଚ ଏବଂ ଚଢ଼େୟା ସୁଆଙ୍ଗ ଆଦି ଦର୍ଶକଙ୍କ ମନ ମୋହିଥିଲା। ଏହି ଶୋଭାଯାତ୍ରା ଗାନ୍ଧୀମାର୍ଗଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇ ଛେନାପୋଡ କାଟି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଲେଖକ ଦାଶ

- ଭୁବନେଶ୍ୱରରେ ବିଶାଳ ଛେନାପୋଡ଼ ଶୋଭାଯାତ୍ରା
- ମନ ମୋହିଲା ବାଘ ଶବର ଓ ଚଢ଼େୟା ସୁଆଙ୍ଗ ନାଚ

ବେନହୁର, ନୟାଗଡ ବିକାଶ ମଞ୍ଚର ଆବାହକ କଥା ଜଣାଶୁଣା ଲେଖକ ଶୁଭ୍ରାଂଶୁ ପଣ୍ଡା, ମଞ୍ଚର ସହଆବାହକ ସୁବ୍ରତ କୁମାର ନାୟକ, ଅନୁଷ୍ଠାନର ସକ୍ରିୟ ସଦସ୍ୟ ବ୍ୟଙ୍ଗକବି ଗିରୀଶ, ଅଭିନେତା ଶ୍ରୀରାମ, ଆଶିଷ କୁମାର ରାଥ, ରାଜକିଶୋର ଡାକୁଆ, ଆଶୁତୋଷ ଦାସ, ସୁଧାଂଶୁ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଦେଶ ବିରୋଧୀ କାର୍ଯ୍ୟକଳାପ!

# ଭୁବନେଶ୍ୱରରୁ ଯୁବକଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

ଭୁବନେଶ୍ୱର, ୧୧।୪ (ସମିସ): ଦେଶବିରୋଧୀ କାର୍ଯ୍ୟକଳାପ, ଦେଶରେ ହିଂସା ଓ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଏବଂ ଚରମପନ୍ଥୀଙ୍କ ସହ ଲିଙ୍କ୍ ଭଳି ସଂଗିନ୍ ଅଭିଯୋଗରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲା, କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗର ୟୁନିଟ୍-୬ର ଶେଖ୍ ଇମ୍ରାନ୍ (୨୨)। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ପୁଲିସ ଇମ୍ରାନକୁ ଗିରଫ କରିଥିଲା। ପରେ ଇମ୍ରାନକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ ଅଦାଲତରେ ହାଜର କରାଯାଇଥିଲା। ପରେ କୋର୍ଟଙ୍କଠାରୁ ଅନୁମତି ନେଇ ଦିଲ୍ଲୀ ପୁଲିସ୍ ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି। ଇମ୍ରାନ୍‌ଠାରୁ ମୋବାଇଲ, ଲାପଟପ୍ ଆଦି ବୈଷୟିକ ଉପକରଣ ଜବତ କରାଯାଇଛି। ଏନେଇ କମିଶନରେଟ୍ ପୁଲିସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଇମ୍ରାନ୍ ସହ ଆତଙ୍କବାଦୀ ଲିଙ୍କ୍ ଥିବା ପୁଲିସ ସନ୍ଦେହ କରୁଛି।

ସପ୍ତାହ ତଳେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏକ ଚରମପନ୍ଥୀ ଗୋଷ୍ଠୀକୁ ଗିରଫ କରିଥିଲା। ଏହି ଗ୍ରୁପ୍ ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍-ଆପ୍ ଏବଂ ସିଗ୍‌ନାଲ୍ ଭଳି ପ୍ଲାଟଫର୍ମରେ ଦେଶବିରୋଧୀ ପୋଷ୍ଟ କରୁଥିଲା। ଜେରା ଏବଂ ସୋସିଆଲ୍ ମିଡିଆ ପୋଷ୍ଟ ବିଶ୍ଳେଷଣ ସମୟରେ ସ୍ପେଶାଲ୍ ସେଲ୍ ଓଡ଼ିଶା ଲିଙ୍କ୍ ପାଇଥିଲା। ଇମ୍ରାନ୍ ସୋସିଆଲ୍ ମିଡିଆ ଆକାଉଣ୍ଟ ମାଧ୍ୟମରେ ହ୍ୱାଟ୍ସଆପ ଏବଂ ସିଗ୍‌ନାଲ୍ ଆପ୍‌ରେ ଏକ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲା। ସେଥିରେ ଧର୍ମୀୟ ଧାରାରେ ମୌଳବାଦୀ ବିଷୟବସ୍ତୁ ପ୍ରଚାର କରାଯାଉଥିଲା। ଯାହା ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିଲା। ଦିଲ୍ଲୀ ପୁଲିସ ଇମ୍ରାନର ଠିକଣା ପାଇ ଭୁବନେଶ୍ୱର ଆସିଥିଲା। କମିଶନରେଟ୍ ପୁଲିସ ସହାୟତାରେ ସ୍ପେଶାଲ ସେଲ୍ ତାକୁ ଗତକାଲି ୟୁନିଟ-୬ରୁ କାବୁ କରିଥିଲା।

ଇମ୍ରାନ ବେରୋଜଗାର ଥିଲା ବେଳେ ତା' ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା ବୋଲି ଜଣାଯାଇଛି। ତେଣୁ କୌଣସି ଆତଙ୍କବାଦୀ ସଂଗଠନ ଜରିଆରେ ଇମ୍ରାନ୍ ପାଖକୁ ଟଙ୍କା ଆସୁଥିଲା ବୋଲି ସ୍ପେଶାଲ ସେଲ୍ ସନ୍ଦେହ କରୁଛି। ତାର ବ୍ୟାଙ୍କ କାରବାର ତଥ୍ୟ ମଧ୍ୟ ପୁଲିସ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ୧୧ବର୍ଷ ତଳେ ଅର୍ଥାତ ୨୦୧୫ରେ ଦିଲ୍ଲୀ ସ୍ପେଶାଲ ସେଲ୍ କଟକ ସାଲେପୁରରୁ ଜଣେ ମୌଲାନାଙ୍କୁ ଗିରଫ କରିଥିଲା।

# ଅଫିସ୍ ଚେୟାର୍‌ରେ ଟଳିପଡ଼ିଲେ ଡିଏଫ୍‌ଓ

ଭଦ୍ରକ, ୧୧।୪ (ସମିସ): କାମ କରୁ କରୁ ନିଜ ଚେୟାର୍‌ରେ ଟଳିପଡ଼ିଲେ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ସୌଭାଗ୍ୟ ରଞ୍ଜନ ସାହୁ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ନିଜ ଅଫିସ୍‌ରେ କାମ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ସେ ନିଜ ଚେୟାରରେ ଟଳି ପଡ଼ିଥିଲେ। ବନ କର୍ମଚାରୀମାନେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ



କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌଭାଗ୍ୟଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବରୁଣାଡିହା ଗାଁରେ। ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ତାଙ୍କର ଆହୁରି ୧୧ମାସ କାଳ ଚାକିରି ଥିବା ଜଣାଯାଇଛି। ଡିଏଫ୍‌ଓଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ମହଲରେ ଶୋକ ପ୍ରକାଶ ପାଇଛି।

# ଶିଳ୍ପ ମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଗୁରୁତର ଅଭିଯୋଗ

ପାରାଦୀପ/କୁଜଙ୍ଗ, ୧୧।୪(ସମିସ): କୁଜଙ୍ଗ ବ୍ଲକ ଅଞ୍ଚଳରେ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆଜି କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଏନେଇ ଆଜି ଷଣ୍ଢପୁରସ୍ଥିତ ବିଜୁ ଜନତା କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଜଙ୍ଗ ବ୍ଲକ ସଭାପତି ମନିନ୍ଦ୍ର ଗୁରୁଙ୍କ ସମେତ ବ୍ଲକର ଛାମୁଆ ନେତା ଓ କର୍ମୀମାନେ ମନ୍ତ୍ରୀଙ୍କ କାର୍ଯ୍ୟକଳାପ ବିରୋଧରେ ଗର୍ଜନ କରିଥିଲେ।

### ପ୍ରଶାସନକୁ ଫେରାଦ ହେଲା କୁଜଙ୍ଗ ବ୍ଲକ ବିଜେଡି

ପାରାଦୀପ ନିର୍ବାଚନ ମଣ୍ଡଳୀରେ ଥିବା କୁଜଙ୍ଗ ବ୍ଲକର ସମସ୍ୟାଗୁଡ଼ିକ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ତଥା ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳଙ୍କ ଜରିଆରେ କୁଜଙ୍ଗର ଉନ୍ନତି ପାଇଁ କାର୍ଯ୍ୟ କରାଯାଇଛି। କିନ୍ତୁ, ବିଡ଼ମ୍ବନାର ବିଷୟ, ଦୀର୍ଘ ଦୁଇ ବର୍ଷ ହେଲା ପ୍ରଥମଥର ପାଇଁ ନୂତନ ଭାବେ ସରକାରକୁ ଆସିଥିବା ବିଜେପି ଦଳର ପାରାଦୀପ ବିଧାୟକ ତଥା ବର୍ତ୍ତମାନର ଶିଳ୍ପମନ୍ତ୍ରୀଙ୍କ କାର୍ଯ୍ୟକଳାପ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଆଇନଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭ କରି କୃଷକ, ଶ୍ରମିକ, ଦିନମଜୁରିଆ, ଖଟିଖିଆଙ୍କ ସହିତ ସାଧାରଣ ଜନତା ସମସ୍ତେ ଆଜି କ୍ଷୁବ୍ଧ ଏବଂ ଅତିଷ୍ଠ। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସଆର ଆକ୍ଟିଭିଟିଜ୍) ଜରିଆରେ କୋଟି କୋଟି ଟଙ୍କା ଶିଳ୍ପମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀମାନଙ୍କ ଦ୍ୱାରା ବାଟମାରଣା କରୁଥିବା ବେଳେ ଦୀର୍ଘଦିନରୁ



ଅବହେଳିତ ଅବସ୍ଥାରେ ଥିବା କୁଜଙ୍ଗ ମେଡ଼ିକାଲର କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ। ସ୍ପଷ୍ଟ ଦିବାଲୋକରେ ବାଲି ଏବଂ ମାଟି ଶହ ଶହ ଟ୍ରିପ ଫତେପୁର ପଞ୍ଚାୟତ ଚାଷୀଙ୍କ ଜମିରୁ ଓ ଫତେପୁର ପଞ୍ଚାୟତର ଇଡ୍‌କୋ ଅଧିଗ୍ରହଣ କରିଥିବା ଜମିରୁ ମାଟିଚୋରା ଚାଲାଣ ହେଉଥିବା ବେଳେ ବାଲି ମାଟି ମାଫିଆମାନଙ୍କ ସହିତ ଶିଳ୍ପମନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ଆଇନ ବାଟରେ ପ୍ରତିବନ୍ଧକ ସାଜୁଛନ୍ତି।

ଆଉ କିଛି ଦିନ ପରେ ଅଖିମୁଠି ଅନୁକୂଳ ହେବାକୁ ଯାଉଥିବା ବେଳେ ବିଭିନ୍ନ ଧାନମଣ୍ଡିରେ କୃଷକ ଭାଇମାନଙ୍କର ଧାନ ପଡ଼ି ରହିଛି। କୁଜଙ୍ଗ ବ୍ଲକ୍ ସର୍ବପୁରାତନ ବିଦ୍ୟାଳୟ ବିବି ହାଇସ୍କୁଲରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଶିକ୍ଷାଦାନରେ ତ୍ରୁଟି ହେବା ସହିତ କୁଜଙ୍ଗ ଅଞ୍ଚଳର ଜଣେ ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କୁ ସ୍ପଷ୍ଟ ଦିବାଲୋକରେ ମାଫିଆମାନେ ମାଡ଼ ମାରିଥିଲେ। ସ୍ଥାନୀୟ ସାମ୍ବାଦିକମାନେ ପ୍ରଶାସନ ନିକଟରେ ଅବଗତ କରିଥିଲେ ମଧ୍ୟ ଘଟଣାକୁ ୧୫ଦିନ ପାର ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଗିରଫ ହୋଇ ନାହାନ୍ତି। ଏଭଳି ୧୦ଦଫା ଦାବିକୁ ପ୍ରଶାସନ ଦୃଢ଼ତାର ସହ ହାତକୁ ନେଇ କାର୍ଯ୍ୟକାରୀ କରିବାକୁ ବ୍ଲକ ବିଜୁ ଜନତା ପକ୍ଷରୁ ନିବେଦନ କରାଯାଇଛି।

# କଂଗ୍ରେସକୁ ବାହୁଡ଼ିଲେ ସାଧୁ ନେପାକ



ଭୁବନେଶ୍ୱର,୧୧।୪(ସମିସ): ବରଗଡ଼ର ପୂର୍ବତନ କଂଗ୍ରେସ ବିଧାୟକ ସାଧୁ ନେପାକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କଂଗ୍ରେସ ଭବନଠାରେ ଶତାଧିକ ସମର୍ଥକଙ୍କ ସହିତ ଶ୍ରୀ ନେପାକ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ସହ-ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ଏବଂ ଅନ୍ୟ ତୁଙ୍ଗ କଂଗ୍ରେସ ନେତାଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ପୁନର୍ବାର ଯୋଗ ଦେଇଛନ୍ତି।

ମିଶ୍ରଣ ସଭାରେ ନିଜ ବ୍ୟକ୍ତବ୍ୟ ରଖି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସାଧୁ ବାବୁ ଅବହେଳିତ ଜନତା ଏବଂ ବିଶେଷକରି କୃଷକମାନଙ୍କ ଅଧିକାର ଆନ୍ଦୋଳନର ଜଣେ ଆଗଧାଡିର ନେତା। ବରଗଡ଼ରେ କଂଗ୍ରେସ ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି। ସାଧୁ ବାବୁଙ୍କ କଂଗ୍ରେସକୁ ଘରବାହୁଡା ଭବିଷ୍ୟତରେ କଂଗ୍ରେସ ପୁଣି କ୍ଷମତାକୁ ଫେରିବାର ସୂଚନା ଦେଉଛି। ସେ ଯୋଗଦେବା ଫଳରେ ପଶ୍ଚିମାଞ୍ଚଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ କଂଗ୍ରେସ ଦଳପ୍ରତି ସମର୍ଥନ ନିଶ୍ଚୟ ବୃଦ୍ଧି ପାଇବ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମିଶ୍ରଣ ଅବସରରେ ସାଧୁ ନେପାକ ପିସିସି ସଭାପତିଙ୍କ ସହିତ ତାଙ୍କର ପୁରୁଣା ସମ୍ପର୍କ ବର୍ଣ୍ଣନା କରି କହିଥିଲେ, ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁଁ ମୁଁ ଦଳକୁ ଫେରି ସଂଗଠନ କରିବାକୁ ମନସ୍ଥ କରିଥିଲି। ଯଦିଓ ମୋର ଦେହ ଅନ୍ୟସ୍ଥାନରେ ଘୂରି ବୁଲୁଥିଲା; ମୋ ଆତ୍ମା କିନ୍ତୁ କଂଗ୍ରେସ ଭବନରେ ହିଁ ଥିଲା। ଆଗକୁ ସଭାପତି ଯାହା ଦାୟିତ୍ୱ ନ୍ୟସ୍ତ କରିବେ ମୁଁ ତାହା କାର୍ଯ୍ୟକାରୀ କରି ପାଦରେ ଚାଲି ଚାଲି ସଫଳ କରିବି ବୋଲି ଶ୍ରୀ ନେପାକ କହିଥିଲେ।

ମିଶ୍ରଣ ସଭାରେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ଜାତୀୟ ପ୍ରବକ୍ତା ହମିଦ ହୁସେନ, କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ ମଞ୍ଚାସୀନ ଥିଲେ। ମିଶ୍ରଣ ସଭାକୁ ମିଡ଼ିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ।

# କାଠଫାଳିଆରେ ପିଟି ସ୍ତ୍ରୀକୁ ହତ୍ୟା

ଲହୁଣୀପଡ଼ା, ୧୧।୪(ସମିସ): ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶସ୍ୟକଳା ଗ୍ରାମରେ ସ୍ୱାମୀର କାଠ ଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି। ମୃତକ ହେଲେ, ସେଲଫିନା ମିଞ୍ଜ (୪୬)। ଅଭିଯୁକ୍ତ ସ୍ୱାମୀ ଜାଲୁ ମିଞ୍ଜ (୩୯)କୁ ପୁଲିସ ଅଟକ ରଖିଛି। ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ଣରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି ଝଗଡ଼ା ଧୀରେଧୀରେ ଉଗ୍ରରୂପ ନେଇଥିଲା। କ୍ରୋଧରେ ସ୍ୱାମୀ ଜାଲୁ ମିଞ୍ଜ ଏକ କାଠଫାଳିଆରେ ବାରମ୍ବାର ପିଟିବା ଫଳରେ ସ୍ତ୍ରୀ ସେଲଫିନା ଘର ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ଘଟଣା ଜଣାପଡିବା ପରେ ରାତିରେ ପରିବାରଲୋକ ଓ ପଡ଼ୋଶୀମାନେ ତାଙ୍କୁ ଲହୁଣୀପଡ଼ା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଲହୁଣୀପଡ଼ା ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ପୁଲିସ ରାଉରକେଲାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ କାଠଫଳିଆ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ମଧ୍ୟ ଅଭିଯୁକ୍ତ ଜାଲୁ ମିଞ୍ଜରର କ୍ରିମିନାଲ ରେକର୍ଡ ରହିଥିବା ଚର୍ଚ୍ଚା ହେଉଛି। ରବିବାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗାଳିଦେଲେ ୫୦୦ ଟଙ୍କା...

ଏହି ନିୟମକୁ ଲାଗି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏବେ ଏହି ଗ୍ରାମ କେବଳ ମଧ୍ୟପ୍ରଦେଶ ନୁହେଁ, ସମଗ୍ର ଭାରତର ଗ୍ରାମାଞ୍ଚଳ ପାଇଁ ଏକ ମଡେଲ ଭାବେ ଉଭା ହୋଇଛି।

### ୧୦ ଦିନ ପରେ...

ମହାକାଶଯାନ ଶବ୍ଦର ଗତିଠାରୁ ପ୍ରାୟ ୩୫ ଗୁଣ ଅଧିକ ବେଗରେ ଗତି କରୁଥିଲା ଏବଂ ପ୍ରାୟ ୪ଲକ୍ଷ ଫୁଟ ଉଚ୍ଚତାରେ ବାୟୁମଣ୍ଡଳ ସହ ସଂଘର୍ଷ କରିଥିଲା। ଏହି ସମୟରେ ଯାନଟି ସୂର୍ଯ୍ୟଙ୍କ ପୃଷ୍ଠର ପ୍ରାୟ ଅଧା ତାପମାତ୍ରା ସମତୁଲ ଭୀଷଣ ଉତ୍ତାପର ସମ୍ମୁଖୀନ ହୋଇଥିଲା। ବାୟୁମଣ୍ଡଳରେ ପ୍ରବେଶ ସମୟରେ ପ୍ଲାଜମା ଗଠନ ଯୋଗୁଁ ପ୍ରାୟ ୬ ମିନିଟ୍ ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ ହେଁ ତାହା ପରେ ପୁନଃସ୍ଥାପିତ ହୋଇଥିଲା। ୧୦ ଦିନର ଏହି ଯାତ୍ରା ଅନେକ ରେକର୍ଡ ସୃଷ୍ଟି କରିଛି। ଏହି ଅଭିଯାନରେ ପ୍ରଥମଥର ପାଇଁ ମହାକାଶଚାରୀମାନେ ପୃଥିବୀଠାରୁ ପ୍ରାୟ ୪,୦୬,୭୭୧ କିମି ଦୂରତାକୁ ଯାତ୍ରା କରିଛନ୍ତି। ଏହା ମାନବ ମହାକାଶଯାତ୍ରା ଇତିହାସରେ ସର୍ବାଧିକ ଭାବେ ରେକର୍ଡ କରାଯାଇଛି। ଭିକ୍ଟର ଗ୍ଲୋଭର ଚନ୍ଦ୍ର ପରିକ୍ରମା କରିବାରେ ପ୍ରଥମ କୃଷ୍ଣକାୟ ବ୍ୟକ୍ତି, କ୍ରିଷ୍ଟିନା କୋଚ୍ ପ୍ରଥମ ମହିଳା ଏବଂ ଜେରେମି ହାନସେନ୍ ପ୍ରଥମ ଅଣ-ଆମେରିକୀୟ ମହାକାଶଚାରୀ ଭାବେ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ମହାକାଶଚାରୀମାନେ ଚନ୍ଦ୍ର ପୃଷ୍ଠରେ ହେଉଥିବା ଉଲକାପାତ ଏବଂ ଏକ ସୌର ପରାଗର ବିରଳ ଦୃଶ୍ୟ ଦେଖିବା ସହ ହଜାର ହଜାର ଫଟୋ ଉତ୍ତୋଳନ କରିଛନ୍ତି।

### ଇସଲାମାବାଦରେ ଶାନ୍ତି...

ଆଲୋଚନା ଆରମ୍ଭ ହୋଇଛି। ଇରାନ ଯୁଦ୍ଧ ପରେ ପ୍ରଥମ ଥର ଲାଗି ଦୁଇ ଦେଶର ପ୍ରତିନିଧି ଦଳ ମୁହାଁମୁହିଁ ଆଲୋଚନା କରିଛନ୍ତି।

ସେମାନଙ୍କ ମଧ୍ୟରେ କଣ ଆଲୋଚନା ହୋଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଆଲୋଚନା ପୂର୍ବରୁ ଇରାନ ରଖିଥିବା ଦୁଇଟି ସର୍ତ୍ତ ଉପରେ ଆମେରିକା କୋହଳ ଆଭିମୁଖ୍ୟ ଗ୍ରହଣ କରିଥିବା ଅଲ-ଜଜିରା ସୂତ୍ରରୁ ଜଣାପଡ଼ିଛି। ଏହି ସୂତ୍ରରୁ ପ୍ରକାଶ ଯେ ଯୁଦ୍ଧବିରତି ସର୍ତ୍ତରେ ଲେବାନନ ସାମିଲ ନଥିଲେ ମଧ୍ୟ ଏହାର ରାଜଧାନୀ ବୈରୁଟ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ। ଇସ୍ରାଏଲ ଆକ୍ରମଣ ଉତ୍ତର ଲେବାନନରେ ସୀମୀତ ରହିବ। ଏଥିଲାଗି ଇସ୍ରାଏଲ ଉପ।।ରେ ଆମେରିକା ଚାପ ପକାଇଛି। ଇସଲାମାବାଦରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଲେବାନନ ଉପରେ ଆକ୍ରମଣ ନକରିବା ଲାଗି ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହାସହିତ ଆମେରିକା ବାଜ୍ୟାପ୍ତ କରିଥିବା ଇରାନର ସଂପତ୍ତିକୁ ଫେରାଇଦେବା ଲାଗି ପଦକ୍ଷେପ ଗ୍ରହଣ କରିବ। ତେବେ ଏସଂପର୍କରେ ଅଧିକାରୀ ସୂତ୍ରରୁ କିଛି ଖବର ମିଳିନାହିଁ। ସେହିଭଳି ଆମେରିକା ପକ୍ଷରୁ ମଧ୍ୟ ଦାବି କରାଯାଇଛି ଯେ ଇରାନ ଆଉ ବିଳମ୍ବ ନକରି ତୁରନ୍ତ ହର୍ମୁଜ ସମୁଦ୍ର ପଥକୁ ଖୋଲିବାକୁ ପଦକ୍ଷେପ ନେଉ। ଆମେରିକା-ଇସ୍ରାଏଲ ଆକ୍ରମଣ ଯୋଗୁଁ ଇରାନ କ୍ଷତିପୂରଣ ଦାବି ମଧ୍ୟ ଉଠାଇଛି। ଉଭୟପକ୍ଷ ଉଦାର ଆଭିମୁଖ୍ୟ ଗ୍ରହଣ କରୁଥିବା ଜଣାପଡ଼ିଛି।

ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି ଏବଂ ଏଥିରେ ସାମିଲ ଅଛନ୍ତି ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜାରେଡ୍ କୁସନେର। ଇରାନ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର କାଲିବାଫ୍ ଏବଂ ତାଙ୍କ ସହିତ ଅଛନ୍ତି ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଗଚି।

### ଇରାନର ପସନ୍ଦ...

ମନରେ ତାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରିଛି। ଆମେରିକାର ଅନ୍ୟ ଦୁଇ ପ୍ରତିନିଧି ଜାରେଡ କୁଶନର ଓ ଷ୍ଟିଭ୍ ୱିଟକଫଙ୍କ ଭଳି ନେତାଙ୍କୁ ଇରାନ ସନ୍ଦେହ ଚକ୍ଷୁରେ ଦେଖୁଥିବା ବେଳେ, ଭାନ୍ସଙ୍କୁ ଜଣେ ସ୍ୱଚ୍ଛ ଓ ବିଚାରଶୀଳ ମଧ୍ୟସ୍ଥି ଭାବେ ଗ୍ରହଣ କରିଛି। ସୂଚନାଯୋଗ୍ୟ ଯେ, ୧୯୭୯ ପରଠାରୁ ୱାସିଂଟନ ଓ ତେହରାନ ମଧ୍ୟରେ ଏହା ସବୁଠାରୁ ବଡ଼ ସାମ୍ନାସାମ୍ନି ଆଲୋଚନା। ଇରାନର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଓ ବିଦେଶ ମନ୍ତ୍ରୀ ସୟଦ ଆବ୍ବାସ ଆରାଗଚିଙ୍କ ସହ ଭାନ୍ସ ସାକ୍ଷାତ କରିବେ। ବର୍ତ୍ତମାନ ଜାରି ରହିଥିବା ଅସ୍ଥାୟୀ ଯୁଦ୍ଧ ବିରତିକୁ ଏକ ସ୍ଥାୟୀ ଶାନ୍ତି ଚୁକ୍ତିରେ ପରିଣତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ। ଯଦି ଏହି ଆଲୋଚନା ସଫଳ ହୁଏ, ତେବେ ୨୦୨୮ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭାନ୍ସଙ୍କ ଦାବିଦାରୀ ଅଧିକ ମଜବୁତ ହେବ। କିନ୍ତୁ ଯଦି ଏହି ଆଲୋଚନା ବିଫଳ ହୁଏ, ତେବେ ତାଙ୍କୁ ଜଣେ ପରାଜିତ ନେତା ଭାବେ ଚିତ୍ରିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏବେ ସମଗ୍ର ବିଶ୍ୱର ନଜର ଇସ୍‌ଲାମାବାଦ୍ ବୈଠକ ଉପରେ ରହିଛି। ଭାନ୍ସ ଏହି ଶାନ୍ତିଦୂତ ଭୂମିକାରେ ଯୁଦ୍ଧର ଅବସାନ ଘଟାଇ ପାରୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା।

### ଦିଲ୍ଲୀରେ ୨୦୨୮ ରୁ...

କଲେ ୧୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବାର ପ୍ରସ୍ତାବ ରହିଛି। ପୁଣି ବୈଦ୍ୟୁତିକ ଯାନଗୁଡ଼ିକ ପାଇଁ ରୋଡ ଟ୍ୟାକ୍ସ ଓ ପଞ୍ଜୀକରଣ ଶୁଳ୍କରେ ୧୦୦ ପ୍ରତିଶତ ଛାଡ଼ କରାଯାଇଛି। ଉପଭୋକ୍ତାଙ୍କ ସୁବିଧା ପାଇଁ ଦିଲ୍ଲୀ ଟ୍ରାନସ୍କୋ ଲିମିଟେଡ (ଡିଟିଏଲ୍) ନୋଡାଲ ଏଜେନ୍ସି ଭାବେ ସହରର କୋଣ ଅନୁକୋଣରେ ଚାର୍ଜିଂ ଷ୍ଟେସନ ଓ ବ୍ୟାଟେରୀ ସ୍ୱାପିଂ ସେଣ୍ଟର ସ୍ଥାପନ କରିବ। ପୁରୁଣା ବ୍ୟାଟେରୀ ଯୋଗୁଁ ଯେପରି ପ୍ରଦୂଷଣ ନହୁଏ, ସେଥିପାଇଁ ଟ୍ରେସେବିଲିଟି ସିଷ୍ଟମ ଓ ରିସାଇକ୍ଲିଂ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଦିଲ୍ଲୀ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି କେବଳ ପରିବେଶ ସୁରାକ୍ଷା ନୁହେଁ, ବରଂ ଜୀବାଶ୍ମ ଜାଳେଣୀ ଉପରେ ନିର୍ଭରଶୀଳତା କମାଇବା ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବର୍ତ୍ତମାନ ଏହି ଚିଠା ନୀତି ଜନସାଧାରଣଙ୍କ ମତାମତ ପାଇଁ ୩୦ ଦିନ ପର୍ଯ୍ୟନ୍ତ ଖୋଲା ରହିଛି, ଯାହା ପରେ ଏହାକୁ ଚୂଡାନ୍ତ ରୂପ ଦିଆଯିବ।

### ଛିଡୁନି ମହାନଦୀ...

ହୋଇପାରୁନି। ଯାହାକୁ ନେଇ ରାଜ୍ୟବାସୀ ଦ୍ୱନ୍ଦ ମଧ୍ୟରେ ଥିବାବେଳେ ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ଯାହାକି ଚିନ୍ତାଜନକ ବୋଲି ଶ୍ରୀ ବେହେରା କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଯେଉଁ ବ୍ୟଗ୍ରତା କେନ୍ଦ୍ର ସରକାର ବଂଶଧାରା ବିବାଦରେ ଦେଖାଇଛନ୍ତି, ମହାନଦୀ କ୍ଷେତ୍ରରେ କାହିଁକି ଦେଖାଉନାହାନ୍ତି। ଯଦି ୩-୪ମାସ ମଧ୍ୟରେ ଅବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ମହାନଦୀ ଜଳବିବାଦର ସମାଧାନ ନ ବାହାରେ, ତା'ହେଲେ ବିଜେପିର ସମସ୍ତ ୨୦ ସାଂସଦଙ୍କ ବାସଭବନକୁ କଂଗ୍ରେସ ଘେରଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସ୍ୱାଗତ କରି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅନୁରୋଧରେ କେନ୍ଦ୍ର ସରକାର ୨୦୨୭ ମସିହା ଜାନୁଆରୀ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଛନ୍ତି। ମହାନଦୀ ଜଳବିବାଦ ପୂର୍ବରୁ ଆଇନଗତ ଦିଗକୁ କରାଯାଉଥିଲା। କିନ୍ତୁ ଏବେ ଟ୍ରିବ୍ୟୁନାଲ ଆପୋଷ ବୁଝାମଣା ପାଇଁ ଉଦ୍ୟମ କରୁଛନ୍ତି। ଯେହେତୁ ଆଉ କିଛି ସମୟ ଆବଶ୍ୟକ ହେଉଥିଲା, ତେଣୁ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ତାମିଲନାଡୁରେ ବନ୍ଧା ପଡ଼ିଛନ୍ତି...

ଦିନ କାଟୁଛନ୍ତି। ଅଭିଭାବକମାନେ ତାଙ୍କ ନାମଗୋପନ ରଖିବାକୁ ଗଣମାଧ୍ୟମକୁ କହିଛନ୍ତି। କନାପାଲି ଓ ବାରୁପାଲି ଗ୍ରାମର ଅଭିଭାବକ ଅଭିଭାବିକାମାନେ ନିଜ ଝିଅମାନଙ୍କୁ ଉଦ୍ଧାର କରିବା ପାଇଁ ସୋହେଲା ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସାହାଯ୍ୟ କରିବା ପରିବର୍ତ୍ତେ ବ୍ଲକ ପ୍ରଶାସନ କହିଥିଲେ ଯେ, କଟକ ରେ ଝିଅମାନେ ଥିଲେ, କିଛିଗୋଟେ କରିଥାନ୍ତେ କିନ୍ତୁ ଝିଅମାନେ ବର୍ତ୍ତମାନ ତାମିଲନାଡୁରେ ଥିବାରୁ ଆମେ ଏଥିରେ କିଛି କରିପାରିବୁ ନାହିଁ। ଏସମ୍ପର୍କରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ। ସରକାରୀ ଅଧିକାରୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକ ଅଭିଭାବିକା ମାନେ ଆଜି ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଦ୍ୱାରସ୍ଥ ହେବା ପରେ ଘଟଣାଟି ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ସଭାପତି ଗୋବିନ୍ଦ ବରିହାଙ୍କୁ ଝରଗ୍ରାମ ସ୍ଥିତ ତାଙ୍କ ବାସଭବନରେ ଭେଟି ଝିଅମାନଙ୍କ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଅଭିଭାବକମାନେ ଲିଖିତ ଅନୁରୋଧ କରିଛନ୍ତି। ସରକାରୀ ଯୋଜନାର ଆଳ ଦେଖାଇ ଓଡ଼ିଆ ଝିଅଙ୍କୁ ବାହାର ରାଜ୍ୟରେ ଶୋଷଣ କରାଯିବା ଏକ ଗମ୍ଭୀର ବିଷୟ। ତୁରନ୍ତ ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଫସି ରହିଥିବା ଯୁବତୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଶ୍ରୀ ବରିହା ଓ ଅଭିଭାବକମାନେ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

### କଟକ ଷ୍ଟେସନ୍‌ରୁ...

ସମସ୍ତଙ୍କ ପରିବାର ଆର୍ଥିକଦୁର୍ବଳ ଶ୍ରେଣୀର। ଜଣେ ବ୍ୟକ୍ତି ସମସ୍ତଙ୍କୁ କଟକରେ ମାଗଣାରେ ରହିବା, ଖାଇବା ସହ ଶିକ୍ଷା ପ୍ରଦାନ କରିବା ବାହାନାରେ ଏଠାକୁ ଡକାଇଥିଲା। ଏମିତିକି, ଉକ୍ତ ବ୍ୟକ୍ତିଜଣଙ୍କ ଷ୍ଟେସନ୍‌କୁ ଆସି ସମସ୍ତଙ୍କୁ ନେବ ବୋଲି କହିଥିବାରୁ ସେମାନେ ଅପେକ୍ଷା କରିଥିଲେ ବୋଲି ଉଦ୍ଧାର ନାବାଳକମାନେ ଆରପିଏଫ୍‌କୁ ଜଣାଇଥିଲେ। ଘଟଣାଟି ସମ୍ବେଦନଶୀଳ ଥିବାରୁ ଉକ୍ତ ପିଲାମାନଙ୍କୁ ଆରପିଏଫ୍ ପୋଷ୍ଟକୁ ନେଇ ଖାଦ୍ୟ/ପାନୀୟ ଦେବା ସହ ଜିଆରପି ଏବଂ ଚାଇଲ୍ଡ ଲାଇନକୁ ଅବଗତ କରାଇଥିଲା। କିଛି ସମୟ ପରେ ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚି ୧୨ଜଣ ନାବାଳକଙ୍କୁ ନିଜ ହେପାଜତକୁ ନେଇଥିବା ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି।

## ଟେଲିଭିଜନ ପ୍ରିମିୟର



# 'କୁହୁଡ଼ି' ଓ 'କବିତା ବନିତା ଲତା-୩'

ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆ ବର୍ଷ ଉପଲକ୍ଷେ 'ତରଙ୍ଗ' ଓ 'ଜୀ ସାର୍ଥକ'ରେ ଦୁଇଟି ସିନେମାର ଟେଲିଭିଜନ ପ୍ରିମିୟର ହେବ । 'ଜୀ ସାର୍ଥକ'ରେ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ ଆଜି (ଏପ୍ରିଲ ୧୨) ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଟେଲିଭିଜନ ପ୍ରିମିୟର ହେବ । ଚଳଚ୍ଚିତ୍ରର କାହାଣୀ ଜଣେ ସାହସୀ ଆଇନଜୀବୀ ଅଂଶୁମାନ ପଟ୍ଟନାୟକ ଏବଂ ନ୍ୟାୟ ପାଇଁ ତାଙ୍କର ଅଦମ୍ୟ ସଂଘର୍ଷକୁ ନେଇ ଗତିଶୀଳ। ଏଥିରେ ଏକ ଭୟଙ୍କର ଅଭିଯୋଗର ଶିକାର ହୋଇଥିବା ପିତାଙ୍କ ବେଦନା ଓ ନ୍ୟାୟ ପାଇଁ ସଂଘର୍ଷ ପରି ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗକୁ ଏକ କୋର୍ଟ ରୁମ୍ ଡ୍ରାମା ମାଧ୍ୟମରେ ଅତି ନିଖୁଣ ଭାବରେ ଦର୍ଶାଯାଇଛି । ସତ୍ୟର ସନ୍ଧାନ ଏବଂ ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ଉଦ୍ୟମ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ସନ୍ଦେହ, ସଂଘର୍ଷ ଏବଂ ସତ୍ୟର ଏକ ନିଆରା ସମନ୍ୱୟ ହେଉଛି 'କୁହୁଡ଼ି'। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅନୁଭବ ମହାନ୍ତି, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶ ମହାପାତ୍ର ନିଜର ଶକ୍ତିଶାଳୀ ଅଭିନୟ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିବେ ଜୀ ସାର୍ଥକର ସମସ୍ତ ଦର୍ଶକ।

ସେହିପରି 'ତରଙ୍ଗ'ରେ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ 'କବିତା, ବନିତା, ଲତା-୩'। ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ । ସିନେମାର ସଂଳାପ ପ୍ରିୟବ୍ରତ ପଣ୍ଡା, ମାନସ ମଲିକ ରଚନା କରିଥିବା ବେଳେ କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ପ୍ରିୟବ୍ରତ ପଣ୍ଡା । ସିନେମାଟିରେ ଜଗଜିତ ପଲ୍, ସସ୍ମିତା, ରାଗିଣୀ, ହିରଣ୍ମୟୀ, ବିଶ୍ୱରୂପା, ମିହିର, ପୃଥ୍ୱୀରାଜ, ପ୍ରଶାନ୍ତ, ବିକାଶ, ପୁନିତ, ତ୍ରିଭୁବନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏହା ପୂର୍ବରୁ ଏହାର ଦୁଇଟି ଭାଗକୁ ଦର୍ଶକଙ୍କ ଭଲପାଇବା ମିଳିସାରିଛି। ତେଣୁ ଏହି ସିନେମାର କାହାଣୀକୁ ବି ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି। ■

# ଓଡ଼ିଆ ନୂଆବର୍ଷରେ 'ମୁରବି'



ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ମୁରବି।' ପିନାକୀ ସିଂହ ଏବଂ ଶିଶିର କୁମାର ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବିଶାଳ ମୌର୍ଯ୍ୟ, ଦେବୀ ପ୍ରସାଦ ଲେଙ୍କା। ଏହାର କାହାଣୀ ମଧ୍ୟ ବିଶାଳ ଏବଂ ଦେବୀ ରଚନା କରିଚନ୍ତି। ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା କରିଛନ୍ତି ପି. ସନ୍ତୋଷ । ତେବେ ଦୁଇ ପରିବାରର ବିପରୀତଧର୍ମୀ କାହାଣୀକୁ ନେଇ ସିନେମାଟି ଗତିଶୀଳ । ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ କୁନା ତ୍ରିପାଠୀଙ୍କ ଦମ୍‌ଦାର ଅଭିନୟ ଏଥିରେ ଦେଖିବାକୁ ମିଳିବ । ଅନ୍ୟପଟେ ଅନ୍ୟ ସିନେମା ଭଳି ଏଥିରେ କୌଣସି ନାୟକ ତଥା ନାୟିକା ନାହାନ୍ତି। ହେଲେ ସିନେମାଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି। କାରଣ ଏଥିରେ ଓଡ଼ିଆ ଘରର ନିଛକ କାହାଣୀ ଦେଖିବାକୁ ମିଳିବ। ■

# ଅକ୍ଷୟ-ରାଜପାଲଙ୍କ ଯୋଡ଼ି





ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କ ଯୋଡ଼ି ପୁଣି ଥରେ ବଡ଼ ପରଦାକୁ ଫେରିବ । କମେଡି ଫିଲ୍ମରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରନ୍ତି । ତେବେ ଏବେ 'ଭୂତ ବଙ୍ଗଳା' ସିନେମାରେ ଏହି ଦୁହିଁଙ୍କୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ଏହି ସିନେମାରେ ପୁଣି ଦୁହେଁ ଏକାଠି ନଜର ଆସିବେ । ସିନେମାଟି ଉଭୟ ଭୟଭୀତ କରିବ ଏବଂ ନିର୍ଦ୍ଧୁମ ହସାଇବ । ସେହିପରି ଏହି ସିନେମା ଦୁହିଁଙ୍କ ପୁରୁଣା ସିନେମା ଭଳି ସୁପରହିଟ୍ ହେବା ସହ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବା ଆଶା କରାଯାଉଛି । ଅନ୍ୟପଟେ 'ଫିର୍ ହେରା ଫେରି', 'ଗରମ ମସାଲା', 'ଦେ ଦନା ଦନ୍', 'ଭାଗମ୍ ଭାଗ୍'ରେ ରାଜପାଲ ଏବଂ ଅକ୍ଷୟଙ୍କ ଭରପୂର କମେଡିର ମଜା ନେଇଛନ୍ତି ଦର୍ଶକେ। ■

## ପରଦା ପଛର କାହାଣୀ

# ଉଧାର ଟଙ୍କାରୁ ନିର୍ମିତ ଗୀତ



ହିନ୍ଦୀ ସିନେମା ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ କିଶୋର କୁମାର ନିଜ କ୍ୟାରିୟର୍‌ରେ ଅନେକ ସୁପରହିଟ୍ ଗୀତ ଭେଟି ଦେଇଛନ୍ତି ସଙ୍ଗୀତ ଜଗତକୁ । ଯାହାକୁ ଶ୍ରୋତାମାନେ ଭୁଲି ପାରି ନାହାନ୍ତି । ଏବେ ମଧ୍ୟ ଅନେକ ଗୁଣୁ ଗୁଣୁ ହୋଇ ଗାଇଥାଆନ୍ତି ତାଙ୍କ ଗୀତଗୁଡ଼ିକକୁ । ବଲିଉଡ୍‌ର ପ୍ରସିଦ୍ଧ ଗାୟକ ଓ ଅଭିନେତା ଭାବେ କିଶୋର କୁମାର ଆଜି ବି ପ୍ରଶଂସକଙ୍କ ହୃଦୟରେ ଜୀବିତ ହୋଇ ରହିଛନ୍ତି । ଆବଶ୍ୟକତା ଅନୁଯାୟୀ ସେ ଯେ କୌଣସି ପରିସ୍ଥିତିକୁ ନେଇ ଗୀତ ତିଆରି ଗାଇ ପାରୁଥିଲେ । ସେମିତି ଏକ ଗୀତ ରହିଛି ୧୯୫୮ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଚଲତି କା ନାମ ଗାଡ଼ି'ରେ । ଯାହାକୁ ସେ ବାସ୍ତବ ଜୀବନରୁ ପ୍ରେରଣା ପାଇ ତିଆରି କରିଥିଲେ । 'ପାଞ୍ଚ ରୁପେୟା ବାରଅନା...' ନାମକ ଏହି ସୁପରହିଟ୍ ଗୀତରେ କିଶୋର କୁମାର ଏବଂ ମଧୁବାଲା ଯୋଡ଼ିଙ୍କୁ ଦେଖିବାକୁ ମିଳିଥିଲା । ଏହି ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଫିଲ୍ମରେ ଅଶୋକ କୁମାର, ଅନୁପ କୁମାର, କେ.ଏନ୍. ସିଂ ପ୍ରମୁଖ ଅଭିନୟ କରିଛନ୍ତି । ତେବେ ଏବେ ମଧ୍ୟ 'ପାଞ୍ଚ ରୁପେୟା ବାରଅନା...' ଗୀତଟି ଦର୍ଶକଙ୍କ ମନରୁ ଲିଭି ନାହିଁ । ଗୀତ ସୁଟିଂ ପଛରେ ଏକ ରୋଚକୀୟ କାହାଣୀ ରହିଛି । ସେ ସଂପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି । ସେତେବେଳେ ଅଶୋକ କୁମାରଙ୍କ ଉପରେ ଇନ୍ଦୋର କ୍ରିଶ୍ଚିୟାନ କଲେଜ କ୍ୟାଣ୍ଟିନର ୫ ଟଙ୍କା ୧୨ ଅଣା ପଇସା ଉଧାର ଥିଲା । ଏହି ବାକି ଟଙ୍କାକୁ ନେଇ ସେ ନିଜେ ମଜାକିଆ ଶୈଳୀରେ ଗୁଣୁଗୁଣାଇଥାନ୍ତି । ପରବର୍ତ୍ତୀ ସମୟରେ ସେ ଏଥିରୁ ପ୍ରେରଣା ପାଇ ଏହି ଗୀତ ତିଆରି କରିଥିଲେ । ଏ ସଂପର୍କରେ ଅମିତ କୁମାର ପ୍ରକାଶ କରିଛନ୍ତି । ଏହି ଗୀତଟି ସେ ସମୟରେ ସୁପରହିଟ୍ ହୋଇଥିଲା । ତେବେ ଫିଲ୍ମକୁ ନେଇ ଆଉ ଏକ ରୋଚକୀୟ କଥା ମଧ୍ୟ ରହିଛି, ନିର୍ଦ୍ଦେଶକ ଫିଲ୍ମ ମହୁରତର ତିନିଘଣ୍ଟା ପୂର୍ବରୁ ଏହି ପ୍ରୋଜେକ୍ଟଟିକୁ ଛାଡ଼ି ଦେଇଥିଲେ । ପ୍ରଥମେ ଏହି ଫିଲ୍ମକୁ ବଙ୍ଗଳା ନିର୍ଦ୍ଦେଶକ କମାଲ ମଜୁମଦାର୍ ନିର୍ଦ୍ଦେଶନା ଦେବାର ଥିଲା, ତେବେ ଶେଷ ମୁହୂର୍ତ୍ତରେ ହିଁ ସେ ଏହାର ନିର୍ଦ୍ଦେଶନା ଦେବେ ନାହିଁ ବୋଲି ମନା କରି ଦେଇଥିଲେ । ତାଙ୍କ କହିବାନୁଯାୟୀ ସେ ତିନି ଗାଙ୍ଗୁଲି ବ୍ରଦର୍ସଙ୍କ ସହ ହିନ୍ଦୀ ଫିଲ୍ମ ନିର୍ଦ୍ଦେଶନା ଦେଇପାରିବେନି । ଏହାପରେ କିଶୋର କୁମାର ନିଜେ ସତ୍ୟଜିତ୍ ବୋଷଙ୍କ ସହ ଯୋଗାଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ଫିଲ୍ମ ସୁଟିଂ ଆଗକୁ ବଢ଼ିଥିଲା । ■

## ସାକ୍ଷାତକାର

ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନୃତ୍ୟ ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବନାକୁ ପ୍ରକାଶ କରୁଥିଲେ । ନୃତ୍ୟ ଦ୍ୱାରା ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ପ୍ରୟାସ କରିବା ଭିତରେ ଅଭିନେତ୍ରୀ ହେବାକୁ ସେ ମନ ବଳାଇଲେ । ଆଉ ଅଭିନୟ ଜଗତରେ ପାଦ ଦେଇ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥିଲେ । ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହୋଇଥିବା କଳାକାର ହେଉଛନ୍ତି ସାଲେପୁରର ଅର୍ଚ୍ଚିତା ପ୍ରିୟଦର୍ଶିନୀ ରାଉତ । କେବଳ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ତାହା ନୁହେଁ, ବର୍ତ୍ତମାନ ସେ ଓଡ଼ିଆ ଧାରବାହିକ 'କିଛି ସତ କିଛି ମିଛ'ରେ ଚମତ୍କାର ଅଭିନୟ କରୁଛନ୍ତି । ତେବେ ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀର ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

# "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋର ସ୍ୱପ୍ନ"

**ଅର୍ଚ୍ଚିତା ପ୍ରିୟଦର୍ଶିନୀ ରାଉତ, ଅଭିନେତ୍ରୀ**



**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକା ହେବାକୁ କାହିଁକି ମନ ବଳାଇଲେ?**

- ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବର୍ତ୍ତମାନ ମୁଁ କଟକ ରେଭେନ୍ସାରେ ସ୍ନାତକ ଶ୍ରେଣୀରେ ପଢୁଛି । ସୌଭାଗ୍ୟବଶତଃ କଳା ପ୍ରତି ମୋର ଦୁର୍ବଳତା ବଢ଼ିଗଲା । ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ 'ସିନେ ଷ୍ଟାର କି ଖୋଜ୍' ରିଆଲିଟି ଶୋ'ରେ ଅଂଶ ଗ୍ରହଣ କରିଥିଲି । ସେଥିରେ ଫାଇନାଲିଷ୍ଟ ହୋଇଥିଲି । ଭଗବାନଙ୍କ ଆଶୀର୍ବାଦରୁ ଏହା ଜରିଆରୁ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା । 'କିଛି ସତ କିଛି ମିଛ' ମୋର ପ୍ରଥମ ଧାରାବାହିକ ।

**'କିଛି ସତ କିଛି ମିଛ'ରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- 'କିଛି ସତ କିଛି ମିଛ' ଧାରାବାହିକରେ ମୋ ନାଁ 'ଛବି' ହୋଇଛି । ଏଥିରେ ମୋ ବାପାଙ୍କ ହତ୍ୟାକାରୀଙ୍କୁ ମୁଁ ଆଉ ମୋ ବଡ଼ ଭଉଣୀ ଦଣ୍ଡ ଦେବାକୁ ଚାହୁଁଛୁ । ତେବେ ମୋ ବଡ଼ ନାନୀ ଅନ୍ୟାୟ ରାସ୍ତାରେ ଦୋଷୀକୁ ଦଣ୍ଡ ଦେବାକୁ ଚାହୁଁଥିବାବେଳେ ମୁଁ ମୋ ବାପାଙ୍କ ଆଦର୍ଶ ପଥରେ ଯିବାକୁ ଗୁରୁତ୍ୱ ଦେଉଛି । ବାପାର ଗେହ୍ଲୀ ଝିଅ ଭାବେ ନ୍ୟାୟ ବାଟକୁ ଆଦରୁଛି । ବାପାଙ୍କ ପରେ ମୋ ନାନୀର ସବୁ ଦାୟିତ୍ୱ ମୋ ଉପରେ ।

**ଆପଣଙ୍କ ଚରିତ୍ରକୁ ଦର୍ଶକ କେତେ ଭଲପାଇବା ଦେଇଛନ୍ତି?**

- ଅନେକ ଲୋକଙ୍କ ଇଚ୍ଛା ଥାଏ ନିଜ ପୁଅଝିଅ ସତ୍‌ପଥରେ ପରିଚାଳିତ ହୁଅନ୍ତୁ । ହେଲେ ବାପାଙ୍କ ମୃତ୍ୟୁ ପରେ ଦୋଷୀକୁ ଦଣ୍ଡ ଦେବା ପାଇଁ ଛବି ଯେଉଁ ସଂଘର୍ଷ କରୁଛି ତାହା ବାସ୍ତବରେ ଅବର୍ଣ୍ଣନୀୟ । ତେଣୁ ଦର୍ଶକେ ଏହି ଚରିତ୍ରକୁ ଢେର୍ ସାରା ଭଲପାଇବା ଦେଉଛନ୍ତି ।

**ଖରାଦିନେ କିପରି ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି ?**

- ଖରାଦିନ ହେଉ କି ବର୍ଷାଦିନ ପ୍ରଥମେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର । ସକାଳୁ ଯୋଗ କିମ୍ବା ପ୍ରାଣାୟମ କରିବା ସହ ହାଇଡ୍ରେଟ୍ ରହିବା ଆବଶ୍ୟକ । ତେଣୁ ମୁଁ ଏସବୁକୁ ଗୁରୁତ୍ୱ ଦିଏ । ବେଶୀ ପାଣି ପିଏ । ଖରାଦିନେ ସନ୍‌ସ୍କ୍ରିନ ଲୋସନ୍ ବ୍ୟବହାର ସହ ବାହାରକୁ ଯିବା ସମୟରେ ସୂତା ପୋଷାକ ପିନ୍ଧିବାକୁ ଗୁରୁତ୍ୱ ଦିଏ ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ମୋର ପ୍ରଥମ ପାରିଶ୍ରମିକରେ ମୁଁ ଜଗାଙ୍କୁ ଦର୍ଶନ କରିବାକୁ ଯୋଜନା ରଖିଛି । ଏହା ସହ ମୋ ବାପା, ମା' ଭଉଣୀ ଓ ଘର ପରିବାରଙ୍କ ମୁହଁରେ ହସ ଦେବାକୁ ଚେଷ୍ଟା କରିବି ।

**ଅଭିନୟ କ୍ଷେତ୍ରକୁ ଆସିବାକୁ କେତେ ସଂଘର୍ଷ କରିଛନ୍ତି?**

- 'ସିନେ ଷ୍ଟାର କି ଖୋଜ୍'କୁ ଆସିବା ପରେ ସଂଘର୍ଷ ଆରମ୍ଭ ହୋଇଥିଲା । ଏବେ ବି ସଂଘର୍ଷ ଜାରି ରହିଛି । କେବଳ ସେତିକି ନୁହେଁ, ଯେତେ ଦିନ କାମ କରିବି ସମସ୍ତଙ୍କଠାରୁ କାମ ଶିଖିବାକୁ ଇଚ୍ଛା ଅଛି । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରିବି । ■

**ସୁଟିଂ ସେଟ୍‌ର ପ୍ରଥମ ଦିନ?**

- 'ସିନେ ଷ୍ଟାର କି ଖୋଜ୍'ରେ ଲାଇଭ୍ କ୍ୟାମେରାକୁ ସାମ୍ନା କରିବା ପରେ ଏହି ଧାରାବାହିକର ପ୍ରୋମୋ ସୁଟ୍ ବେଳେ କ୍ୟାମେରାକୁ ସାମ୍ନା କରିଥିଲି । ସୁଟିଂ ସେଟ୍‌ରେ ସିନିୟର କଳାକାର ଆଉ ନିର୍ଦ୍ଦେଶକ ବହୁତ ସହଯୋଗ କରିଥିଲେ । ଭୟ ଥିଲା କି ପ୍ରଥମ ଥର ପାଇଁ କାମ କରୁଛି କେମିତି ହେବ । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିବା ପରେ ଡର କମି ଯାଇଥିଲା । ଯେହେତୁ ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ତେଣୁ ସେଥିରେ ଅଭିନୟ ଭାଗ ଥାଏ । ଏଥିପାଇଁ ମୋତେ ଅଭିନୟ କରିବାକୁ ସହଜ ହୋଇଥିଲା ମଧ୍ୟ ।

**ଆପଣଙ୍କ ଡ୍ରିମ୍ ରୋଲ୍?**

- ପ୍ରତ୍ୟେକ କଳାକାର ତା' ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖୁଛି । ମୋ ପାଇଁ ଡ୍ରିମ୍ ରୋଲ୍‌ର ସଂଜ୍ଞା ହେଉଛି, ନାୟିକା, ଖଳନାୟିକା କି ମା' ଯାହା ବି ଚରିତ୍ର ମିଳୁ ସେହି ଚରିତ୍ରରେ ମୋତେ ପଶିବାର ଅଛି । ଭବିଷ୍ୟତରେ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି ।

# 'ରଜ କୁଇନ୍ ୨୦୨୬' ଆରମ୍ଭ

'ଜୀ-ସାର୍ଥକ'ର ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍'ର ଚତୁର୍ଦ୍ଦଶ ସଂସ୍କରଣ ଏପ୍ରିଲ ୪ ତାରିଖରୁ ଶୁଭାରମ୍ଭ ହୋଇସାରିଛି । ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ ଏହି ଶୋ'ର ଭରପୂର ମନୋରଞ୍ଜନ ଦର୍ଶକମାନେ ନେଇପାରିବେ । ଚଳିତ ସିଜନ୍‌ରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ଅଭିନେତା ପୁପିନ୍ଦର ସିଂ ବିଚାରକ ରହିଛନ୍ତି । ଏହା ସହିତ ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ ଦେବା ପାଇଁ 'ଜୀ-ସାର୍ଥକ'ର ବିଭିନ୍ନ ଧାରାବାହିକର ଲୋକପ୍ରିୟ ଯୋଡ଼ିମାନେ ମେଣ୍ଟର ଭାବେ ଯୋଗ ଦେଇଛନ୍ତି । ସେମାନେ ହେଲେ: 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା । ଶୋ'ର ସଫଳ ସଞ୍ଚାଳନ ଦାୟିତ୍ୱରେ ଅଛନ୍ତି ଜଣାଶୁଣା ଆଙ୍କର ସୁଜିତ ଏବଂ ଚାନ୍ଦିନୀ । ■



# ସାମ୍‌ସନ୍‌ଙ୍କ ଶତକ

## ଶେଷରେ ଜିତିଲା ସିଏସ୍‌କେ



ଚେନ୍ନଇ, ୧୧।୪ (ଏଜେନ୍ସି): ସଞ୍ଜୁ ସାମସନଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପାଞ୍ଚଥରର ଚାମ୍ପିଅନ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଶନିବାର ରାତିରେ ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୧୮ତମ ମ୍ୟାଚରେ ସିଏସକେ ୨୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ରାଜସ୍ଥାନ (୮ ୱିକେଟ୍), ପଞ୍ଜାବ (୫ ୱିକେଟ) ଓ ବେଙ୍ଗାଲୁରୁ (୪୩ ରନ) ନିକଟରୁ ହାରି ହ୍ୟାଟ୍ରିକ ପରାଜୟବରଣ କରିଥିବା ସୁପର କିଙ୍ଗ୍‌ସ ଶେଷରେ ପଏଣ୍ଟ ଖାତା ଖୋଲିଛି। ଅପରପକ୍ଷରେ ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୪ର୍ଥ ମ୍ୟାଚରୁ ୨ୟ ପରାଜୟବରଣ କରିଛି। ୫୬ ବଲରେ ୧୧୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ସାମସନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନଇ ପାଇଁ ଦୁଇ ଓପନର୍ ସଞ୍ଜୁ ସାମସନ ଓ ଅଧିନାୟକ ଋତୁରାଜ ଗାଏକୱାଡ ୩୮ ବଲରେ ୬୨ ରନ ଉଠାଇଥିଲେ। ତେବେ ଋତୁରାଜଙ୍କୁ ୧୫ ରନରେ ଆଉଟ୍ କରି ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲ ଏହି ଯୋଡ଼ି ଭାଙ୍ଗିଥିଲେ। ସାମସନ କିନ୍ତୁ ପରବର୍ତ୍ତୀ ଦୁଇ ବ୍ୟାଟର ଆୟୁଷ ମହାତ୍ରେଙ୍କ ସହ ୨ୟ ୱିକେଟ୍‌ରେ ୧୧୩ ରନ ଓ ଶିଭମ ଦୁବେଙ୍କ ସହିତ ଅସମାପ୍ତ ୩ୟ ୱିକେଟ ଭାଗୀଦାରିରୁ ୩୭ ରନ ସଂଗ୍ରହ କରିଥିଲେ। ଫଳରେ ଚେନ୍ନଇ ୨ ୱିକେଟ୍‌ରେ ୨୧୨ ରନର ଚ୍ୟାଲେଞ୍ଜି ସ୍କୋର ଠିଆ କରିପାରିଥିଲା। ଓପନିଂରୁ ଆସି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ସାମସନ ୫୬ ବଲରେ ୧୧୫ ରନ କରିଥିଲେ। ସାମସନ ତାଙ୍କର ଏହି ୪ର୍ଥ ଆଇପିଏଲ୍ ଶତକୀୟ ପାଳିରେ ୧୫ଟି ଚୌକା ଓ ୪ଟି ଛକା ମାରିଥିଲେ। ସେହିଭଳି ଚଳିତ ଆଇପିଏଲ୍‌ରେ ପ୍ରଥମ ବ୍ୟାଟର୍ ଭାବେ ରିଟାୟର୍ଡ ଆଉଟ୍ ହୋଇଥିବା ମହାତ୍ରେ ୩୬ ବଲରୁ ୫୯ ରନ କରିଥିଲେ। ଦୁବେ ୧୦ ବଲରୁ ୨୦ ରନ କରି ଅପରାଜିତ ରହିଥିଲେ। ଜବାବରେ ଦିଲ୍ଲୀ ଲଢ଼େଇ କରିଥିଲେ ମଧ୍ୟ ଇନିଂସର ଶେଷ ବଲରେ ୧୮୯ ରନରେ ଅଲଆଉଟ୍ ହୋଇ ପରାଜୟବରଣ କରିଥିଲା। ଦଳ ପକ୍ଷରୁ ୬ ନମ୍ବର ସ୍ଥାନରେ ଆସିଥିବା ଷ୍ଟବ୍ସ ୩୮ ବଲରୁ ସର୍ବାଧିକ ୬୦ ରନ କରିଥିଲେ। ଓପନର୍ ପାଥୁମ ନିଶାଙ୍କ ୪୧, ଲୋକେଶ ରାହୁଲ ୧୮, ଡେଭିଡ୍ ମିଲର ୧୭, ଆଶୁତୋଷ ଶର୍ମା ୧୯, ଅକ୍ଷର ୧, ସମୀର ରିଜଭି ୬ ରନ କରିଥିଲେ। ସଫଳ ବୋଲର ଭାବେ ଜେମି ଓଭରଟନ ୧୮ ରନରେ ୪ଟି ଓ ଅଂଶୁଲ କାମ୍ବୋଜ ୩ଟି ୱିକେଟ୍ ନେଇ ଚେନ୍ନଇକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଶ୍ରେୟସ୍ ଆୟର, ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ୍‌ଙ୍କ ଅର୍ଦ୍ଧଶତକ

# ହାଇଦରାବାଦକୁ ହରାଇଲା ପଞ୍ଜାବ

ମୁଲାନପୁର/ନ୍ୟୁ ଚଣ୍ଡିଗଡ, ୧୧।୪ (ଏଜେନ୍ସି): ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଏଠାରେ ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହା ଫଳରେ ଆଜି ସୁଦ୍ଧା ପଞ୍ଜାବ ଓ ରାଜସ୍ଥାନ ରୟାଲ୍ସ ଚଳିତ ଆଇପିଏଲରେ ଅପରାଜେୟ ରହିଛି। ହାଇଦରାବାଦ୍‌କୁ ହରାଇବା ପରେ ପଞ୍ଜାବ ୪ଟି ମ୍ୟାଚ୍‌ରୁ ୩ ବିଜୟ ଓ କେକେଆର୍ ସହ ବାତିଲ ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ରାଜସ୍ଥାନ ୪ଟି ବିଜୟ ସହ ୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ସନ୍‌ରାଇଜର୍ସ ହାଇଦରାବାଦ୍ ୪ଟି ମ୍ୟାଚରେ ତୃତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ହାଇଦରାବାଦ୍ ୬ ୱିକେଟରେ ୨୧୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍‌ସ ୧୮.୫ ଓଭରରେ ମାତ୍ର ୪ ୱିକେଟରେ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ପ୍ରିୟାଂଶ ଆର୍ଯ୍ୟ ୨୦ ବଲ୍‌ରେ ୫୭ ଓ ପ୍ରଭସିମରନ ସିଂହ ୨୫ ବଲ୍‌ରେ ୫୧ ରନ୍ କରିଥିଲେ। କିନ୍ତୁ ଆଜିର ମ୍ୟାଚ୍‌ରେ ୩୩ଟିବଲ୍‌ର ସାମ୍ନା କରି ୫ଟି ଲେଖାଏଁ ଚୌକା ଓ ଛକା ସହ ୬୯ ରନ୍ କରିବା ସହ ଶେଷଯାଏ ଅପରାଜିତ ରହିଥିବା ଶ୍ରେୟସ ଆୟରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ଶ୍ରେୟସ୍ ଆୟର-୬୯*

୨୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂହଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ ପାୱାର ପ୍ଲେ'ରେ ୯୩ ଓ ୬.୩ ଓଭରରେ ୧୦୦ ରନ୍ ପୂରଣ କରିଥିଲେ। ଏହି ଦୁଇ ଖେଳାଳି ପ୍ରଥମ ୱିକେଟରେ ୩୮ ବଲ୍‌ରୁ ୯୯ ରନ୍ ଉଠାଇବା ପରେ ବାମହାତୀ ସ୍ପିନର ଶିବାଙ୍ଗ କୁମାର ପ୍ରିୟାଂଶଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ପରବର୍ତ୍ତୀ ୨ ବ୍ୟାଟରଙ୍କୁ ମଧ୍ୟ ଶିବାଙ୍ଗ କୁମାର ଆଉଟ କରିବା ଫଳରେ ପଞ୍ଜାବର ରନ୍ ହାର କମିଯାଇଥିଲା। ଏକାଦଶ ଓଭରରେ ଦଳ ୧୨୮ ରନ୍‌ରେ ପ୍ରଥମ ୩ଜଣ ବ୍ୟାଟର ଶିବାଙ୍ଗଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରିୟାଂଶ ୨୦ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୫୭ ଏବଂ ପ୍ରଭସିମରନ ୨୫ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୫୧ ରନ୍ କରିଥିଲେ। ଏହାପରେ ଶ୍ରେୟସ ଆୟରଙ୍କ ସହ ନେହାଲ ୱାଧେରା ଯୋଗଦେଇ ଚତୁର୍ଥ ୱିକେଟ ଯୋଡିରୁ ୩୫ ବ୍‌ଲ ଖେଳି ୬୯ ରନ୍ ଉଠାଇଥିଲେ। ୱାଧେରା ୧୪ ବଲ୍‌ରୁ ୧୪ ରନ୍ କରି ଆଉଟ ହୋଇଥିଲେ। ଏହା ପରେ ଶ୍ରେୟସ ଓ ଶଶାଙ୍କ ସିଂ ଅବିଭକ୍ତ ୫ମ ୱିକେଟରେ ୧୬ ବଲ୍‌ରୁ ୨୬ ରନ୍ ଉଠାଇ ଦଳକୁ ଜିତାଇଥିଲେ। ଆୟର ୩୩ ବଲ୍‌ରୁ ୬୯ ରନ୍ କରି ଅପରାଜିତ ରହିଥିଲେ। ହାଇଦରାବାଦ୍‌ର ଶିବାଙ୍ଗ କୁମାର ୩ଟି ଏବଂ ହର୍ଷ ଦୁବେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ହାଇଦରାବାଦ୍ ପାଇଁ ଅଭିଷେକ ଶର୍ମା ୨୮ବଲ୍‌ରୁ ୫ ଚୌକା ଓ ୮ ଛକା ସହ ବିସ୍ଫୋରକ ୭୪, ଟ୍ରାଭିସ୍ ହେଡ୍‌ଙ୍କ ୨୩ ବଲ୍‌ରୁ ୩୮ ରନ୍ ଉଠାଇଥିଲେ। ଏମାନେ ପ୍ରଥମ ୱିକେଟରେ ୮.୧ ଓଭରରେ ୧୨୦ ରନ୍ ସଂଗ୍ରହ କରିଥିଲେ। ପରେ ଇଶାନ କିଶାନ ୧୭ବଲ୍‌ରେ ୨୭ ଓ ହେନରିକ୍ କ୍ଲାସେନ ୩୩ ବଲ୍‌ରେ ୩୯ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୨୧୯ ରନ୍ କରିଥିଲା। ଅର୍ଶଦୀପ ସିଂହ ଓ ଶଶାଙ୍କ ସିଂ ୨ଟି ଲେଖାଏଁ ୱିକେଟ ପାଇଥିଲେ।

### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଲକ୍ଷ୍ନୌ ବନାମ ଗୁଜରାଟ | ମୁମ୍ବଇ ବନାମ ବେଙ୍ଗାଲୁରୁ |
| ଭେନ୍ୟୁ-ଲକ୍ଷ୍ନୌ | ଭେନ୍ୟୁ-ମୁମ୍ବଇ |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୦ | ୮ | +୨.୦୫୫ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ | ୩ | ୨ | ୧ | ୦ | ୪ | +୧.୨୩୧ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଲକ୍ଷ୍ନୌ | ୩ | ୨ | ୧ | ୦ | ୪ | -୦.୩୫୯ |
| ହାଇଦରାବାଦ | ୪ | ୧ | ୩ | ୦ | ୨ | +୦.୦୨୪ |
| ଗୁଜରାଟ | ୩ | ୧ | ୨ | ୦ | ୨ | -୦.୨୭୦ |
| ମୁମ୍ବଇ | ୩ | ୧ | ୨ | ୦ | ୨ | -୦.୭୧୫ |
| ଚେନ୍ନଇ | ୪ | ୧ | ୩ | ୦ | ୨ | -୧.୫୩୨ |
| କୋଲକାତା | ୪ | ୦ | ୩ | ୧ | ୧ | -୧.୩୧୫ |

## ଆର୍‌ସିବିର ବଡ଼ ରେକର୍ଡ

ଗୌହାଟୀ, ୧୧।୪ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚଳିତ ଆଇପିଏଲ୍‌ରେ ପ୍ରଥମ ପରାଜୟବରଣ କରିଛି। ଗତକାଲି ବର୍ଷାପରା ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ଆର୍‌ସିବକୁ ମାତ୍ ଦେଇଥିଲା। ଆର୍‌ସିବି ପକ୍ଷରୁ ଧାର୍ଯ୍ୟ ୨୦୨ ରନର ଲକ୍ଷ୍ୟକୁ ରାଜସ୍ଥାନ ୧୮ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ରାଜସ୍ଥାନର ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୧୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହ ୨୬ ବଲରେ ୭୮ ରନର ବିସ୍ଫୋରକ ପାଳି ଖେଳିଥିଲେ। ପରାଜୟ ସତ୍ତ୍ୱେ ରଜତ ପଟିଦାରଙ୍କ ଦଳ ଏହି ମ୍ୟାଚରେ ଏକ ବଡ଼ ରେକର୍ଡ କରିଛି। ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ଆର୍‌ସିବି ୧୦୦ ରନ ମଧ୍ୟରେ ୬ ୱିକେଟ୍ ହରାଇବା ସତ୍ତ୍ୱେ ୨୦୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା। ଆରସିବି ଇନିଂସର ୧୧ ଓଭର ସୁଦ୍ଧା ୬ ୱିକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। ତେବେ ଶେଷ ୯ ଓଭରରେ ୧୦୭ ରନ କରିବାରୁ ଦଳୀୟ ସ୍କୋର ୮ ୱିକେଟରେ ୨୦୧ ରନରେ ପହଞ୍ଚିଥିଲା। ପୂର୍ବରୁ ୧୦୦ ରନ ମଧ୍ୟରେ ୬ ୱିକେଟ୍ ହରାଇବା ସତ୍ତ୍ୱେ ସର୍ବାଧିକ ଦଳଗତ ସ୍କୋର ପଞ୍ଜାବ କିଙ୍ଗ୍‌ସ (୧୮୩ ରନ ବନାମ ମୁମ୍ବାଇ ୨୦୨୪) ନାମରେ ରହିଥିଲା।

## ଗୁଜରାଟ ବ୍ୟାଟିଂ ବନାମ ଲକ୍ଷ୍ନୌ ପେସ୍

ଲକ୍ଷ୍ନୌ,୧୧।୪(ଏଜେନ୍ସି): ଗୁଜରାଟ ଟାଇଟାନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ମଧ୍ୟରେ ଆସନ୍ତାକାଲି ଆଇପିଏଲ୍‌ର ୧୯ତମ ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଉଭୟ ଦଳ ୩ଟି ଲେଖାଏଁ ମ୍ୟାଚ୍ ଖେଳିଛନ୍ତି। ଏହା ମଧ୍ୟରୁ ଲକ୍ଷ୍ନୌ ୨ଟିରେ ଓ ଗୁଜରାଟ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ୩ଟି ମ୍ୟାଚ୍‌ରେ ଗୁଜରାଟର ପ୍ରଥମ ୩ଜଣ ବ୍ୟାଟର ଶୁବମନ ଗିଲ୍, ସାଇ ସୁଦର୍ଶନ ଓ ଜୋସ୍ ବଟଲର ଯେପରି ସଫଳତା ପାଇଛନ୍ତି, ଠିକ୍ ସେହିପରି ଲକ୍ଷ୍ନୌର ପେସ ବୋଲର ମହମ୍ମଦ୍ ସାମି, ପ୍ରିନ୍ସ ଯାଦବ ଓ ଆଭେଶ ଖାନ୍ ସେହିଭଳି ସଫଳ ହୋଇଛନ୍ତି। ଏଲ୍‌ଏସ୍‌ଜିର ପେସ୍ ବୋଲରମାନେ ପାୱାର ପ୍ଲେ'ରେ ୮ ରନ୍ ଲେଖାଏଁ ଦେଇଛନ୍ତି। ଏଣୁ ଗୁଜରାଟ ବ୍ୟାଟର ଏମାନଙ୍କୁ କିପରି ମୁକାବିଲା କରିବେ ତାହାର ଯୋଜନା କରାଯାଇଛି। ଋଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ଦୁଇଟି ମ୍ୟାଚ୍ ଜିତିଥିଲାବେଳେ ଗୁଜରାଟ ଚାପରେ ରହିଛି।

## ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

# ୬୧ ବର୍ଷ ପରେ ଭାରତୀୟ ଭାବେ ଫାଇନାଲରେ ଆୟୁଷ



ନିଙ୍ଗବୋ, ୧୧।୪ (ଏଜେନ୍ସି): ଚାଇନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ର ୪୩ତମ ସଂସ୍କରଣରେ ଭାରତର ଆୟୁଷ ସେଟ୍ଟୀ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଆୟୁଷ ୧୦-୨୧, ୨୧-୧୯, ୨୧-୧୭ ଗେମରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ପ୍ୟାରିସ ଅଲିମ୍ପିକ ରୌପ୍ୟ ବିଜେତା ଥାଇଲାଣ୍ଡର କୁନଲାଭଟ ଭିତିଦର୍ଶନଙ୍କୁ ହରାଇ ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି। ବିଜୟ ସହ ଆୟୁଷ ଟୁର୍ଣ୍ଣାମେଣ୍ଟ ଇତିହାସରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ପ୍ରଥମ ଓ ଏକମାତ୍ର ଭାରତୀୟ ଭାବେ ୬୧ ବର୍ଷ ତଳେ ୧୯୬୫ରେ ଦୀନେଶ ଖାନ୍ନା ବ୍ୟାଡ୍‌ମିଣ୍ଟନ ଏସିଆ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚି ଚାମ୍ପିଅନ ହୋଇଥିଲେ। ଅନ୍ୟ ଭାରତୀୟ ସଟଲର୍‌ଙ୍କ ମଧ୍ୟରେ ଦୀନେଶ (୧୯୬୯), ସୁରେଶ ଗୋଏଲ (୧୯୬୫), ପ୍ରକାଶ ପାଦୁକୋନ (୧୯୭୬), ପୁଲେଲା ଗୋପୀଚାନ୍ଦ (୨୦୦୦), ଅନୁପ ଶ୍ରୀଧର (୨୦୦୭) ଓ ଏଚଏସ୍ ପ୍ରଣୟ (୨୦୧୮) ଏଠାରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

ବିଶ୍ୱ ମାନ୍ୟତାର ୨୫ତମ ସ୍ଥାନରେ ରହିଥିବା ଆୟୁଷ ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦ୍ୱିତୀୟ ସିଡ୍ ଚାଇନାର ଶି ୟୁକ୍ୱି'ଙ୍କୁ ଭେଟିବେ। ୨୦ ବର୍ଷୀୟ ଆୟୁଷ ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ବିପର୍ଯ୍ୟୟ ଘଟାଇଛନ୍ତି। ଏଥିପୂର୍ବରୁ ସେ ବିଶ୍ୱର ୭ ନମ୍ବର ଖେଳାଳି ଚାଇନାର ଲି ଶି ଫେଙ୍ଗଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ରାଉଣ୍ଡ-୧୬ରେ ବିଶ୍ୱର ୨୦ ନମ୍ବର ଖେଳାଳି ଚାଇନିଜ ତାଇପେଇର ଚି ୟୁ ଜେନଙ୍କୁ ଏବଂ କ୍ୱାର୍ଟରରେ ୪ ନମ୍ବର ମାନ୍ୟତା ଜୋନାଥନ କ୍ରିଷ୍ଟିଙ୍କୁ ହରାଇଥିଲେ।

## ମାଲେସିଆ ଓପନ୍: ପ୍ରତ୍ୟାଶା ଜିତିଲେ ୨ୟ ରୌପ୍ୟ



ଭୁବନେଶ୍ୱର, ୧୧।୪ (ସମିସ): ଓଡ଼ିଶାର ଉଦୀୟମାନ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ୱାଲାଲୁମ୍ପୁରର ନ୍ୟାସନାଲ ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୬୮ତମ ମାଲେସିଆ ଓପନ୍ ସୁଇମିଂ ଚାମ୍ପିଅନସିପ୍‌ରେ ଦ୍ୱିତୀୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୨୦.୫୫ ସେକେଣ୍ଡରେ ଦୂରତା ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥିପୂର୍ବରୁ ପ୍ରତ୍ୟାଶା ଗତକାଲି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ କ୍ରମାଗତ ଦୁଇ ଦିନରେ ଦୁଇଟି ରୌପ୍ୟ ଜିତି ପ୍ରତ୍ୟାଶା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

## ପ୍ରଥମ ସର୍ବଭାରତୀୟ ଇନଡୋର ରୋଇଂ

# ୧୯ ପଦକ ଜିତି ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୧୧।୪ (ସମିସ): କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଶେଷ ହୋଇଥିବା ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଛି। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଓଡ଼ିଶା ରୋୟରମାନେ ମୋଟ୍ ୧୯ଟି ପଦକ ଜିତିଛନ୍ତି। ଯେଉଁଥିରେ ୧୧ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ପ୍ରଥମ ଦିବସରେ ଓଡ଼ିଶା ୮ ସ୍ୱର୍ଣ୍ଣ ସହ ୧୪ଟି ପଦକ ବିଜୟୀ ହୋଇଥିଲା। ଶନିବାର ଦ୍ୱିତୀୟ ଦିବସରେ ଓଡ଼ିଶା ୩ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ସହ ଆଉ ୫ଟି ପଦକ ଜିତିଥିଲା। ୨୩ ବର୍ଷରୁ କମ୍ ପୁରୁଷ ରିଲେ-୪ରେ ରାହୁଲ ରାଥୋଡ, ସୁମିତ ଚୌଧୁରୀ ଓ ହଂସରାଜ ଓ କପିଶ କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମଞ୍ଜୁ କୁମାରୀ, ସଞ୍ଜୁ କୁମାରୀ, ଅନୁଷ୍କା ପଟେଲ ଓ ମନୀଷା ଚୌଧୁରୀଙ୍କୁ ନେଇ ଗଠିତ ଏଲିଟ ମହିଳା ରିଲେ-୪ ଦଳ ମଧ୍ୟ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା। ମହିଳା ରିଲେ-୪ରେ ସୋନାଲି ସ୍ୱାଇଁ, ନେହା, ଦୀକ୍ଷା ଓ ପବିତ୍ରା ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସାଂସଦ କେପି ସିଂହଦେଓ



ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ରାଜ୍ୟ ରୋଇଂ ସଂଘର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ପ୍ରଥମଥର ଲାଗି ବିନା ପାଣି ଓ ଡଙ୍ଗାରେ ଅଭିନବ ଢଙ୍ଗରେ ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଭାରତରୁ ୩୫୦ ପୁରୁଷ ଓ ୨୫୦ ମହିଳା ରୋୟର ଅଂଶଗ୍ରହଣ କରିଥିଲେ।

## ଆଇଏସଏଲ୍-୧୨: ଓଡ଼ିଶା ଏଫ୍‌ସିର ୩ୟ ପରାଜୟ

ଭୁବନେଶ୍ୱର, ୧୧।୪ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ ତୃତୀୟ ପରାଜୟବରଣ କରିଛି। ଗତକାଲି ରାତିରେ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଏଫ୍‌ସି ଗୋଆ ୩-୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ହରାଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ବିଜୟୀ ଦଳ ପକ୍ଷରୁ ଡେଜାନ ଡ୍ରାଜିସ, ପୋଲ୍ ମୋରେନୋ ଓ ବ୍ରିସନ ଫର୍ଣ୍ଣାଣ୍ଡିଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୭ ମିନିଟ)ରେ ଓଡ଼ିଶା ଏଫ୍‌ସିର ଭିପି ସୁହେର ଏକମାତ୍ର ଗୋଲଟି ଶୁଝିଥିଲେ। ଅଷ୍ଟମ ମ୍ୟାଚରୁ ୩ୟ ବିଜୟ ସହ ଗୋଆ ୧୩ ପଏଣ୍ଟ ପାଇ ଷଷ୍ଠ ସ୍ଥାନକୁ ଉଠିଛି। ଅପରପକ୍ଷରେ ଓଡ଼ିଶା ଏଫ୍‌ସି ଷଷ୍ଠ ମ୍ୟାଚରୁ ୩ୟ ପରାଜୟ ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ୧୪ ଦଳୀୟ ଟେବଲ୍ ତାଲିକାର ଏକାଦଶ ସ୍ଥାନରେ ରହିଛି।

## ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

# ପଦକ ବିଜେତା କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୧।୪ (ସମିସ): ଛତିଶଗଡ଼ର ରାୟପୁରରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ପ୍ରଥମ ସଂସ୍କରଣରେ ପଦକ ବିଜେତା କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର କିଟ୍ ଓ କିସ୍ ପରିସରରେ ଏକ ସମ୍ବର୍ଦ୍ଧନ ଉତ୍ସବ ଆୟୋଜିତ କରାଯାଇଥିଲା। ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜେତା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କିସ୍ ଏହି ପ୍ରତିଯୋଗିତାରେ ମୋଟ୍ ୨୯ଟି ପଦକ ଜିତିଥିଲା। ଯେଉଁଥିରେ ୯ଟି ସ୍ୱର୍ଣ୍ଣ, ୮ଟି



ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ରହିଛି। ଅଞ୍ଜଳି ମୁଣ୍ଡା ସନ୍ତରଣରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କୁ ସର୍ବାଧିକ ଏକ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। କିଟ୍ ଓ କିସ୍‌ର ପିଲାମାନେ ଆହୁରି କଠିନ ପରିଶ୍ରମ କରି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଆମର ଲକ୍ଷ୍ୟ ରହିଛି ବୋଲି ପ୍ରଫେସର ସାମନ୍ତ ଏହି ଅବସରରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ମୋଟ୍ ୧୨୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ କିଟ୍ ଓ କିସ୍‌ରୁ ୪୮ଜଣ ପ୍ରତିଯୋଗୀ ରହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଓ ଗ୍ଲେନମାର୍କ ସନ୍ତରଣ କୋଚ୍ ଅବଦୁଲ ହୁସେନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଇଣ୍ଡିଆନ ଓପନ୍: ଅନିମେଶଙ୍କୁ ଡବଲ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୧।୪ (ସମିସ): ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ୍ ଆଥଲେଟିକ୍ସ ସିରିଜ-୩ ପ୍ରତିଯୋଗିତାରେ ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ଡବଲ୍ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି। ଅନିମେଶ ଉଭୟ ପୁରୁଷ ୧୦୦ ଓ ୨୦୦ ମିଟର ରେସରେ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ୧୦୦ ମିଟର ରେସକୁ ଅନିମେଶ ୧୦.୨୮ ସେକେଣ୍ଡରେ ଫିନିଶ କରିଥିଲେ। ସେହିଭଳି ୨୦୦ ମିଟର ଦୂରତାକୁ ସେ ୨୦.୭୪ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଆଥଲେଟ୍ ଦିବ୍ୟା ସାଣ୍ଡିଲ୍ୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ହାମର ଥ୍ରୋ ଇଭେଣ୍ଟରେ ଦିବ୍ୟା ଏହି ସଫଳତା ପାଇଛନ୍ତି। ଦିବ୍ୟା ୫୫.୫୩ ମିଟର ହାମର ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS